ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର
Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ ସଂଖ୍ୟା-୫୬ | ସୋମବାର | ୧୯ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-56 | Monday | 19 May 2025 | Bhubaneswar | Pages-8 | Rs. 2.00

## ଜିଲ୍ଲାର ପ୍ରକଳ୍ପ ଗୁଡ଼ିକୁ ଅଧିକ ତ୍ୱରାନ୍ୱିତ ଗତିରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ




ବୌଦ୍ଧ, ୧୮।୫ (ହି.ସ): ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲା ଗସ୍ତ କରି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରି ବୈଠକରେ ନିଜର ସନ୍ତୋଷ ପ୍ରକାଶ କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ, ବୌଦ୍ଧ ଜିଲ୍ଲାବାସୀଙ୍କୁ ଉନ୍ନତ ଗମନାଗମନ ସୁବିଧା ଉପଲବ୍ଧ କରିବା ପାଇଁ ପ୍ରାୟ ୨୮ କୋଟି ଟଙ୍କା ମୂଲ୍ୟର ସଡ଼କ ପ୍ରକଳ୍ପ ପାଇଁ ନିକଟରେ ଶିଳାନ୍ୟାସ ଦିଆଯାଇଛି। ଖୁବ୍‌ଶୀଘ୍ର ବୌଦ୍ଧରେ ଏକ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବୌଦ୍ଧର ନୂଆ ବସ୍‌ଷ୍ଟାଣ୍ଡ ଏବଂ ବୌଦ୍ଧ ରେଳଷ୍ଟେସନ କାର୍ଯ୍ୟ ପ୍ରାୟତଃ ସଂପୂର୍ଣ୍ଣ ହୋଇଛି। ଖୁବ୍‌ଶୀଘ୍ର ଏହି ସବୁ ପ୍ରକଳ୍ପ ଗୁଡ଼ିକ ଉଦ୍‌ଘାଟନ ହେବା ପାଇଁ ଯାଉଛି ବୋଲି ବୈଠକର ଆଲୋଚନାରୁ ଜଣାଯାଇଛି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। ବୌଦ୍ଧ ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବୌଦ୍ଧ ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା ରାସ୍ତା ଓ ପୋଲ ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହା ସହିତ ଜନ ଶୁଣାଣି, ଭତ୍ତା ବଣ୍ଟନ, ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କ ପରିଦର୍ଶନ, ମଧ୍ୟାହ୍ନ ଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦିରେ ଉଲ୍ଲେଖନୀୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି। କିଛି ପ୍ରକଳ୍ପରେ ବିଳମ୍ବ ହେଉଥିବା ଜଣାପଡୁଛି। ମୁଁ ନିର୍ଦ୍ଦେଶ ଦେଉଛି ଯେ ସମସ୍ତ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବା ଆବଶ୍ୟକ। ସେହିପରି, କାର୍ଯ୍ୟର ଗୁଣବତ୍ତା ସହ କୌଣସି ଆପୋଷ ବୁଝାମଣା କରାଯିବ ନାହିଁ। ଗୁଣବତ୍ତା ଯାଞ୍ଚ ପାଇଁ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡ଼ି କରାଯାଉ। ବିକାଶ କାର୍ଯ୍ୟ ସଫଳ ହେବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଯାଉ ଏବଂ ସେମାନଙ୍କ ମତାମତକୁ ଗ୍ରହଣ କରାଯାଉ। ଏହା ଦ୍ୱାରା ପ୍ରକଳ୍ପଗୁଡ଼ିକ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ • ପୃଷ୍ଠା ୭ ଦେଖନ୍ତୁ...

## ଶ୍ରୀମନ୍ଦିର ସମ୍ପତ୍ତି ପାଇଁ ଗାଇଡଲାଇନ ଆଣିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### କଡାକଡି ଅନୁପାଳନ କରିବ ଶ୍ରୀମନ୍ଦିର ପ୍ରଶାସନ



ପୁରୀ, ୧୮।୫ (ଡିକେ ନ୍ୟୁଜ୍): ଶ୍ରୀମନ୍ଦିର ସମ୍ପତ୍ତି ହସ୍ତାନ୍ତର ପାଇଁ ଗାଇଡଲାଇନ ଆଣିବାକୁ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଗନ୍ନାଥ ମନ୍ଦିରର ସମ୍ପତ୍ତିର ସୁରକ୍ଷା ଏବଂ ପରିଚାଳନା ସମ୍ପର୍କରେ ହାଇକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ମନ୍ଦିରର ସମ୍ପତ୍ତିର ବିକ୍ରୟ, ଲିଜ୍, ହସ୍ତାନ୍ତର ଏବଂ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ସ୍ପଷ୍ଟ କରାଯାଇଛି। ଏଥିପାଇଁ ନିର୍ଦ୍ଦେଶନାମା ପ୍ରସ୍ତୁତ କରିବାର ଆବଶ୍ୟକତା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି। ଶ୍ରୀମନ୍ଦିରର ସମ୍ପତ୍ତି ବିବାଦ ସହିତ ଜଡିତ ଏକ ମାମଲାର ଶୁଣାଣି କରି ବିଚାରପତି ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଠିତ ଏକ ଡିଭିଜନ ବେଞ୍ଚ ଏହି ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅନୁଷ୍ଠାନର ଲୋଲୁପ ଦୃଷ୍ଟିକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଛି। ଶ୍ରୀମନ୍ଦିର ଭୂସମ୍ପତ୍ତି ଗୁଡିକର କମ୍ପ୍ୟୁଟରୀକରଣ ସହ ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ରାଜ୍ୟ ସରକାରଙ୍କ ସମାନ ନୀତିରେ ଜମିର ସୁରକ୍ଷା କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ। ଏହି ମାମଲାରେ ମାନ୍ୟବର କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଗାମୀ ଦିନରେ ଶ୍ରୀମନ୍ଦିରର ଭୂସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକ ସାଜିବ ଏବଂ ଏହାକୁ କଡାକଡି ଭାବେ ଅନୁପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବଦ୍ଧପରିକର ବୋଲି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ସୂଚନା ଯୋଗ୍ୟ ଖୋର୍ଦ୍ଧା ଜିଲ୍ଲା ଜଟଣି ତହସିଲ କନ୍ତିଆ ମୌଜାର ବହୁମୂଲ୍ୟ ୧୫ ଏକର ଜମିକୁ ନେଇ ନିର୍ଦ୍ଦିଷ୍ଟ ଏକ ସଂସ୍ଥା ପକ୍ଷରୁ ଦାଏର ଏହି ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିସନ ଦାଖଲ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ଥିବାବେଳେ, ନିଜେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଅଦାଲତରେ ହାଜର ହୋଇ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସ୍ୱାର୍ଥ ରକ୍ଷା ପାଇଁ ପକ୍ଷ ରଖିଥିଲେ। ଆଡଭୋକେଟ୍ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାମଲାର ପରିଚାଳନା କରୁଥିଲେ।

## ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଥିବା ଶକ୍ତିଙ୍କୁ ଦଣ୍ଡ ଦେବା ପାକିସ୍ତାନ ପାଇଁ ଥିଲା ଅକଳ୍ପନୀୟ, ଅବିଶ୍ୱସନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୫ (ଡିକେ ନ୍ୟୁଜ୍): ଅପରେସନ ସିନ୍ଦୁରରେ ଆମ ସେନା ବାହିନୀର ପରାକ୍ରମ ଓ ଶୌର୍ଯ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ଆଜି କେବଳ ବୌଦ୍ଧ ନୁହେଁ ଭୁବନେଶ୍ୱର ନୁହେଁ, ଓଡ଼ିଶାର ପ୍ରତ୍ୟେକ ଗାଁରେ ଏହି ଅସୀମ ପରାକ୍ରମର ସିନ୍ଦୁର ଶୋଭାଯାତ୍ରା ହେଉଛି ଏବଂ ଏହା ଆତଙ୍କବାଦ ବିରୋଧରେ ସରକାରଙ୍କର ଶୂନ୍ୟ ସହନଶୀଳତା ନୀତିକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲାର ସରସରା ଗ୍ରାମ ଠାରେ ଆୟୋଜିତ ସିନ୍ଦୁର ଶୋଭାଯାତ୍ରାରେ କହିଥିଲେ। ସୂଚନା ଯୋଗ୍ୟ ଯେ, ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ମହିଳା ଯୋଗ ଦେଇ ହାତରେ ତ୍ରିରଙ୍ଗା ପତାକା ଧରି ଜୟ ହିନ୍ଦ, ଭାରତ ମାତା କି ଜୟ ଧ୍ୱନୀରେ ଚାଲି ଚାଲି ଏହି ଯାତ୍ରା ସମ୍ପୂର୍ଣ୍ଣ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ମୁଖ୍ୟମନ୍ତ୍ରୀ ଙ୍କ ସମେତ, ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ଶ୍ରୀ ସରୋଜ କୁମାର ପ୍ରଧାନ, ବିଧାୟକ, କଂଟାମାଳ, ଶ୍ରୀ କହ୍ନାଇ ଚରଣ ଡାଙ୍ଗ ମଧ୍ୟ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଅପରେସନ ସିନ୍ଦୁର ଅନେକ ପ୍ରକାରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପ୍ରଥମେ, ୧୯୭୧ ପରେ ପାକିସ୍ତାନର ସୀମା ଭିତରେ ଏମିତି ପ୍ରଚଣ୍ଡ ଆକ୍ରମଣ କେବେ ହୋଇନଥିଲା। ପେହେଲଗାମ ଠାରୁ ବି ଅଧିକ ଭୟଙ୍କର ନରସଂହାର ମୁମ୍ବାଇରେ ହୋଇଥିଲା। କିନ୍ତୁ, ସୀମାପାର ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଥିବା ଶକ୍ତିଙ୍କୁ ତାଙ୍କ ମାଟିରେ ଦଣ୍ଡ ଦେବା ପାକିସ୍ତାନ ପାଇଁ ଥିଲା ଅକଳ୍ପନୀୟ, ଅବିଶ୍ୱସନୀୟ। ମାନନୀୟ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କହିଛନ୍ତି ଯେ ଭାରତରେ ଯେ କୌଣସି ଆତଙ୍କବଦୀ ଆକ୍ରମଣକୁ ଦେଶ ବିରୁଦ୍ଧରେ ଯୁଦ୍ଧ ପରି ଧରାଯିବ। ଆମ ସେନା ଆଗରୁ ବି ସମର୍ଥ ଥିଲା, କିନ୍ତୁ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଅନେକ ଭାରତୀୟଙ୍କୁ ସେମାନଙ୍କ ଜୀବନ ଦେଇ ମୂଲ୍ୟ ଦେବାକୁ ପଡିଥିଲା। କିନ୍ତୁ, ବାସ୍, ଆଉ ନୁହେଁ। ଭାରତ ନିଜେ ସମର୍ଥ ଏପରି • ପୃଷ୍ଠା ୭ ଦେଖନ୍ତୁ...

## ଭୁବନେଶ୍ୱରରେ ଖୋଲିବ ଏନଆଇଏ ଶାଖା

ଭୁବନେଶ୍ୱର, ୧୮।୫ (ଡିକେ ନ୍ୟୁଜ୍): ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଶାଖା ଖୋଲିବ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଭୁବନେଶ୍ୱର ଏନଆଇଏ ଶାଖା ପ୍ରାରମ୍ଭିକ ଭାବେ ଭିଏସଏସ ନଗରରେ କାମ କରିବ। ଜଣେ ଏସପି ପାହ୍ୟାର ଅଧିକାରୀ ଏନଆଇଏ ଶାଖାର ମୁଖ୍ୟ ରହିବେ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ହେଉଛି ଭାରତର କେନ୍ଦ୍ରୀୟ ଆତଙ୍କବାଦ ବିରୋଧୀ ଆଇନ ପ୍ରବର୍ତ୍ତନ ସଂସ୍ଥା, ଯାହା ୨୦୦୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରାଥମିକ ଭୂମିକା ହେଉଛି ଆତଙ୍କବାଦ ସହିତ ଜଡିତ ଅପରାଧ ଏବଂ ଜାତୀୟ ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟଗୁଡ଼ିକର ତଦନ୍ତ ଏବଂ ବିଚାର କରିବା। ଏନଆଇଏ ମଧ ଆତଙ୍କବାଦୀ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ଉପରେ ଲକ୍ଷ୍ୟ ରଖିଥାଏ। ଜାତୀୟ ତଦନ୍ତ ସଂସ୍ଥାର ସାରା ଭାରତରେ ୧୯ଟି ଶାଖା କାର୍ଯ୍ୟାଳୟ ଅଛି। ଏନଆଇଏ ମୁଖ୍ୟାଳୟ ନୂଆଦିଲ୍ଲୀରେ ଅବସ୍ଥିତ। ଦେଶର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦ ବିପଦକୁ ମୁକାବିଲା କରିବା ପାଇଁ ଏହି ଶାଖା କାର୍ଯ୍ୟାଳୟଗୁଡ଼ିକ ରଣନୀତିକ ଭାବରେ ଅବସ୍ଥିତ। ହାଇଦ୍ରାବାଦ, ଗୌହାଟୀ, କୋଚି, ଲକ୍ଷ୍ନୌ, ମୁମ୍ବାଇ, କୋଲକାତା, ରାୟପୁର, ଜମ୍ମୁ, ଚଣ୍ଡିଗଡ଼, ରାଞ୍ଚି, ଚେନ୍ନାଇ, ଇମ୍ଫାଲ, ବେଙ୍ଗାଲୁରୁ, ପାଟନା, ଜୟପୁର, ଭୋପାଳ ଏବଂ ଅହମ୍ମଦାବାଦ ଏନଆଇଏ ଶାଖା କାର୍ଯ୍ୟାଳୟ ରହିଛି। ଏବେ ଏନଆଇଏ ଶାଖା କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲିବା ନେଇ ନିଷ୍ପତ୍ତି ନିଆଯାଇଛି।

## କୋଠାରେ ଲାଗିଲା ନିଆଁ: ୮ ଶିଶୁଙ୍କ ସମେତ ୧୭ ଜୀବନ୍ତ ଦଗ୍ଧ

ହାଇଦ୍ରାବାଦ, ୧୮।୫ (ହି.ସ): ହାଇଦ୍ରାବାଦର ଐତିହାସିକ ସ୍ମାରକ 'ଚାରମୀନାର' ନିକଟରେ ଏକ କୋଠାରେ ନିଆଁ ଲାଗି ଯିବାରୁ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୮ଜଣ ଶିଶୁ ଅଛନ୍ତି। ମୃତକମାନେ ହେଉଛନ୍ତି, ପ୍ରହଲ୍ଲାଦ (୭୦), ମୁନ୍ନି (୭୦), ରାଜେନ୍ଦ୍ର (୬୫), ସୁମିତ୍ରା (୬୦), ହମେୟ (୭), ଅଭିଷେକ, (୩୧), ଶୀତଲ (୩୫), ପ୍ରିୟାଂଶ (୪), ଇରାଜ (୨), ଆରୁଷି (୩), ଋଷବ (୪), ପ୍ରଥମ (୧), ଅନୁୟାନ (୩), ବର୍ଷା (୩୫), ପଙ୍କଜ (୩୬), ରଜନୀ (୩୨) ଓ ଇଦ୍ଦୁ (୪)। ରବିବାର ସକାଳ ସାଢେ ୫ଟାରୁ ୬ଟା ମଧ୍ୟରେ ଏହି କୋଠାରେ ନିଆଁ ଲାଗିଥିଲା। ଏହି କୋଠାରେ ଉଭୟ ଦୋକାନ ଓ ଆବାସିକ ଘର ରହିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ନିଆଁ ବହୁମାତ୍ରାରେ ବ୍ୟାପୀ ଯାଇଥିଲା। ମୋଟ ୧୧ଟି ଦମକଳକୁ ନିଆଁ ଲିଭାଇବା କାର୍ଯ୍ୟରେ ଲଗାଯାଇଥିଲା। ଅଗ୍ନିଶମ ବାହିନୀ ୧୭ ଜଣଙ୍କୁ ସେହି କୋଠାରୁ ଉଦ୍ଧାର



କରିଥିଲା। ସେମାନଙ୍କ ମଧ୍ୟରୁ ଯେଉଁମାନେ ଆହତ ହୋଇଛନ୍ତି, ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ ବାହିନୀ କହିଛି, ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସେହିପରି କେତେ ସଂପତ୍ତି ନଷ୍ଟ ହୋଇଛି, ତା'ର ଆକଳନ କରାଯାଇନାହିଁ। ଅନ୍ୟପକ୍ଷରେ ଘଟଣାସ୍ଥଳକୁ ଆସିଥିବା କେନ୍ଦ୍ର ମନ୍ତ୍ରୀ ଜି.କୃଷ୍ଣ ରେଡ୍ଡୀ କହିଥିଲେ, ଶର୍ଟ ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣା ପାଇଁ ମୁଁ କାହାକୁ ଦୋଷ ଦେଉ ନାହିଁ। କିନ୍ତୁ ହାଇଦ୍ରାବାଦ ଭଳି ଏକ ବିକାଶଶୀଳ ସହରରେ ପୁଲିସ, ମ୍ୟୁନିସିପାଲିଟି, ଅଗ୍ନିଶମ ବାହିନୀ ଓ ବିଦ୍ୟୁତ ବିଭାଗଗୁଡ଼ିକ ଆହୁରି ଦୃଢ ହେବା ଉଚିତ। ଘଟଣାସ୍ଥଳରେ ତେଲଙ୍ଗାନା ମନ୍ତ୍ରୀ ପି.ପ୍ରଭାକର ପହଞ୍ଚିଥିଲେ। ସେ ସେଠାରେ ଉପସ୍ଥିତ ରହି ଉଦ୍ଧାରକାର୍ଯ୍ୟ ଉପରେ ନଜର ରଖିଥିଲେ। ସେ କହିଥିଲେ, ସକାଳ ପ୍ରାୟ ୬ଟା ବେଳେ ନିଆଁ ଲାଗିଥିଲା। ୬ଟା ୧୬ ସୁଦ୍ଧା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲା। ସେମାନେ ସମସ୍ତଙ୍କୁ ବଞ୍ଚାଇବାକୁ ପାରୁ ପର୍ଯ୍ୟନ୍ତ ପ୍ରୟାସ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ନିଆଁ ବହୁତ ଜୋରରେ ବ୍ୟାପୀ ସାରିଥିଲା। ତେଣୁ ଏହି କୋଠାରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ମୃତକଙ୍କ ପରିବାର ଲୋକଙ୍କୁ • ପୃଷ୍ଠା ୭ ଦେଖନ୍ତୁ...




## ୨୨ ସୁଦ୍ଧା ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୧୮।୫ (ହି.ସ): ଆସନ୍ତା ୨୨ତାରିଖ ବେଳକୁ ଆରବସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ମେ' ୨୧ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ଆରବସାଗର ଏବଂ କର୍ଣ୍ଣାଟକ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ସମ୍ଭାବ୍ୟ ଘୂର୍ଣ୍ଣିବଳୟ ୨୨ତାରିଖ ବେଳକୁ ପୂର୍ବ-କେନ୍ଦ୍ରୀୟ ଆରବସାଗର ଏବଂ କର୍ଣ୍ଣାଟକ ଉପକୂଳରେ ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ସମୟରେ ସମ୍ଭାବ୍ୟ ଲଘୁଚାପ ଉତ୍ତର ଦିଗରେ ଗତି କରିବାର ସମ୍ଭାବନା ରହିଛି। ଶନିବାର ଅପରାହ୍ଣରେ କନ୍ଧମାଳ, ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲ୍ଲାର କିଛି ଅଞ୍ଚଳରେ ବିଜୁଳି ଘଡଘଡି ସହିତ ବର୍ଷା ହୋଇଥିଲା। ଘଣ୍ଟାପ୍ରତି ୩୦ରୁ ୪୦କି.ମି. ବେଗରେ ପବନ ବହିଥିଲା। ଗତ ଦୁଇଦିନ ହେଲା ରାଜ୍ୟରେ କାଳବୈଶାଖୀ ପ୍ରଭାବରୁ ତାପମାତ୍ରା କମିଛି। ସମସ୍ତ ଅଞ୍ଚଳରେ ଦିନ ତାପମାତ୍ରା ୪୦ଡିଗ୍ରୀ ତଳକୁ ଖସିଛି। ସମ୍ବଲପୁରରେ ପାରଦ ୩୯.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଖୋର୍ଦ୍ଧା, ବଲାଙ୍ଗିର, ବରଗଡ ଏବଂ ଟିଟିଲାଗଡରେ ୩୯.୫ଡିଗ୍ରୀ ଲେଖାଏଁ, ନୂଆପଡା, ବୌଦ୍ଧ ଏବଂ ସୁବର୍ଣ୍ଣପୁରରେ ୩୯ଡିଗ୍ରୀ ଲେଖାଏଁ ରହିଛି। ଭୁବନେଶ୍ୱରରେ ୩୮.୪ ଏବଂ କଟକରେ ୩୬.୬ଡିଗ୍ରୀ ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ବଲାଙ୍ଗିର, କୋରାପୁଟ, ରାୟଗଡା ଏବଂ ଗଜପତି ଜିଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଉପରୋକ୍ତ ଜିଲ୍ଲାଗୁଡିକ ମଧ୍ୟରୁ କିଛି ଅଞ୍ଚଳରେ ଘଣ୍ଟାପ୍ରତି ୩୦ରୁ ୪୦କି.ମି ବେଗରେ ପବନ ବହିପାରେ। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। କିନ୍ତୁ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ ଏବଂ ବୌଦ୍ଧ ଜିଲ୍ଲାର କିଛି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିପାରେ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଇସ୍ରୋର ୧୦୧ତମ ଉତ୍‌କ୍ଷେପଣରେ ତ୍ରୁଟି



ଶ୍ରୀହରିକୋଟା, ୧୮।୫ (ହି.ସ): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ପିଏସଏଲଭି-ସି୬୧ ଉତ୍‌କ୍ଷେପଣ କରିଥିଲା। ଯାହା ଇଓଏସ-୦୯ (ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟ୍-୦୯)କୁ ଏସଏସପିଓ କକ୍ଷପଥକୁ ନେଇଯିବାକୁ ଯାଉଥିଲା। କିନ୍ତୁ ଏହି ମିସନରେ ଇସ୍ରୋ ସଫଳତା ପାଇ ପାରି ନାହିଁ। ଇଓଏସ-୦୪ର ଏକ ଦ୍ୱୈତ ଉପଗ୍ରହ, ଓଇଏସ-୦୯, ଦୂର ସେନ୍ସିଂ ତଥ୍ୟ ସୁନିଶ୍ଚିତ କରିବା ଏବଂ କାର୍ଯ୍ୟକ୍ଷମ ପ୍ରୟୋଗରେ ନିୟୋଜିତ ଉପଭୋକ୍ତା ବର୍ଗଙ୍କ ପାଇଁ ପର୍ଯ୍ୟବେକ୍ଷଣର ଫ୍ରିକ୍ୱେନ୍ସିକୁ ଉନ୍ନତ କରିବା ଲକ୍ଷ୍ୟରେ ଡିଜାଇନ୍ କରାଯାଇଛି। ଇସ୍ରୋ ପିଏସଏଲଭି-ସି ୬୧ ଉତ୍‌କ୍ଷେପଣ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଏହାର ପ୍ରଦର୍ଶନ ସ୍ୱାଭାବିକ ରହିଥିଲା। ଇସ୍ରୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛି ଯେ, ଆଜି ୧୦୧ତମ ଉତ୍‌କ୍ଷେପଣ ପ୍ରୟାସ ଥିଲା, ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ପିଏସଏଲଭି-ସି ୬୧ର କାର୍ଯ୍ୟଦକ୍ଷତା ସ୍ୱାଭାବିକ ଥିଲା। ତୃତୀୟ ପର୍ଯ୍ୟାୟରେ ପର୍ଯ୍ୟବେକ୍ଷଣ ଯୋଗୁ ମିସନ ସମାପ୍ତ ହୋଇପାରିଲା ନାହିଁ। ପିଏସଏଲଭି-ସି ୬୧ର ଉଡ଼ାଣ କ୍ରମରେ ବିଭିନ୍ନ ପର୍ଯ୍ୟାୟ ରହିଛି। ଯାହା ଭୂମିରେ ପିଏସ-୧ ଏବଂ ପିଏସଏମଓର ପ୍ରଜ୍ୱଳନ ଠାରୁ ଆରମ୍ଭ କରି ବିଭିନ୍ନ ଅଂଶକୁ ପୃଥକ କରିବା ଏବଂ ଶେଷରେ ରକେଟରୁ ଉପଗ୍ରହକୁ ପୃଥକ କରିବା ପର୍ଯ୍ୟନ୍ତ ପର୍ଯ୍ୟାୟ ରହିଥାଏ। ରବିବାର ଉତ୍‌କ୍ଷେପଣ ପରେ ବୈଜ୍ଞାନିକମାନଙ୍କୁ ସମ୍ବୋଧିତ • ପୃଷ୍ଠା ୭ ଦେଖନ୍ତୁ...



# ପରିବା କମିଲା : ଅଟା, ଚିନି, ସୁଜି, ନଡ଼ିଆ ତେଲ ମହଙ୍ଗା



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** କିଛି ମାସ ତଳେ ପିଆଜ, ଅଦା, ରସୁଣ ଦର ମହଙ୍ଗା ଥିଲା। ଏବେ ପୂର୍ବ ତୁଳନାରେ ଏସବୁର ଦର କମିଛି। ରସୁଣ କେଜି ୪୦୦ଟଙ୍କାରୁ ଖସି ୧୦୦ଟଙ୍କାରେ ପହଞ୍ଚିଛି। ଅଦା ପୂର୍ବରୁ କେଜି ୨୫୦ଟଙ୍କାରେ ବିକ୍ରି ହେଉଥିଲା। ଏବେ କେଜି ୭୦ଟଙ୍କା। ପିଆଜ ୨୫, ଆଳୁ ୨୦ଟଙ୍କାରେ ବିକ୍ରି ହେଉଛି। ହେଲେ ହାଣ୍ଡିଶାଳରେ ମହଙ୍ଗା ମାଡ଼ର ପ୍ରଭାବ କମିନି। ଏଇଥିପାଇଁ ଯେ ଇତିମଧ୍ୟରେ ଅଟା, ସୁଜି, ମଇଦା, ଚିନି, ଜିରା, ଫୁଟଣ, ନଡ଼ିଆ ତେଲ ଦାମ୍ ହଠାତ୍ ବଢ଼ିଯାଇଛି। ଖାଉଟିଙ୍କୁ ଏସବୁ ଢେର୍ ବାଧୁଛି। ଦୁଇସପ୍ତାହ ତଳେ ବଜାରରେ ନଡ଼ିଆ ତେଲ ୨୦୦ ଏମ୍ଏଲକୁ ଥିଲା ୭୦ଟଙ୍କା। ଏବେ ତାହା ୯୦ଟଙ୍କାକୁ ବଢ଼ିଛି। ଅର୍ଥାତ୍ ଲିଟର ପିଛା ବୃଦ୍ଧି ପାଇଛି ୧୦୦ଟଙ୍କା। ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟ। ଏଣୁ ଏଠାରେ ନଡ଼ିଆ ତେଲ ଦର ମହଙ୍ଗା ହେବା ସ୍ୱାଭାବିକ ଭାବେ ଲୋକଙ୍କୁ ବାଧୁଛି। ସେହିଭଳି ସୋରିଷ ତେଲ ଦାମ୍ ଲିଟର ୧୫୫ରୁ ବିକି ୧୬୫ଟଙ୍କା ହୋଇଛି। ରିଫାଇନ୍ ଲିଟର ବି ୧୦ଟଙ୍କା ବି ୧୭୦ଟଙ୍କା ହୋଇଛି। ବଜାରରେ ବିଭିନ୍ନ ମସଲା ଦାମ୍ ଉଚ୍ଚା ରହିଛି। ଜିରା ୧୦୦ଗ୍ରାମକୁ ୪୦ଟଙ୍କା ଥିଲା। ସପ୍ତାହେ ହେଲା ଏହା ୫୦ଟଙ୍କାରେ ବିକ୍ରି ହେଉଛି। ନୂଆ ମାଲ୍‌ରେ ୧୦୦ ଗ୍ରାମ୍ ଦାମ୍ ୭୦ ଟଙ୍କା ହେଲାଣି। ଅର୍ଥାତ୍ ଦୁଇ ଦିନ ପରେ ଖାଉଟି ଜିରା ୧୦୦ ଗ୍ରାମ୍ ଉପରେ ଆହୁରି ୨୦ ଟଙ୍କା ଅଧିକ ଗଣିବେ। ଫୁଟଣ ଦାମ୍ ବି ୧୦୦ଗ୍ରାମ୍‌ରେ ୧୦ଟଙ୍କା ବଢ଼ିଯାଇଛି। କେନ୍ଦ୍ର ସରକାର କହୁଛନ୍ତି ଦେଶରେ ଗହମ ଯୋଗାଣରେ ନିଅଣ୍ଟିଆବସ୍ଥା ନାହିଁ। କିନ୍ତୁ ଗହମ ଉତ୍ପାଦିତ ସାମଗ୍ରୀ ଦାମ୍ ହୁହୁ ହୋଇ ବଢ଼ି ଚାଲିଛି। ମାସକ ମଧ୍ୟରେ ଅଟା ୫କେଜି ପ୍ୟାକେଟ୍ ଉପରେ ୧୫ରୁ ୨୦ଟଙ୍କା ବଢ଼ିଗଲାଣି। ସୁଜି କେଜି ୬୦ରୁ ୭୦ଟଙ୍କା, ମଇଦା ୫୦ରୁ ୬୦ଟଙ୍କା ବଢ଼ିଲାଣି। ସାଧାରଣତଃ ମଧ୍ୟବିତ୍ତ ପରିବାର ଲୋକ ଜଳଖିଆରେ ଯେଉଁ ରୁଟି, ଉପମା ଖାଆନ୍ତି ତାହା ଉପରେ ଏବେ ପ୍ରଭାବ ପଡ଼ିଛି। ଗହମ, ବୁଟ ଦାମ୍ ମଧ୍ୟ ବିଥିବାରୁ ଛତୁଆ କିଣି ଖାଇବା ସମସ୍ତଙ୍କ ପକ୍ଷେ ସମ୍ଭବପର ହେଉନି। କେବଳ ଏତିକି ନୁହେଁ, ରାଜ୍ୟ ସରକାର ରାସନ୍ କାର୍ଡ ହିତାଧିକାରୀଙ୍କୁ ଗହମ ଦେଉନାହାନ୍ତି। କେନ୍ଦ୍ରରୁ ଗହମ ଆସୁନଥିବା କଥା କହି କର୍ତ୍ତୃପକ୍ଷ ସମୟ ଟାଳୁଛନ୍ତି। ଯେଉଁ ଡାଇବେଟିସ୍ ରୋଗୀ, ବୟସାଧିକ ଲୋକ ରାତିରେ ରୁଟି ଖାଉଥିଲେ ସେମାନେ ବି ଅଟା, ସୁଜି କିଣି ଖାଇପାରୁନାହାନ୍ତି। ବଜାର ଦର ଏବେ ସମସ୍ତଙ୍କୁ ଦୁଇ ଓଳି ଭାତ ଖାଇବାକୁ ଏକରକମ ବାଧ୍ୟ କରିଦେଇଛି। ଏହାବାଦ୍ ସବୁ ଖାଦ୍ୟ ଓ ପାନୀୟରେ ଚିନି ବ୍ୟବହାର ହେଉଥିବାବେଳେ ଏବେ ଚିନି କ୍ୱିଣ୍ଟାଲ୍ ପାଖାପାଖି ୩୦୦ଟଙ୍କା ବଢ଼ିଯାଇଛି। ସପ୍ତାହେ ତଳେ ଚିନି କେଜି ୪୫ଟଙ୍କା ଥିବାବେଳେ ଏବେ ୪୮, ସ୍ଥଳବିଶେଷରେ ୫୦ଟଙ୍କା ହେଲାଣି। ଅପରପକ୍ଷେ ସପ୍ତାହକ ତଳେ ଆଳୁ ବସ୍ତା ୫୦୦ଟଙ୍କା ଥିବାବେଳେ ଏବେ ବସ୍ତା ପିଛା ୩୦୦ଟଙ୍କା ବଢ଼ିଯାଇଛି। ଅର୍ଥାତ୍ ବସ୍ତା ୮୦୦ଟଙ୍କାରେ ମିଳୁଛି। ସବୁ ଦର ବଢ଼ିବା ନେଇ ବ୍ୟବସାୟୀ ଦୀପ୍ତିରଂଜନ ସାହୁ କହିଛନ୍ତି, ବଜାର ଦର ହଠାତ୍ ବଢ଼ିଯାଇଛି। ମାର୍ଚ୍ଚ, ଏପ୍ରିଲରେ ଦରଦାମ୍ ଟିକେ କମିଥିଲା। ଅର୍ଥାତ୍ ୭/୮ମାସ ତଳେ ଯେଉଁ ଦର ଥିଲା ସେହି ଦରକୁ ଫେରିଥିଲା। କିନ୍ତୁ ଏବେ ସବୁ ସଉଦା ସାମଗ୍ରୀ ବଢ଼ିଯାଇଛି। ଆମେ ଉଚ୍ଚା ଦାମରେ କିଣୁଛୁ ମାନେ ତ ଉଚ୍ଚାରେ ବିକିବୁ। ଆଳୁ କିଛି ଦିନ ଦାମ୍ କମ୍ ଥିଲା। ବଜାରରେ ନୂଆ ଆଳୁ ଥିବାରୁ ବସ୍ତା ୫୦୦ ଟଙ୍କାରେ କିଣୁଥିଲୁ। ବହୁତ ଶଢ଼ା ବାହାରୁଥିବାରୁ ୧୮ରୁ ୨୦ଟଙ୍କାରେ ବିକୁଥିଲୁ। ଏବେ ଶଢ଼ା ଟିକେ କମିଛି, କିନ୍ତୁ ଦାମ୍ ଏକାବେଳେ ବସ୍ତାକୁ ୩୦୦ଟଙ୍କା ବି ୮୦୦ ଟଙ୍କା ହୋଇଛି। ଏବେ କେଜି ପିଛା ସେହି ୨୦ଟଙ୍କାରେ ବିକୁଛୁ, କିନ୍ତୁ ଆଗକୁ ଆଳୁ ଆହୁରି ବଢ଼ିବ, କମିବନି। କାରଣ ଜୁନ୍ ମାସ ବେଳକୁ ଆଳୁ ଦର ଯେତିକି ବଢ଼ିବା କଥା ଚଳିତବର୍ଷ ତାହା ମେ’ ମାସରୁ ବଢ଼ିଲାଣି। ସରକାର ଏବେଠୁ ଆଳୁ କଥା ଚିନ୍ତା ନ କଲେ ଏଥର ଆଳୁ ଦର ନିୟନ୍ତ୍ରଣ ବାହାରକୁ ଚାଲିଯିବ। ସେହିପରି ଓଡ଼ିଶା ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ପାଇକାରୀ ବଜାରରେ ସବୁ ଦାମ୍ ଠିକଠାକ୍ ଅଛି। କେଣସି ସାମଗ୍ରୀ ଦାମ୍ ଚିନ୍ତାଜନକ ହେଲାଭଳି ବଢ଼ିନି। ଖୁଚୁରା ବଜାରରେ ଯଦି ଦାମ୍ ବଢ଼ିଛି ତେବେ ସରକାର ଏ ନେଇ ପଦକ୍ଷେପ ନିଅନ୍ତୁ।

# ଆସିବ ନୂଆ ୨୦ ଟଙ୍କିଆ ନୋଟ୍

## ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଦସ୍ତଖତ ରହିବ




**ନୂଆଦିଲ୍ଲୀ,(ହି.ସ):** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ନୂଆ ୨୦ ଟଙ୍କିଆ ନୋଟ୍ ଜାରି କରିବ। ମହାତ୍ମାଗାନ୍ଧୀ (ନୂଆ) ସିରିଜରେ ଏହି ନୋଟଗୁଡ଼ିକ ଆସିବ। ଏଥିରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଦସ୍ତଖତ ରହିବ। ବର୍ତ୍ତମାନ ପ୍ରଚଳନରେ ଥିବା ୨୦ ଟଙ୍କିଆ ନୋଟ୍ ଭଳି ନୂଆ ନୋଟଗୁଡିକ ରହିବ। ମାତ୍ର ଏଥିରେ କେବଳ ଗଭର୍ଣ୍ଣରଙ୍କ ଦସ୍ତଖତ ଭିନ୍ନ ରହିବ। ଲୋକଙ୍କ ଚିହ୍ନିବା ଏବଂ ବ୍ୟବହାର କରିବାରେ ଯେଭଳି କୌଣସି ଦ୍ୱନ୍ଦ୍ୱ- ନ ରୁହେ, ସେ ଦିଗକୁ ଧ୍ୟାନରେ ରଖାଯାଇଛି। ସେହିଭଳି ପୂର୍ବରୁ ଜାରି ହୋଇଥିବା ୨୦ଟଙ୍କିଆ ନୋଟଗୁଡ଼ିକ ପ୍ରଚଳନ ଜାରି ରହିବ ବୋଲି ଆରବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ବିହାରର ନବାଦାରେ ସଡକ ଦୁର୍ଘଟଣା: ୩ ମୃତ

**ନବାଦା,(ହି.ସ):** ବିହାରର ନବାଦା ଜିଲ୍ଲାର ନଗର ଥାନା ଅନ୍ତର୍ଗତ କକୋନିଆ ଠାରେ ରବିବାର ଦିନ ଏକ ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ଦୁଇଜଣ ଗୁରୁତର ଭାବେ ଆହତ ହୋଇଛନ୍ତି, ସେମାନଙ୍କୁ ଗ୍ରାମବାସୀଙ୍କ ସହଯୋଗରେ ପାବାପୁରୀ ମେଡିକାଲ୍ କଲେଜକୁ ନିଆଯାଇଛି। ନବାଦା ଜିଲ୍ଲାର ନରହଟ ଥାନା ଅନ୍ତର୍ଗତ ଛୋଟି ପାଲି ଗ୍ରାମର ବାସିନ୍ଦା ପୂର୍ବତନ ଉପମୁଖିଆ ପଙ୍କଜ ଚନ୍ଦ୍ରବଂଶୀ, ନନ୍ଥୁ ଚନ୍ଦ୍ରବଂଶୀ ଓ କାରୁ ଚନ୍ଦ୍ରବଂଶୀ ବରଯାତ୍ରୀରୁ ଫେରିବା ବେଳେ ଘଟିଥିବା ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ତାଙ୍କର ଭାଇ ଦୁର୍ଗା ଚନ୍ଦ୍ରବଂଶୀ ଓ ଜୟନନ୍ଦନ ଚନ୍ଦ୍ରବଂଶୀ ଗୁରୁତର ଆହତ ହୋଇଛନ୍ତି, ତାଙ୍କୁ ପାପାପୁରୀ ହସ୍ପିଟାଲରେ ଚିକିତ୍ସା ପାଇଁ ପଠାଯାଇଛି।



# ନୂଆଦିଲ୍ଲୀରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କୁ ଔପଚାରିକ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ



**ନୂଆଦିଲ୍ଲୀ,(ହି.ସ):** ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଶନିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହଙ୍କୁ ନୂଆଦିଲ୍ଲୀରେ ଔପଚାରିକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ କେନ୍ଦ୍ର ଓ ରାଜ୍ୟସରକାର ମଧ୍ୟରେ ଜାତୀୟ ସୁରକ୍ଷାକୁ ମଜବୁତ କରିବାର ବୁଝାମଣା ପ୍ରତିବଦ୍ଧତାକୁ ରେଖାଙ୍କିତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏହି ସାକ୍ଷାତର ସୂଚନା ସୋସିଆଲ ମିଡିଆରେ ସେୟାର କରି ପ୍ରତିରକ୍ଷା ମନ୍ତ୍ରୀଙ୍କ ଦୂରଦର୍ଶୀ ଓ ମଜବୁତ ନେତୃତ୍ୱ ଶୈଳୀର ପ୍ରଶଂସା କରିଛନ୍ତି । ସେ ଲେଖିଛନ୍ତି ଯେ, ତାଙ୍କ ଦୃଢ ନେତୃତ୍ୱ ଭାରତରର ପ୍ରତିରକ୍ଷା କ୍ଷମତା ଓ ରଣନୈତିକ ଦୃଷ୍ଟିକୋଣକୁ ଲଗାତର ଭାବେ ସଶକ୍ତ କରୁଛି। ସାକ୍ଷାତ ସମୟରେ ଉଭୟ ନେତାଙ୍କ ମଧ୍ୟରେ ପ୍ରମୁଖ ପ୍ରତିରକ୍ଷା ସହିତ ଜଡିତ ପଦକ୍ଷେପ ଓ ଭବିଷ୍ୟତର ପ୍ରସ୍ତୁତିକୁ ନେଇ ଗୁରୁତର ଚର୍ଚ୍ଚା ହୋଇଛି।

# ଓଡ଼ିଶାର ସ୍କୁଲ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ: ରାଜ୍ୟସରକାରଙ୍କ ଉଦ୍ୟମକୁ କଲେ ପ୍ରଶଂସା

**ନୂଆଦିଲ୍ଲୀ,(ହି.ସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାର ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି ଯେଉଁଥିରେ ରାଜ୍ୟରେ ସ୍କୁଲ ଶିକ୍ଷାର ବିଭିନ୍ନ ପଦକ୍ଷେପ ଉପରେ ବିସ୍ତାର ଭାବେ ଆଲୋଚନା କରାଯାଇଛି । ବୈଠକରେ ସ୍କୁଲ ଭିତ୍ତିଭୂମିର ଉନ୍ନତ, ପାଠ୍ୟପୁସ୍ତକ ବିକାଶ, ଶିକ୍ଷକ ପ୍ରଶିକ୍ଷଣ ଓ ଜାତୀୟ ଶିକ୍ଷା ନୀତି ୨୦୨୦ର କ୍ରିୟାନ୍ୱୟନ ପରି ବିଷୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। କେନ୍ଦ୍ରୀୟ ମନ୍ତ୍ରୀ ଓଡିଶା ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ ଦ୍ୱାରା ଚାଲୁଥିବା ଘରେ ଘରେ ସର୍ବେକ୍ଷଣ କାର୍ଯ୍ୟକ୍ରମର ପ୍ରଶଂସା କରିଛନ୍ତି, ଯାହାକି ବିଦ୍ୟାଳୟ ଛାଡ଼ିଦେଇଥିବା ଶିଶୁମାନଙ୍କୁ ଚିହ୍ନଟ କରିବା ପାଇଁ କରାଯାଉଛି। ସେ କହିଛନ୍ତି ଯେ, ଏହି ପଦକ୍ଷେପ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟଧାରାରେ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ନିଜ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, ‘ଓଡିଶାରେ ଡବଲ ଇଞ୍ଜିନ ସରକାର ମିଶନ ମୋଡ୍‌ରେ କାମ କରୁଛି, ଯାହା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଶିକ୍ଷାର ସାର୍ବଜନୀନ ପହଂଚିବା ସୁନିଶ୍ଚିତ ହେଉ, ସମାନତାକୁ ବୃଦ୍ଧି ମିଳୁ ଏବଂ ଶିଶୁମାନଙ୍କର ପୋଷଣ ଓ ଶିକ୍ଷାଗତ ମାନଦଣ୍ଡରେ ସୁଧାର ଆଣୁ।’ ସମୀକ୍ଷାରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଓ ସମଗ୍ର ଶିକ୍ଷା ପରି ପ୍ରମୁଖ ଯୋଜନାଗୁଡ଼ିକର ପ୍ରଗତି ବିଷୟରେ ଆଲୋଚନା ହୋଇଛି । ଏହାସହିତ, ନୂତନ ଜାତୀୟ ପାଠ୍ୟକ୍ରମ ଢଂଚା ଅନୁଯାୟୀ ପାଠ୍ୟପୁସ୍ତକ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପ୍ରତି ଜୋର ଦିଆଯାଇଛି। ବିଶେଷତଃ ଓଡିଶାର ସ୍ଥାନୀୟ ଓ ସାଂସ୍କୃତିକ ବିଶେଷତାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପ୍ରୟାସକୁ ବି ପ୍ରଶଂସା କରାଯାଇଛି, ଯାହା ଛାତ୍ରଛାତ୍ରୀଙ୍କୁ ରାଜ୍ୟର ପରିଚୟ ସହିତ ଯୋଡିହୋଇ ଶିଖିବାର ପ୍ରକ୍ରିୟାକୁ ଅଧିକ କାର୍ଯ୍ୟକାରୀ କରାଯାଇପାରିବ।କେନ୍ଦ୍ର ମନ୍ତ୍ରୀ ଏହା ବି ଆଶ୍ୱସ୍ତ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡିଶାର ଶିକ୍ଷା ପ୍ରଣାଳୀକୁ ୨୧ତମ ଶତାବ୍ଦୀର ଆବଶ୍ୟକତା ଅନୁଯାୟୀ ଆଧୁନିକ ଓ ପ୍ରଗତିଶୀଳ କରିବା ପାଇଁ ସଂପୂର୍ଣ୍ଣ ଭାବେ ପ୍ରତିବଦ୍ଧ। ସେ କହିଛନ୍ତି, ‘ଆମେ ବିକାଶଶୀଳ ଓଡିଶା ଓ ବିକାଶଶୀଳ ଭାରତ ଲକ୍ଷ୍ୟ ପ୍ରତି ନିରନ୍ତର କାର୍ଯ୍ୟ କରୁଛୁ।’




# କୋଲକାତାରୁ କୁଖ୍ୟାତ ବାଂଲାଦେଶୀ ଜଳଦସ୍ୟୁ ଗିରଫ

**କୋଲକାତା ,(ହି.ସ):** ମହାନଗର କୋଲକାତାର ନ୍ୟୁ ଟାଉନ ଅଂଚଳରୁ ଜଣେ ବାଂଲାଦେଶୀ ଜଳଦସ୍ୟୁଙ୍କୁ ପୋଲିସ ଗିରଫ କରିଛି।ପୋଲିସ ସୁତ୍ରରୁ ମିଳିଥିବା ସୁଚନା ଅନୁଯାୟୀ ଗିରଫ ବ୍ୟକ୍ତିଙ୍କ ନାମ ମଜନୁ ଗାଜୀ।ତାଙ୍କ ସହିତ ଅନ୍ୟ ଜଣେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ପାଲିସ ସୁତ୍ର ଅନୁଯାୟୀ ଉତ୍ତର ୨୪ ପରଗନା ଜିଲ୍ଲା ଅନ୍ତର୍ଗତ ରହଡା ଥାନା ପୋଲିସକୁ ସୁଚନା ମିଳିଥିଲା ଯେ କୁଖ୍ୟାତ ବାଂଲାଦେଶୀ ଡକାୟତ ମଜନୁ ଗାଜୀ ପଶ୍ଚିମବଙ୍ଗରେ ରହୁଛି।ସେ ବାଂଲାଦେଶର ସୁନ୍ଦରବନର ବିଭିନ୍ନ ଜଳପଥରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ଲୁଟୁଥିଲେ।ପ୍ରାୟ ଏକ ବର୍ଷ ଧରି ସେ ରହଡା ଥାନା ଅଂଚଳରେ କୌଣସି ସ୍ଥାନରେ ଲୁଚି ରହିଛି।ତଦନ୍ତ ପରେ ଅଭିଯୁକ୍ତ ନ୍ୟୁ ଟାଉନରେ ରହୁଥିବାର ଜଣାପଡିଥିଲା। ଏହାପରେ ପୋଲିସ ଶନିବାର ରାତିରେ ସେଠାରେ ଚଢାଉ କରି ମଜନୁ ଗାଜୀଙ୍କୁ ଗିରଫ କରିଥିଲା।ତାଙ୍କ ନିକଟରୁ ଏକ ପାଇପ ଗନ ଏବଂ ଏକ କ୍ୟାଟ୍ରିଜ ଉଦ୍ଧାର କରାଯାଇଛି।ମଜନୁଙ୍କୁ ପଚରାଉଚରା ପରେ ପୋଲିସ ରବିବାର ସକାଳେ ରହଡା ଥାନା ଅଂଚଳରୁ କମାଲ ଶେଖ ନାମକ ଅପରାଧୀଙ୍କୁ ଗିରଫ କରାଯାଇଥିଲା।

# ମୁମ୍ବାଇ ବିମାନ ବନ୍ଦରରୁ ଆଇଏସଆଇଏସର ଦୁଇ ଜଣଙ୍କୁ ଗିରଫ

**ମୁମ୍ବାଇ,(ହି.ସ) :** ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଶନିବାର ମୁମ୍ବାଇ ବିମାନବନ୍ଦରରୁ ଦୁଇ ଜଣଙ୍କୁ ଇସଲାମିକ ଷ୍ଟେଟ ଅଫ୍ ଇରାକ୍ ଆଣ୍ଡ ସିରିୟା (ଆଇଏସଆଇଏସ)ର ଫେରାର୍ ଦୁଇ ଜଣ ପୁରସ୍କାର ଘୋଷିତ ସଦସ୍ୟଙ୍କୁ ଗିରଫ କରିଛି । ସେମାନେ ହେଲେ ଅବଦୁଲ ଫୈୟାଜ ଶେଖ ଏବଂ ତହ୍ଲା ଲିୟାକତ ଖାନ । ଏମାନେ ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ର ସ୍ଲିପର ମଡ୍ୟୁଲ ର ପ୍ରମୁଖ ସଦସ୍ୟ ରୂପେ କାମ କରୁଥିଲେ । ଏନଆଇଏ ଟିମ୍ ସମ୍ପୃକ୍ତ ଦୁଇ ଜଣଙ୍କୁ ପଚରା ଉଚୁରା ଜାରି ରଖିଛି। ଏନଆଇଏ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ଆଇଏସଆଇଏସ ର ଦୁଇ ଅଭିଯୁକ୍ତ ମହାରାଷ୍ଟ୍ରର ପୁନେରେ ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ ଡିଭାଇସ୍ (ଆଇଇଡି)ର ନିର୍ମାଣ ଏବଂ ପରୀକ୍ଷଣ ସହିତ ଜଡ଼ିତ ୨୦୨୩ ର ଏକ ମାମଲା ସହିତ ଜଡ଼ିତ ଅଛନ୍ତି । ସମ୍ପୃକ୍ତ ଦୁଇ ଜଣଙ୍କୁ ଫେରାର୍ ଅପରାଧୀ ଘୋଷିତ କରାଯାଇଥିଲା । ଏବଂ କେନ୍ଦ୍ରୀୟ ଏଜେନ୍ସୀ ଦୁହିଁଙ୍କ ଗିରଫଦାରୀ ନିମନ୍ତେ ସୂଚନା ପ୍ରଦାନକାରୀଙ୍କୁ ୩ ଲକ୍ଷ ଲେଖାଏଁ ନଗଦ ପୁରସ୍କାର ରାଶି ପ୍ରଦାନ ପାଇଁ ଘୋଷଣା କରିଥିଲା । ଏହି ଦୁଇ ଅଭିଯୁକ୍ତ ଇଣ୍ଡୋନେସିୟାର ଜକାର୍ତାରେ ଲୁଚିଥିଲେ । ଏମାନେ ମୁମ୍ବାଇ ଫେରିବା ନେଇ ଗୋପନୀୟ ସୂଚନା ମିଳିଥିଲା । ତାହାକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ପୂର୍ବକ ଆବ୍ରଜନ ବ୍ୟୁରୋ ମୁମ୍ବାଇ ବିମାନବନ୍ଦର (ଟର୍ମିନାଲ-୨)ରୁ ଦୁଇ ଜଣଙ୍କୁ ଧରିଥିଲା। ଏହାପରେ ଦୁହିଁଙ୍କୁ ତୁରନ୍ତ ଏନଆଇଏ ଟିମ୍ ଗିରଫ କରିଛି।

# ମେଘାଳୟ- ସୋସିଆଲ ମିଡିଆରେ ଭାରତ ବିରୋଧୀ ପୋଷ୍ଟ କରିବା ଅଭିଯୋଗରେ ଦୁଇ ଗିରଫ

**ଶିଲଙ୍ଗ,(ହି.ସ):** ସୋସିଆଲ ମିଡିଆରେ ଭାରତ ବିରୋଧୀ ସାମଗ୍ରୀ ପୋଷ୍ଟ କରିବା ଅଭିଯୋଗରେ ମେଘାଳୟ ପୋଲିସ ଦୁଇ ପାକିସ୍ତାନୀ ପ୍ରେମୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଉତର ଗାରୋ ପାହାଡ ଜିଲ୍ଲାର ବାସିନ୍ଦା । ଶିଲଙ୍ଗ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ଦ୍ୱାରା ମେ ୧୫ରେ ରୁଜୁ କରାଯାଇଥିବା ଏଫଆଇଆର ଆଧାରରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା । ଶନିବାର ଉତର ଗାରୋ ପାହାଡ ଜିଲ୍ଲାର ବାଝଗଡୋବା ଥାନା ଅନ୍ତର୍ଗତ ଦୁଇଟି ଗାଁରେ ରେଡ୍ କରି ଉଭୟଙ୍କୁ ଗିରଫ କରାଯାଇଛି ।

# ମେକ୍ସିକୋ ନୌସେନାର ଜାହାଜ ବ୍ରିଜ ସହ ଧକ୍କା, ୨ ମୃତ, ୧୯ ଆହତ

**ନ୍ୟୁୟର୍କ,(ହି.ସ) :** ଆମେରିକାର ନ୍ୟୁୟର୍କରେ ବଡ ଦୁର୍ଘଟଣା ଘଟିଛି । ମେକ୍ସିକୋ ନୌସେନାର ଟ୍ରେନିଂ ଜାହାଜ ବ୍ରୁକଲିନ ବ୍ରିଜରେ ଧକ୍କା ହୋଇଛି । ନ୍ୟୁୟର୍କ ସିଟିର ମେୟର ଏରି‘ ଏଡମ୍ସ କହିଛନ୍ତି ଯେ, ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୯ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି । ନ୍ୟୁୟର୍କ ‘।ୟାର ଡିପାର୍ଟମେଣ୍ଟ ମୁତାବକ ଦୁର୍ଘଟଣା ଶନିବାର ବିଳମ୍ବିତ ରାତିରେ ହୋଇଛି । ଦୁର୍ଘଟଣାର ତୁରନ୍ତ ପରେ ରେସକ୍ୟୁ ଅପରେସନ ଆରମ୍ଭ କରାଯାଇଥିଲା । ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାର କାରଣ କଣ ତାର ତଦନ୍ତ ଚାଲିଛି । ଏହି ନୌସେନା ଜାହାଜ ନୌସୈନିକ କ୍ୟାଡେଟଙ୍କୁ ଟ୍ରେନିଂ ଦେବା ପାଇଁ ବ୍ୟବହାର କରାଯାଇଥାଏ । ଏଥିରେ ପ୍ରାୟ ୨୭୭ ଲୋକ ଥିଲେ, ଯେଉଁଥିରେ ନାବିକ, ଅଧିକାରୀ ଓ କ୍ୟାଡେଟ୍ ବି ସାମିଲ ଥିଲେ ।

# ଉତ୍ତରାଖଣ୍ଡ ଗସ୍ତରେ ଭାଜପାର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା

**ଡେରାଡୁନ,(ହି.ସ) :** ଭାରତୀୟ ଜନତା ପାର୍ଟୀ(ଭାଜପା)ର ରାଷ୍ଟ୍ରୀୟ ସଭାପତି ଏବଂ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଉତ୍ତରାଖଣ୍ଡ ଦୁଇ ଦିନିଆ ଗ୍ରସ୍ତରେ ରବିବାରଡେରାଡୁନ ପହଁଚିଥିଲେ।ଏହି ସମୟରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଏବଂ ରାଜ୍ୟ ସଭାପତି ମହେନ୍ଦ୍ର ଭଟ୍ଟ ଜାଲିଗ୍ରାଣ୍ଟ ଏୟାରପୋର୍ଟରେ ତାଙ୍କର ସ୍ୱାଗତ କରିଥିଲେ।ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ସୋଶିଆଲ ମିଡିଆରେ ଜାରି ପୋଷ୍ଟରେ ଲେଖିଛନ୍ତି ଯେ ରାଷ୍ଟ୍ରୀୟ ସଭାପତିଙ୍କୁ ହାଉସ ଅଫ ହିମାଳୟାଜର ଉତ୍ପାଦଗୁଡିକ ଉପହାର ଦିଆଯାଇଥିଲା। ଏହା ସହିତ ତାଙ୍କୁ ଆମର ମାତୃଶକ୍ତି ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆତ୍ମନିଯୁକ୍ତି କ୍ଷେତ୍ରରେ କରାଯାଉଥିବା ଅଭୁତପୁର୍ବ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ମାତୃଶକ୍ତିର ଅକ୍ଳାନ୍ତ ପରିଶ୍ରମ ,ଦେବଭୂମିର ଶୁଦ୍ଧ ଏବଂ ଗୁଣବତ୍ତାପୁର୍ଣ୍ଣ ସ୍ଥାନୀୟ ଉତ୍ପାଦର ହାଉସ ଅଫ ହିମାଳୟାଜ ସଂଗ୍ରହ ଅଟେ।



# ୧୭ତମ ଲଂଗକାବି ପ୍ରଦର୍ଶନୀରେ ଯୋଗଦେବାକୁ ମାଲେଶିଆ ଯିବେ ପ୍ରତିରକ୍ଷା ରାଜ୍ୟ ମନ୍ତ୍ରୀ

**ନୂଆଦିଲ୍ଲୀ, (ହି.ସ.):** ପ୍ରତିରକ୍ଷା ରାଜ୍ୟ ମନ୍ତ୍ରୀ ସଞ୍ଜୟ ସେଠ ମଇ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ମାଲେଶିୟାର ଲଂଗକାବିରେ ଆୟୋଜିତ ହେବାକୁ ଥିବା ଲଂଗକାବି ଆନ୍ତର୍ଜାତିକ ସମୁଦ୍ର ଓ ଆକାଶ ପ୍ରଦର୍ଶନୀ (ଏଲଆଇଏମଏ ୨୦୨୫)ର ୧୭ତମ ସଂସ୍କରଣରେ ଭାରତୀୟ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେବେ । ଏଲଆଇଏମଏ ୨୦୨୫ ରେ ଏକ ଭାରତୀୟ ମଣ୍ଡପ ସ୍ଥାପିତ କରାଯାଇଛି । ପ୍ରତିରକ୍ଷା ରାଜ୍ୟ ମନ୍ତ୍ରୀ ଏହାର ଉଦ୍ଘାଟନ କରିବେ ମଝଗାଂବ ଡାକ ଶିପବିଲ୍ଡର୍ସ ଲିମିଟେଡ୍, ଭାରତ ଡାୟନେମିକ୍ସ ଲିମିଟେଡ୍, ବିଇଏମଏଲ, ହିନ୍ଦୁସ୍ଥାନ ଏରୋନୋଟିକ୍ସ ଲିମିଟେଡ୍ ଓ ଗ୍ଲାଇଡର୍ସ ଇଣ୍ଡିଆ ଲିମିଟେଡ୍ ସହିତ କେତେକ ଡିପିଏସୟୁ ତଥା ଅନ୍ୟ ଘରୋଇ ପ୍ରତିରକ୍ଷା କମ୍ପାନୀ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ ଏବଂ ଭାରତୀୟ ପ୍ରତିରକ୍ଷା ଉଦ୍ୟୋଗ ଜଗତର ସାମର୍ଥ୍ୟ ପ୍ରଦର୍ଶନ କରିବେ । ଚଳିତ ବର୍ଷ ଡୋର୍ନିୟର ବିମାନ ଏବଂ ଏକ ଭାରତୀୟ ନୌସେନା ଜାହାଜ ସହିତ ଭାରତୀୟ ପ୍ରତିରକ୍ଷା ସମ୍ପତି ମଧ୍ୟ ଲଂଗକାବି ଆନ୍ତର୍ଜାତିକ ସମୁଦ୍ର ଏବଂ ଆକାଶ ପ୍ରଦର୍ଶନୀ - ୨୦୨୫ ରେ ଭାଗ ନେବେ ।

# ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଭାରତର ମାନନୀୟ ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କୁ ତାଙ୍କ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ମାଧ୍ୟମରେ ଉପରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କୁ ସାମ୍ବିଧାନିକ ମୂଲ୍ୟ ପ୍ରତି ସମର୍ପଣ ଓ ସାର୍ବଜନୀନ ସେବା ପାଇଁ ତାଙ୍କ ପ୍ରତିବଦ୍ଧତାର ପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, 'ଭାରତର ଉପରାଷ୍ଟ୍ରପତି ଶ୍ରୀ ଜଗଦୀପ ଧନଖଡଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା । ସମ୍ବିଧାନ ପ୍ରତି ଆପଣଙ୍କ ନିଷ୍ଠା ଓ ଜନସେବା ପ୍ରତି ଆପଣଙ୍କ ପ୍ରତିବଦ୍ଧତା ଦେଶକୁ ନିରନ୍ତର ପ୍ରେରିତ କରୁଥିବ । ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ, ସୁଖ, ସମୃଦ୍ଧି ଓ ଦୀର୍ଘ ଓ ସମ୍ମାନଜନକ ଜୀବନ କାମନା କରୁଛି ।

# ନୂଆଦିଲ୍ଲୀରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ରବିବାର ନୂଆଦିଲ୍ଲୀରେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଔପଚାରିକ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଜ୍ୟର ରେଳ ଅବସଂରଚନା ଓ ସଂପର୍କ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନେଇ ରଚନାତ୍ମକ ଆଲୋଚନା ହୋଇଛି । ସିଂହଦେଓ ଏହି ସାକ୍ଷାତର ସୂଚନା ସୋସିଆଲ ମିଡିଆରେ ସେୟାର କରି ଲେଖିଛନ୍ତି, ଆଜି ନୂଆଦିଲ୍ଲୀରେ ମାନନୀୟ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ ହୋଇଛି । ରେଲୱେ ଅବସଂରଚନା ଓ ସଂପର୍କ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ସଫଳ ଆଲୋଚନା



ହୋଇଛି, ଯେଉଁଥିରେ ଓଡ଼ିଶାର ପରିବହନ ନେଟୱର୍କ ଓ ସମଗ୍ର ବିକାଶକୁ ଆଗକୁ ବଢାଇବାର ପ୍ରତିବଦ୍ଧତା ପୁଣିଥରେ ସ୍ପଷ୍ଟ ହୋଇଛି । ସାକ୍ଷାତ ସମୟରେ ଓଡ଼ିଶାରେ ରେଲୱେ ସଂପର୍କକୁ ମଜବୁତ କରିବା, ଭିତ୍ତିଭୂମି ସଂରଚନାକୁ ଉନ୍ନତ କରିବା ଓ ଚାଲୁ ଓ ପ୍ରସ୍ତାବିତ ପ୍ରକଳ୍ପକୁ ଦ୍ରୁତଗତିରେ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଉପମୁଖ୍ୟମନ୍ତ୍ରୀ ସିଂହଦେଓ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ନିରନ୍ତର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଏହାଦ୍ୱାରା ରାଜ୍ୟରେ ସମାବେଶୀ ବିକାଶ ଓ ଉନ୍ନତ ସାର୍ବଜନୀନ ପରିବହନ ସୁବିଧା ସୁନିଶ୍ଚିତ କରାଯାଇପାରିବ ।

# ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଜେପିର ମହା ମିଶ୍ରଣ ପର୍ବ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ,ବିଜେପିର ବିଚାରଧାରା ଓ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ନିଷ୍ଠାପର ଜନସେବା ପ୍ରତି ଆକୃଷ୍ଟ ହୋଇ ରାଜଧାନୀ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ୩୦ ଶତାଧିକ ଲୋକ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଆଜି ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଝାରପଡା ବିଜେପି କାର୍ଯ୍ୟାଳୟରେ ସହିଦନଗର ଅଞ୍ଚଳର ମୁଣ୍ଡାସହି ଓ ତେଲୁଗୁ ବସ୍ତିର ଶତାଧିକ ଲୋକ ଏକ ବିରାଟ ପଟୁଆରରେ ଆସି ବିଜେପିରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ଏହି ଅବସରରେ ବିଜେପି ଶ୍ରୀ ପ୍ରଧାନ ସେମାନଙ୍କୁ ସ୍ୱାଗତ କରିବା ସହ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ବିଗତ ଦିନରେ ସେମାନେ ବିଜେଡି ରେ ନାନାଦି ପ୍ରକାରରର ପ୍ରତାରଣା ଓ ମିଛ ପ୍ରତିଶୃତିରେ ଅତିଷ୍ଠ ହେବା ପରେ ପ୍ରଧାନମନ୍ତ୍ରୀ ମେଦି ଓ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜନପ୍ରିୟ ଓ ଲୋକକଲ୍ୟାଣ କାର୍ଯ୍ୟରେ ଉତ୍ସାହିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି ।ଏହି ଭାଇ ଓ ଭଉଣୀମାନେ ଦଳରେ ସାମିଲ ହେବା ଦ୍ୱାରା ଆଗାମୀ ଦିନରେ ଦଳ ଶସକ୍ତ ହେବାସହ ଏକ ମଜବୁତ ଓ ବିକାଶଶୀଳ ସମାଜ ଗଠନରେ ଏମାନଙ୍କ ଯୋଗଦାନ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ମିଶ୍ରଣ ପର୍ବରେ ୩୦ ନଂ ୱାର୍ଡରୁ ବିଜେଡି ଦଳ ଛାଡି ବିର୍ସାମୁଣ୍ଡା ୨ ବସ୍ତିର ସେବତୀ ଦିଗଲ,ସୁନନ୍ଦା ଦିଗଲ,ନମିତା ଦିଗଲ, ସୁକାନ୍ତି ଦିଗଲ,ବିଷ୍ଣୁପ୍ରିୟା ପରିଡା, ରେଣୁବାଳା ଏବଂ ତେଲୁଗୁ ସାହିରୁ ମନୋଜ ଗୋଛାୟତ,ରବୀନ୍ଦ୍ର ବେହେରା,ସନ୍ତୋସ ନାୟକ, କହ୍ନେଇ ଗୋଛାୟତ ଓ ,ରାହୁଲ ଦାସ ପ୍ରମୁଖ ବିଜେପିରେ ସାମିଲ ହୋଇଥିଲେ । ସହିଦନଗର ଅଂଚଳର ଯୁବନେତା ଆନନ୍ଦ ଦ୍ୱିବେଦି ଓ ଆଲୋକ ପୃଷ୍ଟି ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ ଓ ସ୍ୱୟମ୍ଭୁ ମୋହନ ପଟ୍ଟନାୟକ ମିଶ୍ରଣ ପର୍ବକୁ ସଂଯୋଜନା କରିଥିଲେ ।

# କାଠଯୋଡି ନଦୀରେ ବୁଡିଗଲେ ୨ ଇଞ୍ଜିନିୟର ଜଣେ ଉଦ୍ଧାର, ଜଣେ ନିଖୋଜ

**କଟକ,(ଡିକେ ନ୍ୟୁଜ):** କାଠଯୋଡି ନଦୀରେ ଗାଧୋଇବା ବେଳେ ପାଣିରେ ବୁଡି ୨ ଜଣ ଇଞ୍ଜିନିୟର ନିଖୋଜ ହୋଇଯାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଜଣକର ମୃତଦେହ ଉଦ୍ଧାର କରାଯାଇଛି । ଅନ୍ୟ ଜଣେ ଅଦ୍ୟାବଧି ନିଖୋଜ ଅଛନ୍ତି । ଆଜି ସିଡ଼ିଏ ୧୧ ନିକଟ କାଠଯୋଡି ନଦୀରେ ଏମାନେ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ । ଦୁଇ ଇଞ୍ଜିନିୟରଙ୍କ ମଧ୍ୟରୁ ଜଣକର ନାମ ରତିକେଶ ମାତାଲ ଓ ଅନ୍ୟ ଜଣକର ନାମ ରତିକ୍ ଭଞ୍ଜେ । ସେମାନଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡିଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଲା ବିଜେପି କୃଷକ ମୋର୍ଚ୍ଚା

# କାଳବୈଶାଖୀ ଜନିତ ଫସଲ କ୍ଷୟକ୍ଷତିର ସହାୟତା କୃଷକମାନଙ୍କୁ ଦେବା ଐତିହାସିକ ପଦକ୍ଷେପ : ମହେଶ୍ୱର ସାହୁ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଓଡ଼ିଶାର ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଚାଷୀ ଦରଦୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନେକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି । ଏନେଇ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି । ବିଶେଷ କରି ଲଘୁଚାପଜନିତ ଅଦିନିଆ ଝଡ଼ବର୍ଷା ଅବା କାଳବୈଶାଖୀ ଜନିତ ଫସଲ କ୍ଷୟକ୍ଷତିରେ କୃଷକମାନଙ୍କୁ ସହାୟତା ଦେବା ପାଇଁ କ୍ୟାବିନେଟ୍‌ରେ ନିଷ୍ପତି ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ସାହୁ କୃତଜ୍ଞତା ଜଣାଇଛନ୍ତି । ଏହାଛଡ଼ା ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଚାଷୀମାନଙ୍କୁ ଦେବା, ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ନିଷ୍ପତି, ସିଏମ୍ କିଶାନ ଯୋଜନାରେ ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୪ ହଜାର ଟଙ୍କା ପ୍ରଦାନ, ଆଳୁ ଚାଷ କରିବା ପାଇଁ ଚାଷୀମାନଙ୍କୁ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସେମାନଙ୍କ ନିକଟରେ କିପରି କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ପହଂଚିବ ସେ ବିଷୟରେ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏସବୁ ଦିଗରେ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାକ୍ଷତକାର ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି । ତତ୍‌ସହିତ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ବିଷୟରେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ କୃଷକମୋର୍ଚ୍ଚା ମୁଖ୍ୟଭୂମିକା ଗ୍ରହଣ କରୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । ଏହି ଆଲୋଚନା ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ ଉପସ୍ଥିତ ଥିଲେ ।

# ଜ୍ୟୋତି ମାଲହୋତ୍ରା ଲିଙ୍କ୍‌ରେ ପୁରୀର ପ୍ରିୟଙ୍କା ସେନାପତିଙ୍କୁ ପୋଲିସର ପଚରାଉଚରା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପାକିସ୍ତାନ ଗୁପ୍ତଚର ତଥା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହିତ ଲିଙ୍କ୍ ରେ ପୁରୀ କାଳୀକାଦେବୀ ସାହିର ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କୁ ପଚରା ଉଚରା କରିଛି ପୁରୀ ପୋଲିସ । ପ୍ରିୟଙ୍କାଙ୍କ ଘରେ ଅତିରିକ୍ତ ଏସପି ଓ ସିଟି ଡିଏସପି ପହଂଚି ପଚରା ଉଚରା କରିଛନ୍ତି । ସାଇବର୍ ୟୁନିଟ୍ ପକ୍ଷରୁ ମଧ୍ୟ ପ୍ରିୟଙ୍କାଙ୍କୁ ପଚରାଉଚରା କରାଯାଇଛି । ପ୍ରିୟଙ୍କାଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ଜ୍ୟୋତି ମାଲହୋତ୍ରାଙ୍କ ସହିତ ତାଙ୍କର ସମ୍ପର୍କ କଣ ରହିଥିଲା ସେନେଇ ପ୍ରିୟଙ୍କାଙ୍କୁ ଜେରା କରାଯାଇଛି । ସେଣ୍ଟ୍ରାଲ ଓ ଷ୍ଟେଟ ଇଂଟେଲିଜେନ୍ସୀ ସହିତ ଯୋଗାଯୋଗରେ ରହିଛି ପୁରୀ ପୋଲିସ । ଘଟଣାର ତଦନ୍ତ ପାଇଁ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି । ପୁରୀ ଏସପି ଭିନୀତ ଅଗ୍ରୱାଲ ଏହାର ନେତୃତ୍ୱ ନେଉଛନ୍ତି । ହରିୟାଣା ପୋଲିସ ସହିତ ଯୋଗାଯୋଗରେ ରହିଛି ଓଡ଼ିଶା ପୋଲିସ । ଜ୍ୟୋତିଙ୍କ ସହିତ ପ୍ରିୟଙ୍କା କାହିଁକି ଯୋଗାଯୋଗରେ ଥିଲେ ଏବଂ ପ୍ରିୟଙ୍କା କଣ ପାଇଁ ପାକିସ୍ତାନର କର୍ତାରପୁର ଯାଇଥିଲେ । ଏବଂ ଜ୍ୟୋତି ଗତ ୨୦୨୪ ମସିହା ସେପ୍ଟେମ୍ବର ୨୯ ତାରିଖରେ ପୁରୀ ଆସିଥିବା ବେଳେ ପ୍ରିୟଙ୍କା ତାଙ୍କ ସହିତ ବୁଲାବୁଲି କରିଥିଲେ । ସେ ପୁରୀ ଆସିଥିବା ବେଳେ ଶ୍ରୀମନ୍ଦିରକୁ ଯାଇଥିଲେ କି ନାହିଁ, କେଉଁ ହୋଟେଲରେ ରହୁଥିଲେ, କେଉଁ କେଉଁ ସ୍ଥାନକୁ ବୁଲିବାକୁ ଯାଇଥିଲେ ଏବଂ କଣ ତଥ୍ୟ ସଂଗ୍ରହ କରିଥିଲେ, ଏ ସମ୍ପର୍କରେ ପୁରୀ ପୋଲିସ ଛାନଭିନ୍ ଜାରି ରଖିଛି । ତଦନ୍ତ ନସରିବା ପର୍ଯ୍ୟନ୍ତ ପୁରୀ ଛାଡି ନଯିବାକୁ ପ୍ରିୟଙ୍କାଙ୍କୁ ନିର୍ଦ୍ଦେଶ ରହିଛି । ସମସ୍ତ ଦିଗରୁ ଏହାର ତଦନ୍ତ ଚାଲିଥିବା ପୁରୀ ଏସପି ଭିନୀତ ଅଗ୍ରୱାଲ କହିଛନ୍ତି । ପୁରୀ ଏସପି ଶ୍ରୀ ଅଗ୍ରୱାଲ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଘଟଣା ଆମ ନଜରକୁ ଆସିବା ପରେ ବର୍ତମାନ ଆମେ ଭେରିଫାଏ କରୁଛୁ । ଜ୍ୟୋତି ମାଲହୋତ୍ରା ସହିତ ପୁରୀର ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ସେଭଳି କିଛି ସମ୍ପର୍କ ରହିଛି କି, ସେନେଇ ସବୁ ଦିଗରୁ ଯାଂଚ୍ କରାଯାଉଛି । ଏହା ସହିତ ରାଜ୍ୟର ଇଂଟେଲିଜେନ୍ସ ଏଜେନ୍ସୀ ଓ ସେଣ୍ଟ୍ରାଲ ଇଂଟେଲିଜେନ୍ସ ଏଜେନ୍ସୀ ଓ ହରିୟାଣା ପୋଲିସ ସହିତ ମଧ୍ୟ ଆମେ ଯୋଗାଯୋଗରେ ରହିଛୁ । ଯାହା ବର୍ତମାନ ଜଣାପଡୁଛି ଜ୍ୟୋତି ମାଲହୋତ୍ରା ଗତ ବର୍ଷ ପୁରୀ ଆସିଥିଲେ । ପ୍ରକାଶ ଥାଉକି, ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଛନ୍ତି ଜ୍ୟୋତି ମାଲହୋତ୍ରା । ଗତକାଲି ଜ୍ୟୋତି ସମେତ ୭ ଜଣଙ୍କୁ ଗିରଫ କରିଥିଲା ପୋଲିସ ।ୁରୀ ୟୁଟ୍ୟୁବର ପ୍ରିୟଙ୍କା ସେନାପତି ନିଜ ଇନଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ରଖିଛନ୍ତି । ସେ କହିଛନ୍ତି, 'ଜ୍ୟୋତିଙ୍କୁ ୟୁଟ୍ୟୁବ ଜରିଆରେ ଜାଣିଥିଲି । ସେ କେବଳ ଜଣେ ବନ୍ଧୁ । ଜ୍ୟୋତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ କିଛି ଜାଣିନି । ଗୁଇନ୍ଦାଗିରି କରୁଥିବା କଥା ଜାଣିଥିଲେ ତାଙ୍କ ସହ କେବେ ସମ୍ପର୍କରେ ଆସି ନଥାଆନ୍ତି । କଣ୍ଟେଣ୍ଟ କ୍ରିଏସନ୍ ଜରିଆରେ ଜ୍ୟୋତିଙ୍କୁ ଜାଣିଥିଲି । ଏବେ ତାଙ୍କ ବିଷୟରେ ଜାଣି ମୁଁ ଆଶ୍ଚର୍ଯ୍ୟଚକିତ । କୌଣସି ଏଜେନ୍ସି ମୋତେ ନେଇ ଯଦି ତଦନ୍ତ କରିବେ, ମୁଁ ପୂର୍ଣ୍ଣ ସହଯୋଗ କରିବି । ପ୍ରିୟଙ୍କାଙ୍କ ବାପା ଗଣମାଧ୍ୟମକୁ କହିଛନ୍ତି ଯେ, ପ୍ରଫେସନାଲ କଣ୍ଟେଣ୍ଟ କ୍ରିଏଟର ହିସାବରେ ଜ୍ୟୋତିଙ୍କ ସହିତ ତାଙ୍କ ଝିଅଙ୍କ ସମ୍ପର୍କ ଥିଲା । ଜ୍ୟୋତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ସେ କିମ୍ବା ତାଙ୍କ ଝିଅ କିଛି ଜାଣିନାହାନ୍ତି । ତାଙ୍କ ଝିଅ ଜ୍ୟୋତି ସହିତ ପାକିସ୍ତାନର କରତାରପୁର ଯାଇଥିଲେ । ଜ୍ୟୋତି ପୁରୀ ଆସିଥିବା ସମୟରେ ସେମାନେ ବୁଲାବୁଲି କରିଥିଲେ । ପ୍ରିୟଙ୍କା କହିଛନ୍ତି ଯେ, ଜ୍ୟୋତି ଶତ୍ରୁ ଦେଶର ଗୁପ୍ତଚର ବୋଲି ସେ ଜାଣି ନ ଥିଲେ । ଏ ବିଷୟରେ ସେ ଜାଣିଥିଲେ ତାଙ୍କ ସହ କେବେ ବି ସମ୍ପର୍କରେ ଆସି ନ ଥାଆନ୍ତେ । ଆବଶ୍ୟକ ପଡ଼ିଲେ ମାମଲାର ତଦନ୍ତରେ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି ।

# ପୂର୍ବତନ ପ୍ରଶାସନିକ ଅଧିକାରୀ ବସନ୍ତ କୁମାର ରାଉତରାୟଙ୍କ ପରଲୋକ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପୂର୍ବତନ ପ୍ରଶାସନିକ ଅଧିକାରୀ ଶ୍ରୀ ବସନ୍ତ କୁମାର ରାଉତରାୟଙ୍କ ତା ୧୭।୫।୨୦୨୫ ରେ ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ଭୁବନେଶ୍ୱର, ଅନୁଗୁଳ, ପୁରୀ, କେନ୍ଦ୍ରାପଡ଼ା ଓ ବଲାଙ୍ଗିର ଓ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଥିଲେ । ଜଣେ ସ୍ୱଚ୍ଛ ଓ କାର୍ଯ୍ୟଦକ୍ଷ ଅଧିକାରୀ ଭାବେ ସେ ଜନସାଧାରଣଙ୍କ ପ୍ରୀୟଭାଜନ ହୋଇପାରିଥିଲେ । ଜୀବନର ଶେଷ ସମୟ ରେ ସେ ଅନେକ ଧାର୍ମିକ ଓ ସାମାଜିକ କାମରେ ନିଜକୁ ନିୟୋଜିତ ରଖିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ଶିକ୍ଷୟତ୍ରୀ କନକଲତା ରାଉତରାୟ, ପୁଅ ବିଶ୍ୱରଂଜନ ରାଉତରାୟ, ଝିଅ ମୌସୁମୀ ରାଉତରାୟ, ଇଞ୍ଜିନିୟର ଶ୍ରାବଣୀ ରାଉତରାୟ, ଜ୍ୱାଇଁ ପ୍ରସନ୍ନ ରାଉତ ଓ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟର କେତେକ ସ୍ଥାନରେ ବର୍ଷା : ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ରେ ସର୍ବାଧିକ ୫୧.୪ ମି.ମି. ବର୍ଷା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** କାଳବୈଶାଖୀ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକା ବର୍ଷା ଓ ଅନ୍ୟ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ରେ ସର୍ବାଧିକ ୫୧.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାର ଲାଠିକଟାରେ ୪୩.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ଚନ୍ଦୁଆରେ ୩୦.୦ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡାରେ ୨୭.୦ ମି.ମି., ଗୁରୁଣ୍ଡିଆରେ ୨୪.୦ ମି.ମି., ରାଉରକେଲାରେ ୨୩.୨ ମି.ମି., କେନ୍ଦୁଝର ଜିଲ୍ଲାର ଯୋଡାରେ ୨୦.୪ ମି.ମି., ମୟୂରଭଞ୍ଜ ଜିଲ୍ଲାର ଜାମଦାରେ ୧୯.୦ ମି.ମି., ଗଞ୍ଜାମ ଜିଲ୍ଲାର ପୋଲସରାରେ ୧୮.୬ ମି.ମି., ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ୧୭.୦ ମି.ମି., ଗଜପତି ଜିଲ୍ଲାର ଗୁମ୍ମାରେ ୧୭.୦ ମି.ମି., ସମ୍ବଲପୁର ଜିଲ୍ଲାର କୁଚିଣ୍ଡାରେ ୧୫.୮ ମି.ମି. ଏବଂ ଗଜପତି ଜିଲ୍ଲାର ନୂଆଗଡ଼ରେ ୧୫.୮ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି । ସେହିପରି ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀର ପ୍ରଭାବ ପରିଲକ୍ଷିତ ହେବ । ଏନେଇ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଆଗାମୀ ୨୪ ଘଣ୍ଟା ପାଇଁ ୧୦ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା । ଏହି ସମୟରେ ତନ୍ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଏବଂ ଅନ୍ୟ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ । ସେହିପରି ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୯ ତାରିଖ ଅର୍ଥାତ୍ ଆସନ୍ତାକାଲି ପାଇଁ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୦ ତାରିଖ ପାଇଁ ୯ ଜିଲ୍ଲାକୁ, ୨୧ ତାରିଖ ପାଇଁ ୧୬ ଜିଲ୍ଲା, ୨୨ ତାରିଖ ପାଇଁ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ସୃଜନର ଉପସରଣମ୍ : ଯେଉଁଠାରେ ଓଡିଶୀ ନୃତ୍ୟ ଓ ଯୁବପିଢିଙ୍କ ଉଜ୍ଜ୍ୱଳ ସ୍ୱପ୍ନଗୁଡିକ ହୋଇଥାଏ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟବାସ ୧୯୯୩ରେ ଏହାର ପ୍ରଥମ ଅନୁଷ୍ଠାନ ଆରମ୍ଭ କରିବା ପରଠାରୁ ଶାସ୍ତ୍ରୀୟ ଓଡିଶୀ ନୃତ୍ୟ ଦୁନିଆରେ ତାଲିମ, ସୃଜନଶୀଳତା, ପ୍ରଦର୍ଶନ ଓ ଉତ୍କର୍ଷତା କ୍ଷେତ୍ରରେ ସବୁବେଳେ ସଫଳ ହେବା ପାଇଁ ଚେଷ୍ଟା କରିଆସିଛି । 'ଉପସରଣମ- ଉତ୍କର୍ଷତା ଦିଗରେ ଅଗ୍ରସର ହେବା' ହେଉଛି ସୃଜନର ଗୁରୁତ୍ୱପୂର୍ଣ୍ଣ ତାଲିମ ଶାଖାର ବାର୍ଷିକ ପ୍ରଦର୍ଶନୀ । ଚଳିତ ବର୍ଷ ସୃଜନ ପକ୍ଷରୁ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପଠାରେ ଆସନ୍ତା ମେ' ୧୮ ତାରିଖରେ ଉପସରଣମ୍ ୨୦୨୫ର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଥିବା ବେଳେ ଡଃ ମୃତ୍ୟୁଞ୍ଜୟ ରଥ ନିଜର ବକ୍ତୃତା ଓ ଅଭିଜ୍ଞତା ମାଧ୍ୟମରେ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ପ୍ରଖ୍ୟାତ ସଙ୍ଗୀତଜ୍ଞ ଓ ବାଦ୍ୟଯନ୍ତ୍ରବାଦକ ଶ୍ରୀ ଅବନିକାନ୍ତ ଦାସ, ଗୁରୁ ପଙ୍କଜ ଚରଣ ଓଡିଶର ରିସର୍ଚ୍ଚ ଫାଉଣ୍ଡେଶନର ନିର୍ଦ୍ଦେଶକ ଶରତ ଦାସ, ଲୋକପ୍ରିୟ ସିତାର ବାଦକ ଶ୍ରୀ ରବିଶଙ୍କର ପ୍ରଧାନ, ପ୍ରତିଷ୍ଠିତ ଓଡିଆ ସାମ୍ବାଦିକ, କବି ଓ ଲେଖକ କେଦାର ମିଶ୍ରଙ୍କ ସମେତ






ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ୟୁନିଭର୍ସିଟିର ଫ୍ୟାକଲ୍ଟି ଅଫ୍ ଆର୍ଟସ୍, କମ୍ୟୁନିକେଶନ ଆଣ୍ଡ ଇଣ୍ଡିକ ଷ୍ଟଡିଜ୍‌ର ଡିନ ଶ୍ରୀ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାପରେ ୭୫ ଜଣ ପ୍ରତିଭାଶାଳୀ ଯୁବ ନୃତ୍ୟଶିଳ୍ପୀ ମଞ୍ଚରେ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ । ସେମାନେ ସ୍ୱର୍ଗତଃ କିମ୍ବଦନ୍ତୀ ଓଡିଶୀ ନୃତ୍ୟଗୁରୁ ଓ ସୃଜନ ଗୁରୁ କେଳୁଚରଣ ମହାପାତ୍ର ନୃତ୍ୟବାସର ପ୍ରତିଷ୍ଠାତା ଗୁରୁ କେଳୁଚରଣ ମହାପାତ୍ର ଓ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ଉପସ୍ଥାପନ କରିଥିଲେ । ପ୍ରଥମ ଉପସ୍ଥାପନା ଥିଲା ଏକ ଦିବ୍ୟ ଶ୍ଳୋକ 'ନିଳାଦ୍ରୌ ଶଂଖ-ମଧ୍ୟେ (ଜଗନ୍ନାଥ ବନ୍ଦନା) , ଏହା ହେଉଛି ଏକ ପ୍ରାର୍ଥନା ଯାହା ଆମକୁ ଈଶ୍ୱରୀୟ ଭାବନାର ନିକଟତର କରିଥିଲା, ଏଥିସହିତ ବ୍ରହ୍ମଦାରୁ ସ୍ମରାମିର ଉପସ୍ଥାପନା କରାଯାଇଥିଲା ଯାହା ସକଳ ଶକ୍ତିର ଉତ୍ସ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଏକ ଆବାହନ ଥିଲା । ପ୍ରକୃତ ଭକ୍ତଙ୍କ ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ହେଉଛି ସବୁଠାରୁ ବଡ ଆଶୀର୍ବାଦ । ଶ୍ରୀ ରୁପକ କୁମାର ପରିଡାଙ୍କ ସଂଗୀତ ରଚନା ଓ ଶ୍ରୀ ରତିକାନ୍ତ ମହାପାତ୍ରଙ୍କ ମୂଳ କୋରିଓଗ୍ରାଫି ସହିତ ସୃଜନର ପ୍ରତିଭାଶାଳୀ ସଦସ୍ୟ ଡାଏନା ଘୋଷଙ୍କ ଦ୍ୱାରା ନବୀକରଣ ହୋଇଥିବା ଗ୍ରୁପ କମ୍ପୋଜିଶନକୁ ନୃତ୍ୟଶିଳ୍ପୀ ଆରାଧ୍ୟା, ଆୟେଶା, ବିଦ୍ୟା ଭାରତୀ, ଲାବଣ୍ୟା, ମନସ୍ମିତା, ସାଧନା ସୋନାଲିକା, ସାଇ ସମ୍ପୂର୍ଣ୍ଣା, ସାଇ ସ୍ୱସ୍ତିକା, ଶ୍ରେୟା ସଙ୍ଗୀତ୍ରା, ଶ୍ରେୟାଶ୍ରୀ ଓ ସ୍ୱସ୍ତିକା ପ୍ରଶଂସନୀୟ ମଂଚ ଉପସ୍ଥିତି ସହ ଉପସ୍ଥାପନ କରିଥିଲେ । ଏହାପରେ ଭଗବାନ ବିଷ୍ଣୁଙ୍କୁ ଉତ୍ସର୍ଗୀକୃତ କରାଯାଇ ବିଷ୍ଣୁ ସହସ୍ରନାମ (ବିଷ୍ଣୁ ବନ୍ଦନା)ରୁ ଆଉ ଏକ ଶକ୍ତିଶାଳୀ ଶ୍ଳୋକ ଶାନ୍ତାକାରମ ଭୁଜଗଶୟନମ ଉପସ୍ଥାପନ କରାଯାଇଥିଲା । ଡଃ ବିଜୟ କୁମାର ଜେନାଙ୍କ ସଙ୍ଗୀତ ରଚନା ଓ ଚିତାକର୍ଷକ ସ୍ୱରରେ ପ୍ରସ୍ତୁତ ହୋଇଥିବା ଶ୍ରୀ ରତିକାନ୍ତ ମହାପାତ୍ରଙ୍କ ଆକର୍ଷଣୀୟ ମୂଳ କୋରିଓଗ୍ରାଫିକୁ ସୃଜନର ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ବେହେରାଙ୍କ ଏକ ଗ୍ରୁପ କମ୍ପୋଜିଶନରେ ପୁନଃପ୍ରସ୍ତୁତ କରାଯାଇଥିଲା । ଯୁବ ନୃତ୍ୟଶିଳ୍ପୀ ଆପୋରଧା, ବର୍ଣ୍ଣାଳୀ, ବିଦିଶା, ଚିତ୍ରା, ଗାର୍ଗୀ, ଲୋକୋସ୍ମିତା, ଓମ୍ ପ୍ରିୟା, ଏସ୍ ଗୌତମୀ, ସାତ୍ୱିକା, ସମ୍ରିଦ୍ଧି, ସଂଚିତା, ସ୍ମୃତି, ଶ୍ରୀରୂପା, ସ୍ୱାତୀ, ବର୍ଣ୍ଣାଳୀ ଆଦି ସେମାନଙ୍କର ଯୁବ ବୟସ ସତ୍ତ୍ୱେ ପରିପକ୍ୱତା ସହ ଏକ ଗ୍ରୁପ କମ୍ପୋଜିଶନର ଉପସ୍ଥାପନା କରିଥିଲେ । ସୃଜନରେ ଓଡିଶୀର ବାସସ୍ଥାନରେ ଯୁବ ପ୍ରତିଭାମାନଙ୍କୁ ବିକଶିତ ଓ ପ୍ରୋତ୍ସାହିତ କରିବା ସହ ଯୁବ ବୟସରୁ ସେମାନଙ୍କଠାରେ ନୃତ୍ୟ ଓ ପ୍ରଦର୍ଶନରେ ଶାସ୍ତ୍ରୀୟତା ଓ ବୃତିଗତତାର ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ଗୁରୁ ଶ୍ରୀ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସ୍ଥାପିତ ଉପସରଣମ୍ ୨୦୨୫ ଏକ ବଡ ସଫଳତା ଥିଲା । ଅଧ୍ୟାପକ, ସୃଜନର ସମସ୍ତ ସଦସ୍ୟ, ପୂର୍ବତନ ଛାତ୍ରଛାତ୍ରୀ, ବରିଷ୍ଠ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଓଡିଶୀ ନୃତ୍ୟ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଯାତ୍ରାରେ ସହଯୋଗ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିଥିଲେ । ଏହା ଜୀବନର ଏକ ମାଧ୍ୟମ ଭାବେ କଳା ଉପରେ ଏବଂ ଆଗାମୀ ପିଢିଗୁଡିକ ପର୍ଯ୍ୟନ୍ତ କିଭଳି ପରମ୍ପରା ଓ ମୂଲବୋଧକୁ ଅନୁକରଣ ଓ ସଂରକ୍ଷଣ କରାଯାଇପାରିବ ତାହା ଉପରେ ଆମର ବିଶ୍ୱାସକୁ ଆହୁରି ସୁଦୃଢ କରିଛି ।

# କିଶୋର ସାମଲଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଲା ପୁରାତନ ଛାତ୍ର ସଂସଦ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଲୋକପ୍ରିୟ ସଂଗଠକ, ଜଣାଶୁଣା ସମାଜସେବୀ, ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ କାଉନସିଲର ତଥା ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦର ଉପସଭାପତି କିଶୋର ସାମଲଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ରବିବାର ସନ୍ଧ୍ୟାରେ ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସନ୍ନିକଟ କଳାନିକେତନ କ୍ଲବ ପରିସରରେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦାମୋଦର ସାହୁ, ଚୌଦ୍ୱାର ପୌର ସଂସ୍ଥାର ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଜେପିର ବରିଷ୍ଠ ନେତା ପ୍ରଶାନ୍ତ କୁମାର ହୋତା ଏବଂ କଟକ ଜିଲ୍ଲା ଯୁବ କଂଗ୍ରେସର ବରିଷ୍ଠ ନେତା ଜୀନେଶ ଦାସଙ୍କ ସମେତ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସ୍ୱର୍ଗୀୟ ସାମଲଙ୍କ ସମାଜସେବା ଏବଂ ଚୌଦ୍ୱାର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଶେଷ ଅବଦାନ ସର୍ବୋପରି ଗରିବ ଲୋକମାନଙ୍କୁ ସହାୟତା ପ୍ରଦାନ କରିବାର ଅଗ୍ରଣୀ ଭୂମିକା ଉପରେ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଚୌଦ୍ୱାର କଲେଜର ପ୍ରତିଷ୍ଠା, କଲେଜର ପ୍ରତିଷ୍ଠାତା ରାଜକିଶୋର ରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଚୌଦ୍ୱାର କଲେଜ ଛାତ୍ର ସଂସଦ ଗଠନ ଠାରୁ ଆରମ୍ଭ କରି ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମରେ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଥିବା ସ୍ୱର୍ଗତଃ ସାମଲଙ୍କ ଅକାଳ ବିୟୋଗ ସମଗ୍ର ଅଞ୍ଚଳ ପାଇଁ ଏକ ବଡ଼ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବର୍ତ୍ତମାନ ସମାଜରେ ଏଭଳି ନିସ୍ୱାର୍ଥପର ସେବକଙ୍କର ଅଭାବ ପରିଲକ୍ଷିତ ହେଉଛି ବୋଲି ସେମାନେ କହିଥିଲେ ।

## ସମ୍ପାଦକୀୟ

# ଚୀନ-ଆମେରିକା ଶୁଳ୍କ ସନ୍ଧି

ନିକଟରେ ବିଶ୍ୱର ଦୁଇ ଅର୍ଥନୈତିକ ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ ମଧ୍ୟରେ ସେମାନଙ୍କର ପରସ୍ପର ବିରୁଦ୍ଧରେ ଲଦି ଦେଇଥିବା ବାଣିଜ୍ୟ ଶୁଳ୍କର ପରିମାଣ ସ୍ଥଗିତ ନିଷ୍ପତି ଦୁଇଦେଶ ମଧ୍ୟରେ ଶତ୍ରୁତା ବୃଦ୍ଧି ପରିପ୍ରେକ୍ଷୀରେ ଅର୍ଥନୈତିକ ବାସ୍ତବ ଦୃଷ୍ଟିକୋଣ ଦୃଷ୍ଟିରୁ ଏକ ବିରଳ ମୁହୂର୍ତ୍ତର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ । ବାଣିଜ୍ୟ ଯୁଦ୍ଧ ସମୟରେ ଉଭୟ ଦେଶ ପରସ୍ପର ବିରୁଦ୍ଧରେ ଲାଗୁ କରିଥିବା ଶୁଳ୍କ ୯୦ଦିନ ପାଇଁ ହ୍ରାସ କରିବାକୁ ନିଷ୍ପତି ନେଇଛନ୍ତି, ଯାହାକି ଆନ୍ତର୍ଜାତିକ ବଜାରକୁ ଉତ୍ସାହିତ କରିବା ସହ ଶିଳ୍ପ ଓ ଉପଭୋକ୍ତାଙ୍କୁ କେତେକ ଆଶ୍ୱସ୍ତି ପ୍ରଦାନ କରିଛି । ଉଲ୍ଲେଖଯୋଗ୍ୟ ଯେ, ଚୀନ ସାମଗ୍ରୀ ଉପରେ ଲାଗୁ କରିଥିବା ୧୪୫ପ୍ରତିଶତ ଶୁଳ୍କ ୩୦ ପ୍ରତିଶତକୁ ହ୍ରାସ କରିବାକୁ ଆମେରିକା ନିଷ୍ପତି ନେଇଥିବାବେଳେ ଆମେରିକାର ସାମଗ୍ରୀ ଉପରେ ଲାଗୁ କରିଥିବା ୧୨୫ ପ୍ରତିଶତ ଶୁଳ୍କ ୧୦ ପ୍ରତିଶତକୁ ହ୍ରାସ କରିବା ପାଇଁ ଚୀନ ରାଜି ହୋଇଛି । ଉଭୟ ଦେଶ ସାମୟିକ ଭାବେ ଅର୍ଥାତ ୯୦ଦିନ ପାଇଁ ଏହା କାର୍ଯ୍ୟକାରୀ କରିବାକୁ ସହମତ ହୋଇଛନ୍ତି । ଦୁଇ ବୃହତ ଅର୍ଥନୈତିକ ରାଷ୍ଟ୍ରର ଶୁଳ୍କ ହ୍ରାସ ବୁଝାମଣା ଖବର ଘୋଷଣା ହେବା ପରେ ବିଶ୍ୱ ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ କାରବାର ୨ ପ୍ରତିଶତରୁ ୩.୮ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଡୋନାଲଡ୍ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗତ ଫେବୃୟାରୀ ପହିଲାରେ ଚୀନ, ମେକ୍ସିକୋ ଏବଂ କାନାଡାରୁ ଆମଦାନୀ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁ କରିଥିଲେ । ଏହାର ଯବାବରେ ଚୀନ ମଧ୍ୟ ପାଲଟା ଶୁଳ୍କ ଆମେରୀକୀୟ ସାମଗ୍ରୀ ଉପରେ ଲାଗୁ କରିଥିଲା । ଦୁଇ ଅର୍ଥନୈତିକ ମହାଶକ୍ତି ମଧ୍ୟରେ ଟାରିଫ ଯୁଦ୍ଧ ବିଶ୍ୱ ବାଣିଜ୍ୟରେ ସଂକଟ ସୃଷ୍ଟି କରିଥିଲାବେଳେ ଆମେରିକା ପାଇଁ ବୁମେରା ହୋଇଥିଲା । ଆମେରିକାରେ ବିଭିନ୍ନ ସାମଗ୍ରୀର ଦରଦାମ ହୁ ହୁ ହୋଇ ବୃଦ୍ଧ ପାଇଥିଲାବେଳେ ରାଜସ୍ୱ ବୃଦ୍ଧି ବଦଳରେ ରାଜସ୍ୱ ହାନୀ ଘଟିଥିଲା । ଏପରିକି ଲୋକପ୍ରିୟ ରାଷ୍ଟ୍ରପତିର ମାନ୍ୟତା ନିର୍ବାଚନରେ ଟ୍ରମ୍ପ ପାଇଥିଲାବେଳେ ତାଙ୍କ ପ୍ରଶାସନ ବିରୁଦ୍ଧରେ ଆମେରିକାର ୫୦ଟି ରାଜ୍ୟରେ ହଜାର ହଜାର ନାଗରିକ, ଛାତ୍ର, ବୁଦ୍ଧିଜୀବୀ, ଶ୍ରମିକଙ୍କ ବିକ୍ଷୋଭ ମଧ୍ୟ ଅଦଭୂତ ପୂର୍ବ ଥିଲା । ଶେଷରେ ଆମେରିକାର ଅର୍ଥନୀତିରେ ଚୀନର ଗୁରୁତ୍ୱକୁ ଉପଲବ୍ଧ କରି ଟ୍ରମ୍ପ ନିଜ ନିଷ୍ପତିରୁ ଓହରିବାକୁ ବାଧ୍ୟ ହୋଇଥିଲେ । ଏ ନେଇ ଜେନେଭାଠାରେ ଅନୁଷ୍ଠିତ ଏକ ବୈଠକରେ ଉଭୟ ରାଷ୍ଟ୍ର ଶୁଳ୍କ ହ୍ରାସ କରିବା ପାଇଁ ସହମତ ହୋଇଥିଲେ । ଶୁଳ୍କ ନେଇ ଉଭୟ ଦେଶ ଭବିଷ୍ୟତରେ ଆଲୋଚନା ଜାରି ରଖିବାକୁ ମଧ୍ୟ ସହମତ ହୋଇଛନ୍ତି । ଯାହାକି ବିଶ୍ୱ ଅର୍ଥନୀତି ପାଇଁ ଏକ ଶୁଭ ସଂକେତ ବୋଲି କୁହାଯାଇପାରେ । ତେବେ ଦୁଇଦେଶ ମଧ୍ୟରେ ଶୁଳ୍କ ସନ୍ଧିର ସ୍ଥାୟିତ୍ୱ ଏବେ ସମଗ୍ର ବିଶ୍ୱ ପାଇଁ ମୁଖ୍ୟ ପ୍ରସଙ୍ଗ ଭାବେ ଉଭା ହୋଇଥିବା କୁହାଯାଇପାରେ । ଭାରତ ପାଇଁ ଏହା ଉଭୟ ଅନିଶ୍ଚିତତା ଓ ନିଶ୍ଚିତତା ଆଣିଦେଇଛି । ଆମେରିକା ଓ ଚୀନ ମଧ୍ୟରେ ପୁନର୍ବାର ଆଲୋଚନା ଯଦି ସଫଳ ହୁଏ, ତେବେ ନିବେଶକମାନେ ଯେଉଁମାନେ କି ଅନ୍ୟ ରାଷ୍ଟ୍ର ମୁହାଁ ହୋଇଛନ୍ତି ସେମାନେ ପ୍ରଥମେ ଚୀନ ମୁହାଁ ହେବେ, ଏହା ନିସନ୍ଦେହ । ଏହା ଦ୍ୱାରା ଏବେ ଭାରତ ବହୁ ନିବେଶକଙ୍କୁ ହରାଇବା ସମ୍ଭାବନା ରହିଛି । କାରଣ ସେମାନେ ଚୀନ ମୁହାଁ ହେବା ଅର୍ଥ ବିଶାରଦମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଚୀନର ଉତ୍ପାଦନର ଅନୁପାତ ଏବଂ ମୂଲ୍ୟ ନିବେଶକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି । ଆହୁରି ମଧ୍ୟ ଅନ୍ୟତମ ଅନିଶ୍ଚିତତା ହେଉଛି, ଭାରତ ଏବେ ବି ଆମେରିକା ସହ ବାଣିଜ୍ୟ ଆଲୋଚନା ଆରମ୍ଭ କରିନାହିଁ । ଦୁଇଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଉତେଜନାପୂର୍ଣ୍ଣ ରହିଛି । ଆମେରିକା ଇସ୍ପାତ ଏବଂ ଆଲୁମିନିୟମ ଉପରେ ଶୁଳ୍କ ବୃଦ୍ଧି କରିବା ଯୋଗୁଁ ଭାରତ ଅଧିକ କ୍ଷତିଗ୍ରସ୍ତ ହେବ । ଭାରତ ନିଜକୁ ଶିଳ୍ପ ସମୃଦ୍ଧ କରିବା ଏବଂ ନିବେଶକମାନଙ୍କୁ ଆକୃଷ୍ଟ କରିବା ପାଇଁ 'ମେକ ଇନ ଇଣ୍ଡିଆ' ଅଭିଯାନ ଆରମ୍ଭ କରିଥିବା ସତ୍ୱେ ବିଶେଷ ସଫଳ ହୋଇପାରିନାହିଁ । ଏ କ୍ଷେତ୍ରରେ ଚୀନ ଠାରୁ କେବଳ ପଛରେ ନାହିଁ, ଚୀନ ସାମଗ୍ରୀ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇରହିଛି । ଭାରତ ଯେତେଦିନ ପର୍ଯ୍ୟନ୍ତ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିବନାହିଁ, ଚୀନ ଆମଦାନୀ ଉପରେ ନିର୍ଭରଶୀଳ ହୋଇ ରହିବ ।

**ସୌଭାଗ୍ୟ ରଂଜନ ମହାନ୍ତି**
**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୭୯୭୮୬୬୬୪୦୩**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ । ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ରାସଲୀଳା ପ୍ରକୃତରେ ରସଲୀଳା


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଗୋପରେ ଏ ଲୀଳା ଆରମ୍ଭ ଗୋପୀଗଣ ଏହି ଲୀଳା ସହ ପୁରୀ ରାଧାକୃଷ୍ଣ ନାୟକ ନାୟିକା । ନାୟିକା ରାଧାରାଣୀଙ୍କ ସହଚରୀ ଅଷ୍ଟସଖି ଯେଉଁମାନେ ଗୋପୀ ଗୋପାଙ୍ଗନା, ଗୋପରେ ସଂସାରର ସମସ୍ତ ଭୋଗ୍ୟ ଦ୍ରବ୍ୟ ବିପୁଳ ମିଳିଲେ ବି ଥିଲା କିଛି ଅଭାବ । ଆନନ୍ଦ ଧନ ଦୌଲତ ଦାମ୍ପତ୍ୟ କ୍ରିୟା ସନ୍ତାନ ସନ୍ତତି ବନ୍ଧୁବାନ୍ଧବ ମଧ୍ୟରେ ଯେ ଅଭାବ ଅଛି ଏକଥା ରାସକ୍ରିୟାର ରସ କ୍ରୀଡ଼ା ମୁଖ୍ୟତଃ ଦର୍ଶାଏ । ଭୟ ଆତଙ୍କ ସର୍ବତ୍ର ଅଛି । ଭୟ ଆତଙ୍କ ପ୍ରକୃତି କୃତ ଲୋକକୃତ ରାଜକୃତ ଓ ନିଜ ଜନ ଭାବୁଥିବା ଲୋକଙ୍କ ଦ୍ୱାରା ହୋଇପାରେ । ମାତ୍ର ଏସବୁକୁ ଲବେ ଖଣ୍ଡନ ଦମନ କରିବା ଶକ୍ତି ଗୋପରେ ବଢୁଥିଲେ । ଜନ ଆତଙ୍କ ସୃଷ୍ଟି ପାଇଁ ସମୟକୁ ଆସୁଥିବା ଭୟ ଆତଙ୍କର କାଣ ମାନେ ଶ୍ରୀକୃଷ୍ଣଙ୍କର ଫୁଟୁକିରେ ଚାଲି ଯାଉଥିଲା । ଏପୁଣି କେବଳ ସଂସାରର ବୃତ୍ତି ଧନ୍ଦା ପିଲାରୁ ଆଜନ୍ମ ଲାଳନ ପାଳନ ସ୍ୱସ୍ୱାମୀ ସେବା ଆଜି କାର୍ଯ୍ୟରେ କେବଳ ବାନ୍ଧି ହୋଇ ରହିବା ନାରୀ ମାନଙ୍କ ପାଇଁ ଆନନ୍ଦର ଆହୁରି ଉତ୍ସ ଅଛି ଓ ତାହାଦ୍ୱାରା ଅନେକ ପ୍ରାପ୍ତ ଆନନ୍ଦ ପଞ୍ଚ କୋଶୀୟ ମାନବ ଶରୀରରେ କେତେ ପ୍ରକାର ଉନ୍ନତ କରାଇ ପାରେ ଏ ପ୍ରକାର ଗୁଢ଼ଜ୍ଞାନ ଶିକ୍ଷା ଶ୍ରୀକୃଷ୍ଣଙ୍କ ଠାରୁ ପାଇବା ପାଇଁ ପ୍ରଥମେ ପ୍ରାଥମିକ ଶିକ୍ଷାରୁ ତାପରେ ଜୀବନରେ ବ୍ରତ ଯାଏ ଲଗାଇଥିବା ମାନସରେ ସେଇ ଗୋପୀମାନେ ଆଗ୍ରହୀ ଉତ୍ସାହୀ ହୋଇପଡ଼ିଥିଲେ ।

ଅନେକ ପରକ୍ରୀୟା ପ୍ରେମ ପ୍ରସଙ୍ଗ ରାସକ୍ରୀଡ଼ାରେ ଉତ୍ଥାପନ କରନ୍ତି । ପୂର୍ଣ୍ଣ ଭାବରେ ଭାଗବତର ଦଶମ ସ୍କନ୍ଦର ଗୋପଲୀଳା ପାଠ କଲେ କେବେ ରାଧା ନାମ ମିଳିବ ନାହିଁ ହେଲେ ଗୋପୀଙ୍କ ନାମ ମିଳିବ । ଏଥିରେ ଅଦ୍ଭୁତ ପ୍ରକାର କଥା ପ୍ରସଙ୍ଗ ରହନ୍ତି । ରାଧା ବିବାହିତା ତାଙ୍କର ଶାଶୁ ଜଟିଳ ନଣଦ କୁଟିକା ଏହି ଦୁଇଟି ଚରିତ୍ର ସେତେବେଳେ ଥିଲା ବର୍ତ୍ତମାନ ନାହିଁ ଏମିତି କଥାନୁହେଁ ସଂସାର ଏକ ନାରୀ ବିବାହ କରି ସଂସାର କରିଲେ ତାର ଶାଶୁଘରେ ପୁରୁଷ ଲୋକଙ୍କୁ ବାଦ ଦେଇ ଯେଉଁ ମୁଖ୍ୟ ସ୍ତ୍ରୀଲୋକ ଦୁଇଜଣ ସେ ଘରେ ଥିଲେ ଜଣେ ଶାଶୁ ଓ ଜଣେ ନଣଦ । ଶାଉ ବୋହୁ କରି କନ୍ୟାଟିକୁ ତାର ବାପଘରୁ ଆନନ୍ଦମନରେ ନିଜ ପୁଅ ପାଇଁ ନେଲେ ବି ଭୂମି ବଦଳରେ ଶାଶୁ ଯଦି ଯୁଗ ଅନୁସାରେ ଚାଲିବା ଶିଖିନଥିବେ ତେବେ ନୂତନ ଗୃହଲକ୍ଷ୍ମୀ ଅପମାନ ପରେ ବି ନିଜର ଗୃହ ଲକ୍ଷ୍ମୀ ପଣଟା ଛାଡ଼ିବାକୁ ରାଜି ନୁହଁନ୍ତି । ଟୋକା କନିଆଁ ହୋଇଥାନ୍ତୁ ବର ଯାଇଁ ବଜାବଜାଇ ରୋଷଣୀ କରି କନ୍ୟାଘରେ ପହଞ୍ଚି ବିବାହ କରି ସ୍ୱଗୃହକୁ କନ୍ୟାକୁ ସାଙ୍ଗରେ ଧରି ଆସିଥାଉ କନ୍ୟାକୁ ବିଧିବଦ୍ଧ ଘରର ନାରୀ ମାନେ ନ ବନ୍ଦାଇ କେବେ ଘରକୁ ନିଅନ୍ତି ନାହିଁ । ଦେଇ ପିଣ୍ଡି ଘରେ ପ୍ରବେଶ କରାଇଥାନ୍ତି । ଶାଶୁ ଆଗେ କେତେ ବର୍ଷ ପୂର୍ବରୁ ଆସିଥିଲେ ପରେ ବୋହୁ ଆସିଲେ ଉଭୟ ଘରର ଲକ୍ଷ୍ମୀ ମାତ୍ର ନବଗତ ଲକ୍ଷ୍ମୀ ଏକ ଗୃହର ପ୍ରବେଶ ମାତ୍ରେ ପୁରୁଣା ଲକ୍ଷ୍ମୀ ବାନପ୍ରସ୍ଥୀ ହେବା କଥା ବାନପ୍ରସ୍ଥିରେ ବନକୁ ଯିବା କାଳ ଥିଲା ଯାହା ଜନ୍ମରୁ ଏକାବନ ବର୍ଷ, ଛପନ ବର୍ଷ, ଚଉବନ ବର୍ଷ, ପଞ୍ଚାବନ ବର୍ଷ, ସତାବନ ବର୍ଷ, ଅଠାବନ ବର୍ଷ । ଏହି ସଂଖ୍ୟାରେ ବନ ଶବ୍ଦ ମିଶିଛି ଏଇ ବୟସରେ ବନକୁ ଯିବା ଡାକୁଛି । ବନବାସ ଏବେ ଗୃହସ୍ଥ ଜଞ୍ଜାଳରୁ ମୁକ୍ତ ରଖିବା ପାଇଁ ଧାର୍ଯ୍ୟ ଯଦି ଆବେଗ ପୂର୍ଣ୍ଣ ପରିସ୍ଥିତିରେ କେହି ନଯାଇ ସଂସାର ଧନ ଦୌଲତକୁ ମାଡ଼ି ବସି ରହିଲା ସେ ହତାଶ ହେବ ବା ହତାଶ କରିବ ।

ଯୁବତୀ ବଧୂକୁ ଯୁବକର ସହିତ ଏବେ ସ୍ୱଗୃହମୁକ୍ତ ହୋଇ ହନିମୁନ ପାଇଁ ଦୂରକୁ ଭ୍ରମଣ ବା ବୁଲିବାକୁ ଯିବାକୁ ହେବା ଦେଖାଯାଉଛି । ପୁଅବୋହୁ ଶୟନ ଘର କବାଟ ବାହାରରେ କାନ ପାରି କଣ କଥା ହେବା ଶୁଣିଲେ ପିତୃ ମନକୁ କ ଯେ ଆସୁଛି ଏକଥା ଘରର ଶାଶୁ ନଣଦ ମାନେ ବୁଝିବା ପାରୁନାହାଁନ୍ତି । ରାଧାରଣୀଙ୍କ ବେଳରୁ ହୁଏତ ଏମିତି ଥିଲା ରାଧାରାଣି ଏମିତି ବୃଷଭାନୁରାଜାଙ୍କ ଅଲ୍ୟଳ କନ୍ୟା ହୋଇବି ଶାଶୁ ନଣନ୍ଦଙ୍କ ଚକ୍ଷୁରେ ଭଲ ଦେଖାଯାଉନଥିଲେ ହେଲେ ସେ ଏପରି ପରା ଅପରା ବିଦ୍ୟାରେ ଧୁରୀଣ ଥିଲେ । ଏ ଯୁଗ କଳିଯୁଗରେ ବି ଦ୍ୱାପର ନାୟିକାଙ୍କର ବିଶେଷ ସମ୍ମାନ ମିଳିବା ଦେଖାଯାଉଛି ହେଲେ ଜଟିଳକୁ ଟିକେ ତାଙ୍କର ଜୀବନ ଚରିତର ସହ ଜଡ଼ିତ ନିନ୍ଦନୀୟ ଭାବ ପାଇଁ ଏବେ ବି ସମାଲୋଚିତ ହେଉଛନ୍ତି । ନଅ ରସ, ନଅ ଭକ୍ତି ଏସବୁରସ ରାସକ୍ରୀଡ଼ା ସମୁଦ୍ରରେ ରହିଛନ୍ତି । ଅସ୍ୱାଦନକାରୀ ଏସବୁକୁଜାଣି ପାରନ୍ତି । ନଅ ରସ ହେଲା ଶୃଙ୍ଗାର, କାରୁଣ୍ୟ, ବିଭତ୍ସ, ରୌଦ୍ର, ଅଦ୍ଭୁତ, ବୀର, ଶାନ୍ତ, ଦାସ୍ୟ, ଭୟା । ନଅ ଭକ୍ତି ହେଲା - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମନିବେଦନ । ଏସବୁ ସେହି ରାଧାକୃଷ୍ଣ ଲୀଳାରେ ରାସକ୍ରୀଡ଼ାରେ ଲୁଚି ଛପି ରହିଛି । ଭାବୁକମାନେ ଖୋଜି ନିଶ୍ଚେ ସେ ରସ ଭକ୍ତିରେ ମଜ୍ଜି ପାରିବେ । ସଂସାରରେ ନିନ୍ଦା ଅଛି ପ୍ରଶଂସା ଅଛି ନିନ୍ଦୁକମାନେ ଯେ ଜ୍ଞାନୀ ଲୋକରେ ଶତକଡ଼ା ଅଛନ୍ତି ଏମିତି ପୂର୍ବରୁ ନଥିଲା ଏବେ ବି ନାହିଁ । ଭଗବାନ ଶ୍ରୀକୃଷ୍ଣ ଭଗବାନ ରାମ ଏବେ ଥିଲେ ତାଙ୍କ ନାମରେ ନାନାଦି ଅପମାନ ନିନ୍ଦା ପ୍ରତ୍ୟକ୍ଷ ଲାଗୁଥାନ୍ତା । ଗଛ କାଟିବା ଲୋକ ଗଛ ଲଗାଇ ତାକୁ ବଢ଼ାଇ ଉତ୍ତରିବା କଷ୍ଟ ଜାଣନ୍ତି ନାହିଁ । ଏ ସଂସାର ବଡ଼ ବିଚିତ୍ର ସୁଖରେ ବାସ କରିବା ଅତି ଦୂରୁହ ହେଲେ ସାର୍ବଜନୀନ ସୁଖ ପାଇଁ ଏହି ଭକ୍ତିରସ ବିଧାନ ସବୁଠାରେ ସବୁ କ୍ଷେତ୍ରରେ ପ୍ରୟୋଗ କରାଯାଇପାରେ । ସରସ୍ୱତୀ ବାହାନ ହସଂ ଠାରୁ କେବଳ ଦରକାରୀ ଦ୍ରବ୍ୟ ଗ୍ରହଣ କରିବା ଶିକ୍ଷା ନିହାତି ଆବଶ୍ୟକ ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଆନନ୍ଦ ପ୍ରାପ୍ତିର ମାର୍ଗ


ପ୍ରଦୀପ୍ତ ଆଚାର୍ଯ୍ୟ

ମନୁଷ୍ୟ ପୃଥିବୀ ର ଶ୍ରେଷ୍ଠ ଜୀବ ଭାବେ ପରିଗଣିତ । ପ୍ରକୃତି, ସମଗ୍ର ପ୍ରାଣୀ ଜଗତ ମଧ୍ୟରେ, ମନୁଷ୍ୟକୁ ବୁଦ୍ଧି ଓ ବିବେକ ପ୍ରଦାନ କରିଛି । ଯାହାକୁ ପ୍ରୟୋଗ କରି ମନୁଷ୍ୟ ସୁଖ ସ୍ୱାଚ୍ଛନ୍ଦ ଓ ସହଜ ଜୀବନ ନିର୍ବାହ କରି ତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ପାରିଛି । ବଣ ଜଙ୍ଗଲର ପାହାଡ ଗୁମ୍ଫା ବା ଗଛ କୋରଡରେ ଉଲଗ୍ନ ଭାବରେ ବସବାସ କରି, କଂଚା ପଶୁ ମାଂସ ଭକ୍ଷଣ କରୁଥିବା, ଆଦି ମାନବର ଜୀବନ ଶୈଳୀକୁ ଆଜିର ମନୁଷ୍ୟର ଜୀବନ ଶୈଳୀ ସହିତ ତୁଳନା କଲେ, କେଉଁ ଧାରାରେ ପରିବର୍ତନ ହୋଇଛି, ତାହା ସ୍ୱପ୍ନ ପରି ପ୍ରତୀୟମାନ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ଅହରହ ସୁଖର ସନ୍ଧାନରେ ଧାବିତ । ଜୀବିକା ନିର୍ବାହ ନିମନ୍ତେ ସମସ୍ତ କଷ୍ଟସାଧ୍ୟ କାର୍ଯ୍ୟକୁ ସହଜ ସରଳରେ ରୁପାନ୍ତରିତ କରିବାର ପ୍ରଚେଷ୍ଟା ତାକୁ ଆଜି ଏହି ସ୍ତରରେ ଉପନୀତ କରାଇ ପାରିଛି । କିନ୍ତୁ ଆଜିବି ଯାହାକୁ ପଚାରିଲେ ସେ କହୁଛି ମୁଁ ଦୁଃଖୀ । ତାହେଲେ ସୁଖ କଣ ? ସୁଖ ବଜାରରେ ବିକ୍ରୟ କରା ଯାଉଥିବା ଏକ ବସ୍ତୁ ବା ପଦାର୍ଥ ନୁହେଁ, ଏହା ସର୍ବଜନବିଦିତ । ଯଦି ଏହା ହୋଇଥାନ୍ତା ତେବେ ପ୍ରତ୍ୟେକ ଧନୀ ବକ୍ତି, ବହୁତ ସୁଖୀ ଥାନ୍ତେ । କିନ୍ତୁ ବାସ୍ତବ କ୍ଷେତ୍ରରେ ଲକ୍ଷ କରାଯାଏ ଯେ ସାଧାରଣତଃ ଧନୀ ବ୍ୟକ୍ତି ମାନେ ଦରିଦ୍ର ବ୍ୟକ୍ତି ମାନଙ୍କ ଠାରୁ ଅଧିକ ଅସୁଖୀ । ଏ ବାବଦରେ ଏକ ସୁନ୍ଦର କବିତାଟିଏ "ଦି ଏନଚାଂଟେଡ ସାର୍ଟ" ଆମେରିକାର କବି ଜନ୍ ହେଙ୍କ ଦ୍ୱାରା ଲିଖିତ । ଥରେ ଜଣେ ରାଜା ଭୀଷଣ ଭାବରେ ମାନସିକ ଅବସାଦ, ଦୁଃଖ ଏବଂ ଭୟରେ ଚାପଗ୍ରସ୍ତ ହୋଇ ଏହାର ଉପଚାର ନିମନ୍ତେ ଅନେକ ବୈଦ୍ୟ ଓ ଚିକିତ୍ସକଙ୍କ ଦ୍ୱାରସ୍ଥ ହୋଇ ହତାଶ ହୋଇଗଲେ । ରାଜାଙ୍କୁ ସୁସ୍ଥ କରାଇବା ପାଇଁ, ରାଜ୍ୟର ସମସ୍ତ ପାରିଷଦ ବର୍ଗ, ରାଜ କର୍ମଚାରୀ, ରାଜାଙ୍କ ହିତୈଷୀ ମାନଙ୍କର ପ୍ରଚେଷ୍ଟା ବିଫଳ ହେବା ପରେ, ଜଣେ ମନସ୍ତତ୍ୱବିଦ୍ ରାଜାଙ୍କୁ ସୁସ୍ଥ କରାଇ ଦେବାର ପ୍ରତିଶୃତି ଦେଇ, ତାଙ୍କ ମନ୍ତ୍ରୀଙ୍କୁ ଏକ ଉପାୟ ବତାଇଲେ । ସେ କହିଲେ ରାଜା ଯଦି ଜଣେ ସୁଖି ବ୍ୟକ୍ତିର ସାର୍ଟ ଗୋଟିଏ ଦିନ ପାଇଁ ପିନ୍ଧି ପାରିବେ, ତେବେ ସେ ନିଶ୍ଚିତ ଭାବରେ ରୋଗ ମୁକ୍ତ ହୋଇ ପାରିବେ । ସାଙ୍ଗେ ସାଙ୍ଗେ ମନ୍ତ୍ରୀ ରାଜ୍ୟରେ ଏକଥା ଘୋଷଣା କରିଦେଲେ ଯେ, ଯେଉଁ ବ୍ୟକ୍ତି ଗୋଟିଏ ସୁଖି ଲୋକର ସାର୍ଟ ଆଣି ଦେଇ ପାରିବ ତାକୁ ପୁରସ୍କାର ପ୍ରଦାନ କରାଯିବ । ସମସ୍ତେ ଲାଗି ପଡିଲେ ଏବଂ ଯାହାକୁ ପଚାରିଲେ ତୁମେ ସୁଖୀ ଅଟତ ? ସମସ୍ତଙ୍କ ଠାରୁ କେବଳ ଦୁଃଖ ଓ ସମସ୍ୟାର ଏକ ଲମ୍ବା ତାଲିକା ଶୁଣିବାକୁ ପାଇଲେ । ଦୈବାତ୍ ଜଣେ ସୈନିକ ଦେଖିଲା, ଗୋଟିଏ ପଡିଆରେ ଜଣେ ଲୋକ, ଅତି ଆନନ୍ଦରେ ଉଚ୍ଚ ସ୍ୱରରେ ଗୀତ ଗାଉଛି, ବହୁତ ଖୁସିରେ ଘାସ ପଡିଆରେ ଗଡି ଯାଉଛି । ଠିକ୍ ଲୋକ ମିଳି ଯାଇଛି ଭାବି, ସୈନିକଟି ତା ନିକଟକୁ ଯାଇ ପଚାରିଲା ତୁମର କଣ ଦୁଃଖ ଅଛି ? ସେ କହିଲା ସେଇଟା କଣ ମୁଁ ଜାଣିନି । ମୁଁ ବହୁତ ଆନନ୍ଦରେ ଅଛି । ଏ କଥା ଶୁଣି ସୈନିକଟି ତାକୁ ଧରି ରାଜାଙ୍କ ନିକଟରେ ପହଂଚାଇ କହିଲା , ମଣିମା ଏତେ ଦିନେ ମୁଁ ଜଣେ ସୁଖୀ ଲୋକକୁ ପାଇ, ଆପଣଙ୍କ ନିକଟକୁ ନେଇ ଆସିଛି । ରାଜା ତାକୁ ଅନୁରୋଧ କରି କହିଲେ, ବାବୁରେ ତୁମେ ଯାହା ଧନ ସମ୍ପତି ଚାଂହିବ ତୁମକୁ ଦିଆଯିବ, ପ୍ରତିବଦଳରେ ତୁମର ସାର୍ଟ ମୋତେ ଗୋଟିଏ ଦିନ ପାଇଁ ଦିଅ । ଲୋକଟି ହସି ହସି କହିଲା ମଣିମା ମୋର ସାର୍ଟ ନାହିଁ । ଏହି ପରିପ୍ରେକ୍ଷୀରେ ବୁଦ୍ଧଙ୍କର ଗୋଟିଏ ଉକ୍ତି ମନରେ ଆସେ "କାମନାର ବିନାଶରେ ହିଁ ଦୁଃଖର ବିନାଶ" । ପ୍ରକୃତରେ କାମନାର ବିନାଶ କେବେବି ସମ୍ଭବ ନୁହେଁ । ଆଜିର ମାନବ ସୁଖ ପ୍ରାପ୍ତି ନିମନ୍ତେ ପାର୍ଥୀବ ବସ୍ତୁ , ଭୌତିକ ପଦାର୍ଥ ଓ କ୍ଷମତା ପଛରେ ଦ୍ରୁତ ଗତିରେ ଧାବମାନ । ସତ୍ ହେଉ ବା ଅସତ୍ ହେଉ, ଯେ କୌଣସି ଉପାୟରେ ଅର୍ଥ ଉପାର୍ଜନ କରି, ଧନୀ ତାଲିକାଭୁକ୍ତ ହେବା ନିମନ୍ତେ ପ୍ରବଳ ପ୍ରତିଯୋଗିତା । ଏହା କଣ ସୁଖ ପ୍ରାପ୍ତିର ମାର୍ଗ ? ଅନେକଙ୍କ ନିକଟରେ ତୁଳିତଳ୍ପ ଶଯ୍ୟା ଅଛି, ମାତ୍ର ଚକ୍ଷୁକୁ ନିଦ୍ରା ଆସୁନାହିଁ, ସମ୍ମୁଖରେ ସୁସ୍ୱାଦୁ ବ୍ୟଞ୍ଜନ,କିନ୍ତୁ

ଜୀର୍ଣ ଶକ୍ତିର ଦୁର୍ବଳତା ଯୋଗୁ ଖାଦ୍ୟ ଖାଇବା ଅସମ୍ଭବ । ସମୀକ୍ଷାରୁ ପ୍ରାପ୍ତ ତଥ୍ୟାନୁଯାୟୀ, ଅନାହାରରେ ମୃତ୍ୟୁ ବରଣ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଅପେକ୍ଷା, ଅଧିକ ଦାମୀ ଗରିଷ୍ଠ ଖାଦ୍ୟ ଖାଇ, ଦୁରାରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ । ତେଣୁ ଅର୍ଥ ସୁଖ ପ୍ରାପ୍ତିର ଏକ ମାର୍ଗ ନୁହେଁ ତାହା ସୁସ୍ପଷ୍ଟ । ସୁଖ ପ୍ରାପ୍ତି ଏକ ମାନସିକ ଅବସ୍ଥା । ଜଣେ ବ୍ୟକ୍ତି ନିଜର ଯେଉଁ ଅବସ୍ଥାରେ ଦୁଃଖ ଅନୁଭବ କରେ, ଆଉ ଜଣେ ବ୍ୟକ୍ତି ଠିକ୍ ସେହି ଅବସ୍ଥାରେ ମଧ୍ୟ ସୁଖରେ କାଳାତିପାତ କରେ । ଅତ୍ୟଧିକ ଲୋଭ, ସମ୍ପତି ବୃଦ୍ଧି କରିବାର ଦୁର୍ବାର ଲାଳସା, ଅଧିକ ଅର୍ଥ ରୋଜଗାର କରିବା ପାଇଁ ଯେ କୌଣସି ହୀନ ଉପାୟ ଅବଲମ୍ବନ କରିବା ଠାରୁ, ଆଉ ଅଧିକ ଦୁଃଖ କିଛି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ମୃତ୍ୟୁ ବେଳକୁ ସାଙ୍ଗରେ ଗୋଟିଏ ଟଙ୍କା ନେଇ ପାରିବା ନାହିଁ ଜାଣି ମଧ୍ୟ, ଅନେକ ଲୋକ ଦିବା ରାତ୍ରୀ ଏକ କରି, ଅଣନିଶ୍ୱାସୀ ହୋଇ, ଖାଦ୍ୟ ବିଶ୍ରାମ ଉପଭୋଗ କୁ ଜଳାଞ୍ଜଳି ଦେଇ, ଶକ୍ତି ସାମର୍ଥ୍ୟ ହରାଇ ସାରିବା ପରେ ମଧ୍ୟ, ଅଧିକ ଅର୍ଥ ରୋଜଗାର ନିମନ୍ତେ ଅକ୍ଳାନ୍ତ ପରିଶ୍ରମ କରନ୍ତି । କିନ୍ତୁ ଫଳ କଣ ହୁଏନା, ସେ ତାର ସମସ୍ତ ସମ୍ପତିକୁ ଅକ୍ଷତ ଅବସ୍ଥାରେ ଅନ୍ୟକୁ ଦାନ କରି ଯାଏ । ରୋଜଗାର କରେ କିନ୍ତୁ ଭୋଗ କରି ପାରେ ନାହିଁ । ମନୁଷ୍ୟର ଆବଶ୍ୟକତା ପରିପୂରଣ ନିମନ୍ତେ ଯେତିକି ଅର୍ଥ ଦରକାର, ସେତିକିରେ ଯିଏ ସନ୍ତୁଷ୍ଟ ହୁଏ, ସେ ହେଉଛି ଦୁନିଆର ଶ୍ରେଷ୍ଠ ସୁଖୀ ବ୍ୟକ୍ତି । ଦ୍ୱିତୀୟରେ ହେଲା ଈର୍ଷା । ଅନ୍ୟର ସମ୍ପଦ ଦେଖିଲେ ଈର୍ଷା, ଅନ୍ୟର ସଫଳତା ଦେଖିଲେ ଈର୍ଷା, ଅନ୍ୟର ଯୋଗ୍ୟତା ଦେଖିଲେ ଈର୍ଷା, ଅନ୍ୟର ସୌନ୍ଦର୍ଯ୍ୟ ଦେଖିଲେ ଈର୍ଷା । ଖାଲି ଈର୍ଷା ହିଁ ଈର୍ଷା । ଦିଆସିଲି କାଠି ଅନ୍ୟକୁ ଜାଳିବା ପୂର୍ବରୁ ଯେପରି ନିଜେ ଜଳିଯାଏ, ଈର୍ଷାଳୁ ବ୍ୟକ୍ତି ଟି ସେହିପରି, ଈର୍ଷା ଦ୍ୱାରା ଅନ୍ୟର କ୍ଷତିତ କରି ପାରେ ନାହିଁ, କିନ୍ତୁ ନିଜର ମାନସିକ ଭାରସାମ୍ୟ ହରାଇ କଷ୍ଟ ପାଇଥାଏ । ତେଣୁ ଅନ୍ୟର ଖୁସୀରେ ଖୁସୀ ହେବା, ସୁଖ ପ୍ରାପ୍ତିର ଅନ୍ୟତମ ମାର୍ଗ । ଈର୍ଷା ତ୍ୟାଗ ଏକ କଷ୍ଟସାଧ୍ୟ କାର୍ଯ୍ୟ ନୁହେଁ, ମାନସିକ ସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିଲେ ଏହା ଅତ୍ୟନ୍ତ ସହଜ ଓ ଲାଭ ଦାୟକ । ତୃତୀୟଟି ହେଲା ଅସନ୍ତୁଷ୍ଟତା । ଏହା ଏକ ମାନସିକ ବ୍ୟାଧି । ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଜୀବନରେ କେବେ ହେଲେ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ । ସବୁବେଳେ ବ୍ୟସ୍ତ,ବିବ୍ରତ । ଦରମା ଯେତିକି ମିଳୁଛି, ସେଥିରେ ସନ୍ତୁଷ୍ଟ ନୁହନ୍ତି, ମୂଲିଆଟିଏ ଯେତେ କାମ କଲେବି, କହନ୍ତି ସେମାନେ ଠକି ଦେଉଛନ୍ତି । ପ୍ରତ୍ୟେକ କାର୍ଯ୍ୟର ସାମାନ୍ୟ ବିଫଳତା ପାଇଁ ସଦା ସର୍ବଦା ଅନ୍ୟକୁ ଦୋଷାରୋପ କରନ୍ତି । ଯାହା ହେଉଛି, ଠିକ୍ ହେଉଛି, ଏହି କଥାକୁ ଗ୍ରହଣ ନକଲେ, ଆମ୍ଭେମାନେ କେବେହେଲେ ସୁଖୀ ହୋଇ ପାରିବା ନାହିଁ । ମନୁଷ୍ୟର ଅନ୍ୟତମ ପ୍ରଥମ ଓ ପ୍ରଧାନ ଶତ୍ରୁ ହେଉଛି କ୍ରୋଧ । କ୍ରୋଧର ବଶବର୍ତୀ ହେଲେ ବ୍ୟକ୍ତିର ବୁଦ୍ଧିଭ୍ରଂଶ ହୋଇଥାଏ, ସେ ଆତ୍ମ ନିୟନ୍ତ୍ରଣ ହରାଇ ଥାଏ, ଯଦ୍ୱାରା ସେ କହୁଥିବା କଥା ଏବଂ କରୁଥିବା କାର୍ଯ୍ୟ ସଠିକ୍ ଭାବରେ କରି ନପାରି ବିପଦର ସମ୍ମୁଖୀନ ହୋଇଥାଏ । ଅନେକ ଛୋଟ ଛୋଟ କଥା ଆମକୁ ବେଳେ ବେଳେ ଦୁଃଖୀ କରାଇ ଥାଏ, ଯାହା ଆମେ ଜାଣି ପାରୁନାହିଁ । ଟିକିଏ ସଚେତନ ହୋଇ ଆମେ ଯଦି ଆମର ପ୍ରକୃତି ଓ ପ୍ରବୃତିକୁ ନିୟନ୍ତ୍ରଣରେ ରଖିପାରିବା, ତେବେ ସୁଖପ୍ରାପ୍ତି କେବେବି କଷ୍ଟସାଧ୍ୟ ନୁହେଁ ।

ସୁଖପ୍ରାପ୍ତି ନିମନ୍ତେ, ସର୍ବ ପ୍ରଥମେ ଆମେ , କୌଣସି ଜିନିଷ ପାଇବାର ଆଶା ନରଖି,ସମସ୍ତଙ୍କୁ ନିସର୍ତ ଭଲ ପାଇବା ଉଚିତ । ପଶୁପକ୍ଷୀ,ବୃକ୍ଷଲତା ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଭଲ ପାଇବା ଏକ କଷ୍ଟ କାର୍ଯ୍ୟ ନୁହେଁ, ଏକ ଅଭ୍ୟାସର କଥା । ନିରୀହ କଥା କହି ପାରୁ ନଥିବା ପଶୁକୁ ଯଦି ଆମେ ପୋଷା ମନାଇ, ନିଜ ଇଙ୍ଗିତରେ ପରିଚାଳିତ କରାଇ ପାରିଲେ କିମ୍ବା ନିଜେ ରୋପଣ କରିଥିବା ବୃକ୍ଷଟିକୁ ଯତ୍ନ ନେଇ ସେଥିରେ ଫୁଲ ଫଳ ଉତ୍ପନ କରାଇ ପାରିଲେ,ତେବେ ସେ ଆନନ୍ଦ କେବଳ ଅନୁଭବ କରିହେବ ସିନା ବର୍ଣନା

କରି ହେବ ନାହିଁ । ଦ୍ୱିତୀୟରେ ହେଲା ଈଶ୍ୱର ବିଶ୍ୱାସ । ମନୁଷ୍ୟ ଜୀବନରେ ଯାହାକିଛି ଘଟୁଛି, ସାଧାରଣତଃ ତାହା ତାର ନିଜ ନିୟନ୍ତ୍ରଣରେ ନଥାଏ । ଈଶ୍ୱରଙ୍କୁ ପ୍ରାର୍ଥନା ବା ପ୍ରଣାମ କରିବା ଦ୍ୱାରା ହୁଏତ ଆମର ପାର୍ଥୀବ କାମନା, ଯଥା ପୁଅର ଚାକିରୀ, ଝିଅର ବିବାହ ଇତ୍ୟାଦି ପୂରଣ ହୋଇ ନପାରେ, କିନ୍ତୁ କାମନା ରହିତ ପ୍ରାର୍ଥନା ,ଆମକୁ ନିଶ୍ଚୟ ଶାନ୍ତି ପ୍ରଦାନ କରିବ, ଏହା ନିଃସନ୍ଦେହ । ତୃତୀୟଟି ହେଲା ଆମ ସୁଖ ଦୁଃଖରେ ଆମେ ସମସ୍ତଙ୍କୁ ଅଂଶୀଦାର କରିବା । କାରଣ ସୁଖ ବାଂଟିଲେ ତାହା ଦ୍ୱିଗୁଣିତ ହୁଏ ଏବଂ ଦୁଃଖ ବାଂଟିଲେ ତାହା ହ୍ରାସ ହୋଇଥାଏ । ସାଧାରଣତଃ ଅନେକ ଲୋକ ଈର୍ଷାନ୍ୱିତ ପ୍ରକୃତି ଯୋଗୁ, ଅନ୍ୟର ଖୁସିରେ ଦୁଃଖ କରନ୍ତି । କିନ୍ତୁ ଅନ୍ୟର ସୁଖରେ ମଧ୍ୟ ଆମେ ସୁଖୀ ହେବା ର କଳାକୁ ଆୟତ କଲେ, ତାହା ଆମକୁ ନିଶ୍ଚୟ ଆନନ୍ଦ ପ୍ରଦାନ କରିବ । ଚତୁର୍ଥଟି ହେଲା ଦାନ । ସାଧାରଣତଃ ମନୁଷ୍ୟ ଲୋଭ ବଶତଃ ଅର୍ଥ ଦାନ କରିବାକୁ କୁଣ୍ଠା ପ୍ରକାଶ କରିଥାନ୍ତି । କିନ୍ତୁ ଦାନ କହିଲେ କେବଳ ଅର୍ଥ ଦାନକୁ ବୁଝାଏ ନାହିଁ । ଗୋଟିଏ ଶୁଷ୍କ ବୃକ୍ଷରେ ମୁନ୍ଦାଏ ଜଳ ଦାନ, ଜଣେ କ୍ଷୁଧାର୍ତକୁ ଗଣ୍ଡିଏ ଅନ୍ନ ଦାନ, ଗ୍ରୀଷ୍ମ ଋତୁରେ ତୃଷାର୍ତ ପଶୁ ପକ୍ଷୀଙ୍କ ନିମନ୍ତେ ଜଳ ସଂରକ୍ଷଣ ସର୍ବୋପରି ଜଣେ ସମସ୍ୟା ଜଡିତ ବ୍ୟକ୍ତିକୁ ଟିକିଏ ଆଶ୍ୱାସନା ଠାରୁ ଆଉ ଅଧିକ ମୂଲ୍ୟବାନ ଦାନ ଆଉ କଣ ଥାଇପାରେ ? ସାମାନ୍ୟ ତ୍ୟାଗରେ, ଆମେ ଯଦି ଆଉ କାହା ମୁହଁରେ ଟିକିଏ ହସ ଫୁଟାଇ ପାରିଲେ, ତାହା ଆମକୁ ଆନନ୍ଦ ପ୍ରଦାନ କରିବାରେ ନିଶ୍ଚୟ ସହାୟକ ହେବ । ପଂଚମଟି ହେଲା ପାରିବାରିକ ଶାନ୍ତି । ପରିବାରରେ ଯଦି ଅଶାନ୍ତି ସୃଷ୍ଟି ହୁଏ, ତେବେ ଆମେ କେବେବି ସୁଖୀ ହୋଇ ପାରିବା ନାହିଁ । ପାରିବାରିକ ଶାନ୍ତି ପ୍ରତିଷ୍ଠା ନିମନ୍ତେ, ଆମକୁ ସମସ୍ତଙ୍କ ମତାମତକୁ ସମ୍ମାନ ଜଣାଇ, ଆଲୋଚନା ମାଧ୍ୟମରେ ନିଷ୍ପତି ନେବା ଆବଶ୍ୟକ । ଉତମ ବୁଝାମଣା, ଧୈର୍ଯ୍ୟ ଏବଂ କ୍ରୋଧ ନିୟନ୍ତ୍ରଣ, ପାରିବାରିକ ଶାନ୍ତି ବଜାୟ ରଖିବାର ଏକ ଉତମ ମାଧ୍ୟମ । ସମସ୍ତେ ଏକତ୍ର ରାତ୍ର ଭୋଜନ କରି, ସେହି ସମୟରେ ସମସ୍ତଙ୍କର ଦୈନନ୍ଦିନ କାର୍ଯ୍ୟାବଳୀର ବିଶ୍ଳେଷଣ କରିବା କାର୍ଯ୍ୟଦ୍ୱାରା ଅନେକ ସମସ୍ୟାର ସହଜ ସମାଧାନ ସମ୍ଭବପର ହୋଇଥାଏ । ମୋଟା ମୋଟି ଭାବରେ ସ୍ୱାର୍ଥପର ମନୋଭାବ ତ୍ୟାଗ କରି, ଲୋଭ ଏବଂ କ୍ରୋଧ ପରି ଶକ୍ତିଶାଳୀ ଶତ୍ରୁକୁ ଆୟତରେ ରଖି, ସମସ୍ତଙ୍କ ପାଇଁ ଉଦାର ମନୋଭାବ ପୋଷଣ ପୂର୍ବକ, ଈଶ୍ୱରଙ୍କ ଉପରେ ଦୃଢ ବିଶ୍ୱାସ ରଖି ପାରିଲେ, ଆମ୍ଭେ ନିଶ୍ଚୟ ଆନନ୍ଦରେ ରହିବା, ଏହା ନିଃସନ୍ଦେହ ।

**ଶିକ୍ଷାବିତ୍, ଇଶାଣୀବ୍ରହ୍ମପୁର, କଟକ, ମୋ-୬୩୭୧୫୯୩୨୨୦**

# କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ - ଲୋକନାଥ ଚୌଧୁରୀ


ଅକ୍ଷୟ କୁମାର ରାଉତ

ସମୟର ବିଚିତ୍ର ଖେଳ । ବିଚିତ୍ର ଏ ବିଶ୍ୱ । ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ସୁନ୍ଦର ପୃଥିବି । ବିଶ୍ୱ ନିଅନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କିଟ ପତଙ୍ଗ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ସୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣୀ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଇଶ୍ୱରଙ୍କ ପ୍ରଥମ ସୋପାନର ଆମ ମନୁଷ୍ୟ ସମାଜ । ମନୁଷ୍ୟର ଆକୃତି ଓ ପ୍ରକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ । ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାରରେ କିଏ ଛାଡି ଯାଏ ପାଦ ଚିହ୍ନ, କାହାର ପାଦ ଚିହ୍ନ ଶୀଳାରେ ତ' କାହାର ପାଦ ଚିହ୍ନ ବାଲୁକା ଓ ପାଣିରେ । ଯିଏ ସମାଜ, ରାଷ୍ଟ୍ର, ଦେଶ, ଜଗତ ପାଇଁ କାମକରେ ତା'ର ପାଦ ଚିହ୍ନ ରହିଯାଏ ଶୀଳାରେ, ସେ ଅମର ହୋଇଯାଏ ସମାଜ ପାଇଁ ।

ଯେତେବେଳେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ସମାଜ ସେବି, ପ୍ରାବନ୍ଧିକ, ବାମପନ୍ଥୀ ରାଜନେତା ୧୯୨୫ ମସିହା ମେ ମାସ ୧୯ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ତାଳଦଣ୍ଡା ଗ୍ରାମରେ ପିତା କୈଳାସ (କେଲୁ) ଚନ୍ଦ୍ର ଚୌଧୁରୀ, ମାତା ଚଂଚଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ଶ୍ରୀଯୁକ୍ତ ଲୋକନାଥ ଚୌଧୁରୀ । ପିଲାବେଳୁ ସେ ସାହାସୀ ଓ ଧର୍ଯ୍ୟର ପ୍ରତିକ ଥିଲେ । ସେ କେବେ ଭାଙ୍ଗିପଡି ନଥିଲେ ଦୁଃଖ ଓ ଯାତନାରେ । ତାଙ୍କ ବୋଉ ପୁରୀ ଲୋକନାଥଙ୍କ ପାଖରେ ସଂକଳ୍ପ କରିଥିବାରୁ ତାଙ୍କ ନାମ ଲୋକନାଥ ରଖା ଗଲା । ତାଙ୍କ ଜନ୍ମପରେ ତିନୋଟି ଭାଇ, ଗୋପିନାଥ, ଶ୍ରୀନାଥ, ସୋମନାଥ ଏବଂ ଦୁଇ ଭଉଣୀ ଶାବିତ୍ରୀ ଓ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ । ୫ ବର୍ଷ ବୟସରେ ଏଲ୍.ପି. ସ୍କୁଲ ତାଳଦଣ୍ଡାରେ ତାଙ୍କ ନାମ ଲେଖା ହେଲା । କିନ୍ତୁ ସେ ଘରେ ରହି ପାଠ ପଢୁଥିଲେ । ତା' ପରେ ସେ କୁଜଙ୍ଗ ବିଦ୍ୟାଳୟରେ ୪ ର୍ଥ ଶ୍ରେଣୀ ରେ ପାଠ ପଢିଲେ । ସେ ଭଲ ପାଠ ନ ପଢିବାରୁ ତାଙ୍କ ପିତା କାଦୁଆପଡା ଗାଦିବ୍ରହ୍ମ ବିଦ୍ୟାଳରେ ୫ମ ଶ୍ରେଣୀରେ ନମ ଲେଖାଇଲେ । ଲୋକନାଥ ବାବୁ ତାଙ୍କ ପିଉସା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗବନ୍ଧୁ ସାମନ୍ତରାୟଙ୍କ ଘରେ ରହି ପାଠ ପଢିଲେ । ୧୯୩୯ ମସିହାରେ ସେ ରେଭେନ୍ସା କଲଜିଏଟ ସ୍କୁଲ୍ କେନ୍ଦ୍ରରେ ପରିକ୍ଷା ଦେଇ ମାଇନର ପାସ୍ କଲେ । କୁଜଙ୍ଗ ସ୍କୁଲର ୮ମ ଶ୍ରେଣୀ ରେ ନାମ ଲେଖାଇ ପାଠ ପଢିଲେ ।

ମାଟ୍ରିକ୍ ସେକେଣ୍ଡ ଡିଭିଜନରେ ପାସ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷ କଳାରେ ନାମ ଲେଖାଇଲେ । ୧୯୪୬ ମସିହାରେ ଆ.ଏ. ପରିକ୍ଷାରେ ଫେଲ୍ ହୋଇ ରେଭେନ୍ସାରୁ ସାର୍ଟିଫିକେଟ୍ ନେଇ ଖ୍ରୀଷ୍ଟ କଲେଜରେ ପାଠ ପଢିଲେ । ତା'ପରେ ଆ.ଏ. ପାସ କରି ରେଭେନ୍ସା କଲେଜରେ ବି.ଏ. ଇତିହାସ ଅନର୍ସ ପାଠ ପଢିଲେ । ଏଠାରେ ପାଠ ପଢିବା ସମୟରେ ସେ ମହାପାତ୍ର ନିଳମଣି ସାହୁ , ଜାନକୀବଲ୍ଲଭ ପଟ୍ଟନାୟକ, ଉମା ଚରଣ ମହାପାତ୍ର , ରାଧା ମୋହନ ଗଡନାୟକଙ୍କ ସହିତ ମିଶି ସାହିତ୍ୟ ଆଲୋଚନା କରୁଥିଲେ । ସେହି ସମୟରେ ତାଙ୍କର ଲିଖିତ "କାଳି ଦାସ" ପ୍ରକାଶିତ ହୋଇଥିଲା । ପାର୍ଟି କନ୍‌ଭେନସନ କାର୍ଯ୍ୟରେ ବ୍ୟସ୍ତ ରହି ବି.ଏ. ସପ୍ଲିମେଂଟାରୀ ପରିକ୍ଷା ବିନା ଅନର୍ସରେ ଦେବାକୁ ପଡିଲା । ବାପା ପଠାଉଥିବା ପଇସା ଖର୍ଚ୍ଚ କରିଦେବାରୁ ରାଧା ମୋହନ ଗଡନାୟକଙ୍କ ଠାରୁ ୪୦୦ ଟଙ୍କା ଆଣି ପରିକ୍ଷା ଫିସ୍ ଦେଲେ । ବି.ଏ. ପରିକ୍ଷା ଦେଇ ପାସ୍ କଲେ ।

୧୯୪୭ ମସିହା ଏପ୍ରିଲ ମାସରେ ଲୋକନାଥ ବାବୁଙ୍କର ବିଭାଘର ରଙ୍ଗିଆ ଗଡ ନିବାସୀ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କର ଝିଅ "ମାଳତୀ" ଙ୍କ ସହିତ ହୋଇଥିଲା । ତାଙ୍କର ଚାରୋଟି ଝିଅ ବିଜୟାଲକ୍ଷ୍ମୀ, ସଂଯୁକ୍ତା, ମଂଜୁରାଣୀ ଓ ସବିତା ।

ସେ ଛାତ୍ର , କୃଷକ, ଶ୍ରମିକ, ଶିକ୍ଷକ, ରେଲ୍ କର୍ମଚାରୀ ଓ ଗଡଜାତ ଆନ୍ଦୋଳନରେ ପାର୍ଟି ତରଫରୁ ଯୋଗ ଦେଇ ବିଭିନ୍ନ ସମୟରେ ଜେଲ୍ ବରଣ କରିଥିଲେ । ପରେ ସେ ସକ୍ରିୟ ରାଜନିତୀରେ ଯୋଗ ଦେଲେ । ପ୍ରଥମ ସଧାରଣ ନିର୍ବାଚନରେ କଂଗ୍ରେସ ଗୌରିଶ୍ୟାମ ନାୟକଙ୍କୁ ପ୍ରାର୍ଥି କରିବାରୁ ବିରବର ସାମନ୍ତ ଓ ରତ୍ନମାଳି ଜେମା ଅସନ୍ତୁଷ୍ଟ ହୋଇ ଲୋକନାଥ ଚୌଧୁରୀଙ୍କୁ କମୁନିଷ୍ଟି ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପ୍ରଭାବିତ କଲେ ଓ ନିର୍ବାଚନରେ ସଂପୂର୍ଣ୍ଣ ସାହାଯ୍ୟ କଲେ । ଲୋକନାଥ ବାବୁଙ୍କ ପରିବାରରେ ଜଳହଂସ ନାମରେ ଏକ ନୌକା ଥିଲା । ଏହି ନୌକାରେ ରତ୍ନମାଳି ଜେମା, ତାଙ୍କ ସାନଭଉଣୀ ଓ ତିନି ମାଉସୀ ନିର୍ବାଚନ ପ୍ରଚାର କଲେ । ଲୋକନାଥ ବାବୁ ତାଙ୍କର ଗୋଟିଏ ସାଇକେଲ କର୍ମୀ ମାନଙ୍କୁ ଦେଇ ନିଜେ ଚାଲି ଚାଲି ନିର୍ବାଚନ ପ୍ରଚାର କଲେ । ନିର୍ବାଚନ ଫଳ ପ୍ରକାଶ ପାଇଲା । ଶ୍ରୀଯୁକ୍ତ ଗୌରୀଶ୍ୟାମ ନାୟକ ୧୨ହଜାର ଭୋଟ ପାଇ ବିଜୟ ଲାଭ କଲେ । ନରେନ୍ଦ୍ର ନାୟକ ୭ ହଜାର ଭୋଟ ପାଇ ୨ୟ ସ୍ଥାନରେ ରହିଲେ । ଲୋକନାଥ ବାବୁ ୬ ହଜାର ୫୦୦ ଭୋଟ ପାଇ ୩ୟ ସ୍ଥାନରେ ରହିଲେ । ସେହି ଦିନ ଠାରୁ ସେ ଆଉ ପଛକୁ ଅନାଇ ନାହାନ୍ତି । ଖଟି ଖିଆ, ଶ୍ରମିକ ସମାଜର ଉନ୍ନତି ପାଇଁ ବାମପନ୍ଥି ଚିନ୍ତାଧାରାରେ ସମାଜର ଉନ୍ନତି ପାଇଁ ଲାଗିପଡିଛନ୍ତି । ଫଳ ସ୍ୱରୁପ ସେ ଜଣେ ଟାଣୁଆ ରାଜନେତା ହିସାବରେ ଜାତୀୟ ସ୍ଥରରେ ନିଜ ନାମର ସାର୍ଥକତା ପ୍ରତି ପାଦନ କରିଛନ୍ତି । ଲୋକନାଥ ବାବୁ ନିର୍ବାଚନ ବୈତରଣୀରେ ୩ଥର (୧୯୫୭, ୧୯୬୧, ୧୯୭୪) ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଦୁଇ ଥର ( ୧୯୮୯, ୧୯୯୧) ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି । ତାଙ୍କର ରଣ ହୁଂକାର ଯୋଗୁ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ଦରମା ଓ ପେନ୍‌ସନ୍ ଏବଂ ଭାଗଚାଷୀ ଆଇନ ପ୍ରଣୟନ କରି ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ ।

ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଦାବି ଉପସ୍ଥାପନ କରି ୧୧ ଦିନ, ୨୨ଦିନ ଓ ୪୨ ଦିନ ଅନଶନ କରି ସରକାରଙ୍କୁ ବାଧ୍ୟ କରୁଥିଲେ ସମସ୍ୟା ସମାଧାନ କରିବାକୁ । ପଶ୍ଚିମ ଓଡିଶାର ଦାରୁଣ ଖାଦ୍ୟ ଅଭାବ ଦାରିଦ୍ର୍ୟତା ଦେଖାଇ ଲୋକ ସଭାରେ ଅନଶନ ଧମକ ଦେଇ କେ.ବି.କେ. ଯୋଜନା ପ୍ରଣୟନ କରିଥିଲେ । ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ରୂପେ ଜାତି ସଂଘକୁ ପ୍ରତିନିଧିତ୍ୱ କରିଥିଲେ । ଉପକୂଳ ବର୍ତୀ ଅଂଚଳକୁ ଲୁଣା ପାଣିରୁ ରକ୍ଷା ପାଇଁ ସାଲାଇନ୍ ଡିଭିଜନ ସୃଷ୍ଟି ତାଙ୍କର କୃତିତ୍ୱ । ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁ ମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆମ କୁଜଙ୍ଗ ମାଟିର ୩ଜଣ ଯଥା- ଲୋକନାଥ ଚୌଧୁରୀ , ବିଭୁପ୍ରସାଦ ତରାଇ , ଡଃ. କୁଳମଣି ସାମଲ ।

ମହାନ୍ ବିପ୍ଳବି, ବାମପନ୍ଥୀ ଚିନ୍ତା ନାୟକ, ଜାତୀୟ ସ୍ତରର ଜଣେ ରାଜନୈତିକ ନେତା , ଏ ମାଟିର ଗର୍ବ ଓ ଗୌରବଙ୍କର କର୍ମମୟ ଜୀବନର ଅବସାନ ଘଟିଲା । ସେ ଦିନ ଥିଲା ୨୦୦୩ ମସିହା ମେ ମାସ ୧୨ ତାରିଖ । ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ । ତାଙ୍କ ଅଭାବ ଏ ଅଂଚଳର କୃଷକ, ଖଟିଖିଆ, ଶିକ୍ଷକ, ଶିକ୍ଷିତ ସମାଜ କେବେ ଭୁଲି ପାରିବେ ନାହିଁ । ସେ ସର୍ବଦା ଆମଭିତରେ ବଂଚିରହିବେ ।

**ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର, ମୋ.ନଂ- ୯୯୩୭୬୯୧୪୭୫**

## ଭେଡ଼େନ ନଦୀରେ ବାଲି ମାଫିଆଙ୍କ ରାଜ : ଖଣି ବିଭାଗ ନିରବଦ୍ରଷ୍ଟା



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଓ କୁଚିଣ୍ଡା ବ୍ଲକ ସୀମାନ୍ତ ଦେଇ ପ୍ରବାହିତ ଭେଡ଼େନ ନଦୀର ଲଇଡ଼ା ଦର୍ହରୁ ଦିନରାତି ବେଆଇନ ବାଲି ଉତ୍ତୋଳନ ଓ ପରିବହନ କରାଯାଉଛି। ତଥାପି ଖଣି ବିଭାଗ ଓ ପ୍ରଶାସନ ହାତ ବାନ୍ଧି ନିରବଦ୍ରଷ୍ଟା ସାଜିଛି ବୋଲି ଜିଲାପରିଷଦ ସଭ୍ୟ ଦେନାରାୟଣ ତିୱାରୀ ଅଭିଯୋଗ କରିଛନ୍ତି। ଏନେଇ ସେ ଖଣି ଅଧିକାରୀ ଓ ତହସିଲଦାରଙ୍କୁ ଫୋନ କରିଥିଲେ ମଧ୍ୟ କୌଣସି କାର୍ଯାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ କ୍ଷୋଭପ୍ରକାଶ କରିଛନ୍ତି। ବାଲିମାଫିଆଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଦିନ ଦ୍ୱିପ୍ରହରରେ ମାଫିଆମାନେ ବାଲି ଚୋରାଚାଲାଣ କରି ମାଲେମାଲ ହେଉଥିବା ଶ୍ରୀ ତିୱାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାଦ୍ୱାରା ସରକାରଙ୍କ ରାଜସ୍ୱହାନି ହେଉଛି। ଏହି ରାସ୍ତାଦେଇ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ନ ପଡ଼ିବା ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି। କିଛିଦିନ ତଳେ ନଦୀ ତଟବର୍ତ୍ତୀ ଅଞ୍ଚଳର କେତେକ ସଚେତନ ନାଗରିକ ଏଭଳି ବାଲି ଚୋରାଚାଲାଣକୁ ନେଇ ଖଣି ବିଭାଗ ଅଧିକାରୀଙ୍କୁ ଫୋନରେ ସୂଚନା ଦେଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ଏକଜୁଟ୍ ହୋଇ ବାଲି ପରିବହନକାରୀ ଗାଡିଗୁଡିକୁ ଅଟକ ରଖିଥିଲେ। ଏହା ପରେ କିଛିଦିନ ବାଲି ଚୋରାଚାଲାଣ ବନ୍ଦ ରହିଥିଲା। କିନ୍ତୁ ପୁଣି ଏବେ ବାଲିମାଫିଆମାନେ ସକ୍ରିୟହୋଇ ଦିନସାରା ବାଲି ଉତ୍ତୋଳନ କରି ଚୋରା ଚାଲାଣ ଆରମ୍ଭ କରି ଦେଲେଣି। ଭେଡ଼େନ ନଦୀରେ ଲଇଡ଼ା ଦର୍ହଟି କୁଚିଣ୍ଡା ଓ କତରବଗା ଥାନା ସୀମାନ୍ତରେ ରହିଥିବା ବେଳେ ନଦୀତଟ ମାଟି କାଟି ନଦୀପଠାକୁ ରାସ୍ତା ନିର୍ମାଣ କରାଯାଇଛି। ବଡ ବଡ ମେସିନରେ ନଦୀରୁ ବାଲି ଉତ୍ତୋଳନ କରାଯାଇ ହାଇୱା ଓ ଟ୍ରାକ୍ଟର ମାଧ୍ୟମରେ ଚୋରାଚାଲାଣ କରାଯାଉଛି। ତଥାପି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଗତ ଦିନରେ ଏସ୍ପିଙ୍କ ନିର୍ଦ୍ଦେଶରେ ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ଉପରେ ଜୋରଦାର ଚଢଉ ହୋଇଥିଲା। କିନ୍ତୁ ଭେଡ଼େନ ନଦୀର ଲଇଡ଼ା ଦର୍ହରୁ ନିୟମିତ ବ୍ୟବଧାନରେ ବ୍ୟବସାୟିକ ଭିତ୍ତିରେ ବାଲି ଚୋରାଚାଲାଣ ହେଉଥିଲେ ମଧ୍ୟ ପୁଲିସ କିମ୍ବା ଖଣି ବିଭାଗ ଚୁପ୍ ରହିଛି। ଏହା ଉପରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅବସରପ୍ରାପ୍ତ ଯବାନ ତଥା ଜିଲାପରିଷଦ ସଭ୍ୟ ଦେନାରାୟଣ ତିୱାରୀ ପ୍ରଶ୍ନକରି ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କିତ ଏକ ଭିଡିଓ ଭାଇରାଲ କରିଛନ୍ତି। ଖଣି ବିଭାଗ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

## ଅନୈତିକ ଡ୍ରଗ୍ସ କାରବାର ବିରୋଧରେ ଯୁବ ସ୍ୱାଭିମାନ ପଦଯାତ୍ରା




**ପାରାଦୀପ,(ଡିକେ ନ୍ୟୁଜ):** ପାରାଦୀପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଣୀଧାରା ଇଣ୍ଟିଗ୍ରେଟେଡ୍ ଟ୍ରଷ୍ଟ ଓ ପାରାଦୀପ କଲେଜ ଏନସିସି ଆଲୁମ୍ନି ଆସୋସିଏସନ ମିଳିତ ସହଯୋଗରେ ଡ୍ରଗ୍ସ ସେବନକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ପାରାଦୀପ କଲେଜ ନିକଟରୁ ଏକ ପଦଯାତ୍ରା ଆରମ୍ଭ କରାଯାଇ ଥିଲା। ଡ୍ରଗ୍ସ ମୁକ୍ତ, ଅପରାଧ ମୁକ୍ତ ଏବଂ ଶସକ୍ତ ସୁସ୍ଥ ସମାଜ ଗଠନ ଲକ୍ଷ୍ୟରେ ଏହି ସଚେତନ ଶୋଭାଯାତ୍ରା ବାହାରି ଷଷ୍ଠକୁଦ ବସ୍ତି ଅଞ୍ଚଳ, ହୋଟେଲ ଏଶ୍ୱାର୍ଯ୍ୟ ଛକ, ବ୍ୟାଙ୍କ ଲେନ୍ ଦେଇ ଜୟଦେବ ସଦନ ଛକ ନିକଟରେ ପହଞ୍ଚିଥିଲା। ଏହି ସଚେତନତା ରାଲିରେ କଲେଜର ଏନସିସି ଛାତ୍ରଛାତ୍ରୀଙ୍କ ସମେତ ବାଣୀଧାରା ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇ ସ୍ଲୋଗାନ ମାଧ୍ୟମରେ ଅନୈତିକ ଡ୍ରଗ୍ସ ଠାରୁ ଦୂରେଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ବାଣୀଧାରାର ସଂଯୋଜକ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ସଂଯୋଜନାରେ ଏହି 'ଅବୈଧ ଡ୍ରଗ୍ସ ମୁକ୍ତ ଅଭିଯାନ' ଗତ ୪ବର୍ଷ ହେବ ଜଗତସିଂହପୁର ଜିଲ୍ଲା ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କରାଯାଉଛି। ବିଶେଷ କରି ଆମ ଭବିଷ୍ୟତ ଯୁବପିଢି ଯେପରି ଡ୍ରଗ୍ସ କବଳରେ ପଡି ନିଜର ଭବିଷ୍ୟତ ନଷ୍ଟ କରୁଛନ୍ତି। ସେମାନଙ୍କ ପାଇଁ ଏହି ଅଭିଯାନ କରାଯାଉଛି ବୋଲି କହିଛନ୍ତି ବାଣୀଧାରା ଟ୍ରଷ୍ଟ ଅନୁଷ୍ଠାନର ସଂଯୋଜକ ଗତିକୃଷ୍ଣ ଶତପଥୀ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଥାନା ପ୍ରତିଷ୍ଠା ଦାବିରେ ଘେଁସ ଠାରେ ୬ ଘଣ୍ଟିଆ ବନ୍ଦ ପାଳନ

**ମେଲଛାମୁଣ୍ଡା,(ଡିକେ ନ୍ୟୁଜ):** ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଥାନା ପ୍ରତିଷ୍ଠା ଦାବିରେ ଶୁକ୍ରବାର ଦିନ ଘେଁସ ଠାରେ ୬ ଘଣ୍ଟିଆ ବନ୍ଦ ପାଳନ ହୋଇଯାଇଛି। ବରଗଡ଼ ଜିଲ୍ଲା ଘେଁସ ସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାର ଦୀର୍ଘ ୭୭ ବର୍ଷ ବିତିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରଟିର କୌଣସି ପ୍ରକାର ଉନ୍ନତି ହୋଇ ପାରିନାହିଁ। ଯଦ୍ୱାରା ଅଞ୍ଚଳର ଜନସାଧାରଣ ପ୍ରାଥମିକ ସ୍ୱାସ୍ଥ୍ୟସେବା ମଧ୍ୟ ଠିକ୍ ଭାବରେ ପାଇପାରୁନାହାନ୍ତି। ଚିକିତ୍ସା ପାଇଁ ବାରାକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପଟେ ଘେଁସ ତଥା ଆଖପାଖ ଅଞ୍ଚଳରେ ଚୋରି, ଡକାୟତି, ହତ୍ୟାକାଣ୍ଡ, ମାରଣାତ୍ମକ ଆକ୍ରମଣ, ଲୁଟପାଟ ଭଳି ଅପରାଧିକ କାର୍ଯ୍ୟକଳାପ ଦିନକୁଦିନ ବୃଦ୍ଧି ପାଉଥିବାରୁ ଏଠାରେ ଲୋକ ନିରାପଦ ଓ ସୁରକ୍ଷିତ ମନେ କରୁନାହାନ୍ତି। ତେବେ ଘେଁସ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନୀତ କରାଯିବା ଓ ଏଠି ଏକ ନୂତନ ଥାନା ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ଠାରୁ ଅଞ୍ଚଳବାସୀ ବାରମ୍ବାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ, ସାଂସଦ ଓ ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜିଦିନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ହୋଇପାରିନଥିବା ବେଳେ ନୂତନ ଥାନା ମଧ୍ୟ ହୋଇପାରିନାହିଁ। ଏଣୁ ଘେଁସ ଠାରେ ଏକ ଥାନା ପ୍ରତିଷ୍ଠା କରାଯିବା ସହିତ ଏଠି ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନୀତ କରାଯିବା ସକାଶେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ନିମିତ୍ତ ଘେଁସ ଠାରେ ଶୁକ୍ରବାର ଦିନ ସକାଳ ୬ ଟା ରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ୬ ଘଣ୍ଟିଆ ଦୋକାନ ବଜାର ବନ୍ଦ କରାଯାଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଦଯାତ୍ରା କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର ମୋହନ ଚରଣ ମାଝି, ଆଇନ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ଏଥିରେ ଘେଁସ, କୁଟିପାଲି, କଲଙ୍ଗାପାଲି, ବିର୍ଜାମ, ବେହେରାପାଲି, ପେଟୁପାଲି, ଝର, ସନିମାଲ, ସାଲେପାଲି ଏପରି ବିଭିନ୍ନ ଗ୍ରାମପଞ୍ଚାୟତ ମାନଙ୍କରୁ ଜନପ୍ରତିନିଧି ଓ ଜନସାଧାରଣ ଏବଂ ବରଗଡ଼ ଜିଲ୍ଲା ସଂଯୁକ୍ତ କୃଷକ ସଙ୍ଗଠନ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ମେଲଛାମୁଣ୍ଡା ଥାନା ପୋଲିସ ଉପସ୍ଥିତ ରହିଥିଲେ। ପଦ୍ମଶ୍ରୀ ହଲଧର ନାଗ, ଘେଁସ କ୍ରିୟାନୁଷ୍ଠାନ କମିଟିର ମୁରଲୀଧର ଭୋଇ, ସୁବାସ ସାହୁ, ଜଗବନ୍ଧୁ ସାହୁ, ଡୋଲାମଣି ପଟେଲ, ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ, କୁଟିପାଲି ସରପଞ୍ଚ ଏସ ପଣ୍ଡା, ବେହେରାପାଲି ସରପଞ୍ଚ ସତ୍ୟଭାମା ସାହା, କଲଙ୍ଗାପାଲି ସରପଞ୍ଚ ଆନନ୍ଦ ଜାଲ, ଝର ସରପଞ୍ଚ ଅଶୋକ କୁମାର ବାରିକ, ପେଟୁପାଲି ସରପଞ୍ଚ ପ୍ରଜ୍ଞାବାଳା ସାହୁ, ପେଟୁପାଲି ସମିତିସଭ୍ୟ କୁଞ୍ଜବିହାରୀ ପ୍ରଧାନ, ବିର୍ଜାମ ସରପଞ୍ଚ ଶ୍ରଦ୍ଧାଞ୍ଜଳୀ ସାହୁ, ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଟ୍ରକ ଲୋଡିଂ ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ଥାନାରେ ମାମଲା

**କୋଇଡା,(ଡିକେ ନ୍ୟୁଜ):** ସୁନ୍ଦରଗଡ଼ ଜିଲ୍ଲା କୋଇଡା ସ୍ଥିତ କୋଇଡା ମାଇନିଙ୍ଗ ଏରିଆ ଟ୍ରକ ମାଲିକ ଆସୋସେସନର ଦୁଇ ଗୋଷ୍ଟୀଙ୍କ ମଧ୍ୟରେ ମାରପିଟ ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାଇ ଗାଡି ଲୋଡିଙ୍ଗ ସ୍ଲିପ ଭାଗ ବଣ୍ଟାକୁ କେନ୍ଦ୍ର କରି ଦୁଇ ଗୋଷ୍ଟୀଙ୍କ ମଧ୍ୟରେ ବଚସା ହୋଇଥିଲା ଓ କିଛି ସମୟ ପରେ ବଚସା ଉଗ୍ରରୂପ ଧାରଣା କରିଥିଲା। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ସଦସ୍ୟ ଅବଦୁଲ୍ଲା ଆନସାରୀ ନାମକ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ଧୀରଜ ଗୁପ୍ତା ଓ ମୁନା ଖାନ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଉଭୟ ପକ୍ଷରୁ କୋଇଡା ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଥାଉ କି ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ଏହି ସଙ୍ଘରେ ଆଜି ପର୍ଯ୍ୟନ୍ତ କୌଣସି ନିର୍ବାଚନ ହୋଇନଥିବା ଜଣାପଡିଛି ଓ ବହୁ ଆପତ୍ତି ଅଭିଯୋଗ ପରେ କିଛି ମାସ ପୂର୍ବରୁ ଜିଲ୍ଲା ପ୍ରଶାସନ ଚିଠି ସଂଖ୍ୟା ନମ୍ବର ୧୪୮୩ ଦ୍ୱାରା କୋଇଡା ବ୍ଲକ ମାଇନିଙ୍ଗ ଏରିଆ ଟ୍ରକ ଓନର୍ସ ଆସୋସେସନର ଦୁଇ ମାସ ଭିତରେ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗମ୍ଭୀରତାର ସହିତ ବିଚାରକୁ ନେଇ ସଂଘର ନିର୍ବାଚନ କାର୍ଯ୍ୟକୁ ଯଥାଶୀଘ୍ର କରାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଜେପିର ଗୋଟାଏ ବର୍ଷ ପରେ ଦାବି ପୂରଣ: ଗାଁରେ ବସିଲା ନଳକୂପ



**ଦିଗପହଣ୍ଡି ,(ଡିକେ ନ୍ୟୁଜ):** ଗତ କିଛିଦିନ ହେଲା ଗ୍ରୀଷ୍ମର ପ୍ରଭାବ ବଢ଼ିବାରେ ଲାଗିଛି। ସେଇଥି ପାଇଁ ସରକାର ଲୋକଙ୍କୁ ଜଳ ଯୋଗାଇଦେବା ନିମନ୍ତେ ବିଭିନ୍ନ ସ୍ଥାନରେ ନଳକୂପ ଖନନ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗୁଡିଆ ତୋଟା ଇଲେକ୍ଟ୍ରି ସବଷ୍ଟେସନ ନିକଟସ୍ଥ ଶ୍ରୀରାମ ନଗର ସାହିରେ ଗୋଟାଏ ନଳକୂପ ପାଇଁ ଲାଗିଗଲା ଦୀର୍ଘ ୪ ବର୍ଷ। ଏପରି ଅଭାବନୀୟ ଘଟଣା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗୁଡିଆ ତୋଟା ଇଲେକ୍ଟ୍ରି ସବଷ୍ଟେସନ ନିକଟସ୍ଥ ଶ୍ରୀରାମ ନଗର ସାହିରେ ଦେଖିବାକୁ ମିଳିଛି। ସାହି ବାସିନ୍ଦାଙ୍କ କହିବା କଥା ଗୋଟାଏ ନଳକୂଅ ପାଇଁ ଦାବି କରିବାର ୪ ବର୍ଷ ହୋଇଗଲା। ଏଭିତରେ ବିଜେଡି ସରକାରଙ୍କ ୩ ବର୍ଷ ଓ ବିଜେପି ସରକାରଙ୍କ ଗୋଟାଏ ବର୍ଷ ବିତି ସାରିଛି। ଶେଷରେ ବିଜେପି ସରକାର ସାହିବାସିନ୍ଦା ପାଇଁ ବସାଇଲେ ନଳକୂପ। ଏଥିପାଇଁ ସାହିବାସିନ୍ଦା ୪ ବର୍ଷ ହେଲା ଅନେକ ଜଣଙ୍କୁ ଦାବି, ଅନୁରୋଧ, ଜଣାଣ, ପ୍ରାର୍ଥନା କରିବାକୁ ପଡ଼ିଥିଲା। ଶେଷରେ ଯାଇ ଆଜି ତାଙ୍କର ଗୁହାରି ପୂରଣ ହେଲା। ଏପରି ଆହୁରି ଅନେକ ସ୍ଥାନ ଅଛି, ସେମାନଙ୍କ ଆଶା କେବେ ପୂରଣ ହେଉଛି ଦେଖିବାକୁ ବାକି ରହିଲା।

## ଅମ୍ବାଦଳା ହାଇସ୍କୁଲ ପ୍ରତି ମଙ୍ଗଳ ଅଧିକାରୀଙ୍କ ଅଣଦେଖା



**ମୁନିଗୁଡ଼ା,(ଡିକେ ନ୍ୟୁଜ):** ଅମ୍ବାଦଳା ମଙ୍ଗଳ ବିଭାଗର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ମରୁଡି ଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ପ୍ରତିନିଯୁକ୍ତ କରିବା, ଏହା ମଙ୍ଗଳ ବିଭାଗ ପକ୍ଷରୁ ଅମଙ୍ଗଳ ନୀତି ଅବଲମ୍ବନ କରାଯାଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ସଂସ୍କୃତ ଶିକ୍ଷକ, କ୍ରୀଡା ଶିକ୍ଷକଙ୍କ ସମେତ କିରାଣୀ ପଦବୀ ଖାଲି ପଡ଼ିଥିବା ବେଳେ ଛାତ୍ର ଛାତ୍ରୀଙ୍କ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଥିବା ବେଳେ ଉକ୍ତ ବିଦ୍ୟାଳୟରେ ଜଣେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ପ୍ରତିନିଯୁକ୍ତ କରିଥିବା ଯୋଗୁ ଅଭିଭାବକ, ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାୟଗଡ଼ା ଜିଲ୍ଲାର ସର୍ବାଧିକ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢୁଛନ୍ତି। ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଆବଶ୍ୟକ ରହିବା ଓ ବିଭିନ୍ନ ବିଭାଗରେ ଶିକ୍ଷକମାନଙ୍କ ଅଭାବ ଥିବା ସତ୍ତ୍ୱେ ବିଡ଼ମ୍ବନାର ବିଷୟ କେଉଁ ନିୟମ ଆଧାରରେ ଜଣେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ପ୍ରତିନିଯୁକ୍ତ କରାଗଲା ଅଭିଭାବକ ମାନେ କ୍ଷୋଭ ପ୍ରକାଶ କରିଛନ୍ତ। ଉକ୍ତ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖିଲେ ଆହୁରି ଶିକ୍ଷକ ଶିକ୍ଷୟତ୍ରୀଙ୍କ ଆବଶ୍ୟକ ରହିଛି। ଏଭଳି କ୍ଷେତ୍ରରେ ଖାଲି ଥିବା ଶିକ୍ଷକ ପଦବୀ ସ୍ଥାନ ପୂରଣ ନକରି ଜଣେ ଦାୟିତ୍ୱବାନ ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟତ୍ର ପ୍ରତିନିଯୁକ୍ତ କରିବା କେତେଦୂର ଯୁକ୍ତିଯୁକ୍ତ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଅମ୍ବାଦଳା ସରକାରୀ ମାଧ୍ୟମିକ ବିଦ୍ୟାଳୟ ରାୟଗଡ଼ା ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଓ ଏଠାରେ ୮ ସହ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ଜିଲ୍ଲାର ସର୍ବାଧିକ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନରତ। ତେଣୁ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଖାଲିଥିବା ସ୍ଥାନ ପୂରଣ ନିମନ୍ତେ ଜନ ସାଧାରଣ ଦାବୀ କରିଥିବା ବେଳେ, ଗ୍ରୀଷ୍ମ ଛୁଟି ପୂର୍ବରୁ ଯଦି ବିଜ୍ଞାନ ଶିକ୍ଷକ, ସଂସ୍କୃତ ଶିକ୍ଷକ, କ୍ରୀଡା ଶିକ୍ଷକ, କିରାଣୀ ପଦବୀ ପୂରଣ ନହୁଏ ତେବେ ଅଭିଭାବକମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପ୍ରସଙ୍ଗ ଭେଣ୍ଟେଡ କଜୱେ କାର୍ଯ୍ୟ ଆରମ୍ଭ



**ଗଜପତି ,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଲାଇଲାଇ ପଞ୍ଚାୟତର କୁମୁଣ୍ଡା ମୌଜ଼ାରେ ରାସ୍ତା, ବ୍ରିଜ ଓ ପିଇବା ପାଣିର ସମସ୍ୟା ନେଇ 'ଡୁମାଣୀ ଖବର' କାଗଜରେ ବିସ୍ତୃତ ଭାବେ ଖବର ପ୍ରକାଶ ପାଇବା ପରେ ଜଣା ପଡିଥିଲା କି ଉକ୍ତ ରାସ୍ତା ଓ ବ୍ରିଜ କାମ ସକାଶେ ୨୦୨୩ - ୨୪ ଆର୍ଥିକ ବର୍ଷରୁ ଦୁଇଟି ଭିନ୍ନ ଭିନ୍ନ ଫାଇଲ ଖୋଲିଦେଇ ଚୁପ୍ ବସିଥିଲା ବ୍ଲକ ପ୍ରଶାସନ। କିନ୍ତୁ ଏପଟେ ଜନସାଧାରଣ ଯେଉଁ ଅସୁବିଧାକୁ ସେହି ଅସୁବିଧା ଭୋଗୁଥିଲେ। ଜିଲ୍ଲାପାଳଙ୍କୁ ଜଣାଇ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବାକୁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଥିବା ଖବର ପ୍ରକାଶ ପାଇବା ସହ ବ୍ଲକ ପ୍ରଶାସନ ଜନ ସାଧାରଣଙ୍କୁ କିପରି ସେବା ଯୋଗାଉଛି ଜଣାପଡିବା ପରେ ବ୍ଲକ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିଥିଲା ଏବଂ ତତ୍ପରତା ଦେଖାଇ ଉକ୍ତ ଗ୍ରାମକୁ ଜେଇ ଦୌଡ଼ିଯାଇ କିଛି ମୁଖିଆଙ୍କୁ ଭେଟି ଜଲଦି କଜୱେ କାମ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। ଯାହାକି ବର୍ତ୍ତମାନ କାମଟି ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ତେବେ ମାତ୍ର କଜୱେ କାମଟି ଆରମ୍ଭ ହୋଇଛି, ରାସ୍ତା କାମ କଥା ଜଣା ପଡିନଥିବା କହିଛନ୍ତି । ତେବେ ବ୍ଲକ ପ୍ରଶାସନ କେଉଁଥି ପାଇଁ ଏକବର୍ଷ ହେଲା ଫାଇଲ ଖୋଲି ଚୁପ୍ ବସିଥିଲା ଜଣାପଡ଼ିନାହିଁ।

## ଅବକାରୀ ଚଢ଼ାଉ, ମଦ ଜବତ : ୨ ଗିରଫ



**ସୋରଡ଼ା,(ଡିକେ ନ୍ୟୁଜ):** ଗଞ୍ଜାମ ଜିଲ୍ଲା ସୋରଡ଼ା ଅବକାରୀ ଥାନାକୁ ମିଳିଛି ବଡ଼ ସଫଳତା ବଡଗଡ଼ ଥାନା ଅଞ୍ଚଳର ଗୌଡ଼ଗୋଠ ରେ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ବେଆଇନ ଭାବେ ମହୁଲ ଗୋଦାମ ଉପରେ ଗୌଡ଼ଗୋଠ ଅଞ୍ଚଳର ବ୍ୟବସାୟୀ ଶିଶିର କାନ୍ତ ସିବୁଦ୍ଧି ଅନେକକିଛି ବର୍ଷରୁ ନିଜର ବେଆଇନ ମହୁଲ ବିକ୍ରି କରୁଥିବାରୁ ଖବର ପାଇ ଅବକାରୀ ବିଭାଗ ଉକ୍ତ ଗୋଦାମ ଉପରେ ଚଢ଼ାଉ କରିବା ସମୟରେ ଗୋଦାମରୁ ୪୮ବସ୍ତା ମହୁଲ ଜବତ କରିବା ସହିତ ଉକ୍ତ ଅଞ୍ଚଳରେ ନିଜର ଚୋରା ମହୁଲ କମ ଦରରେ ଆଣି ଖୁବ୍ ଚଢା ଦରରେ ବିକ୍ରି କରୁଥିଲେ ଉକ୍ତ ଅଞ୍ଚଳରେ। ବିଷାକ୍ତ ମଦ ପ୍ରସ୍ତୁତିରେ ରୋକ ଲାଗିଛି। ଅବକାରୀ ବିଭାଗ ତରଫରୁ ଉକ୍ତ ଚୋର ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଆଜି ଅପରାହ୍ନରେ ସୋରଡ଼ା ସହରରେ ଅନେକ ଦିନ ହେଲା ଜଗନ୍ନାଥ ମନ୍ଦିର ନିକଟସ୍ତ ଏକ ହୋଟେଲରେ ବେଆଇନ ବିଦେଶୀମଦ ବିକ୍ରି ହେବାର ଖବର ପାଇ ଉକ୍ତ ଅବକାରୀ ଦଳ ଉକ୍ତ ହୋଟେଲ ଉପରେ ଚଢ଼ାଉ କରିବା ବେଳେ ୩୮ ଲିଟର ବିଦେଶୀ ମଦ ଜବତ କରିବା ସହିତ ଉକ୍ତ ଚୋରାମଦ ବେପାରୀ ଶିବରାମ ପଣ୍ଡାଙ୍କୁ ଗିରଫ କରିଥିଲେ। ଉକ୍ତ ଧାରାପଗଡ଼ରେ ଅବକାରୀ ବିଭାଗ ତରଫରୁ ଛତ୍ରପୁର ମୋବାଇଲ ଟିମ୍ ଅଧିକାରୀ ଇନ୍ସପେକ୍ଟର ଅଂଶୁମାନ ଜେନାଙ୍କ ସମେତ ତାଙ୍କରି ଦଳ ଓ ସୋରଡ଼ା ଅବକାରୀ ଥାନା ଅଧିକାରିଣୀ ସୁଶ୍ରୀ ଦେସ୍ମିତା ନାୟକ, ଅତିରିକ୍ତ ଉପ ନିରକ୍ଷକ ସୁରେନ୍ଦ୍ରେ ପଣ୍ଡା, ଟିମ୍ ଲିଡର ଜି. ଭିମା ଚଢ଼ାଉ କରି ୪୯୫୦ ଲିଟର ପୋଚ ଓ ୫୦୦ଲିଟର ଦେଶୀ ମଦ ନଷ୍ଟ କରିଛନ୍ତି। ଅଞ୍ଚଳରେ ଅବକାରୀ ବିଭାଗ ଲଗତାର ବାରମ୍ବାର ଚଢ଼ାଉକୁ ଦେଖି ଚୋରା ମଦ ମାଫିଆଙ୍କ ମନରେ ଛନକା ପଶିଛି।

## ସ୍ୱଇଚ୍ଛା ପକ୍ଷରୁ ମାନସିକ ଅନଗ୍ରସର ଯୁବକ ଉଦ୍ଧାର



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଅଇଁଠାପାଲି ବସଷ୍ଟାଣ୍ଡ ନିକଟରୁ ଜଣେ ମାନସିକ ଅନଗ୍ରସର ଯୁବକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଜଣକ ଦୃଷ୍ଟିବାଧିତ ଅଟନ୍ତି। ତାଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱଇଚ୍ଛା ପକ୍ଷରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୁସ୍ଥ ହେବା ପରେ ତାଙ୍କୁ ଜିଲ୍ଲା ପ୍ରଶାସନ ସହାୟତାରେ ରାୟଗଡା ସ୍ଥିତ ଆଶ୍ରମରେ ଅବସ୍ଥାପିତ କରାଯିବ ବୋଲି ଜଣାପଡିଛି। ତେବେ ଉଦ୍ଧାର ଯୁବକ ବିହାର ଅଞ୍ଚଳର ସନ୍ତୋଷ ବୋଲି କହିଛନ୍ତି।

## ଲାଞ୍ଜିପଲ୍ଲୀ ଓଭରବ୍ରିଜ୍ ତଳୁ ୩ ଜୀବନ୍ତ ବୋମା ଉଦ୍ଧାର

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ଜେଲ୍ ରୋଡରୁ ୩ଟି ଜୀବନ୍ତ ବୋମା ଠାବ ହୋଇଛି। ସନ୍ଧ୍ୟାରେ ଏହି ଓଭରବ୍ରିଜ ତଳେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ନିକଟରେ ୩ଟି ବୋମା ରଖାଯାଇଥିବା ଜଣେ ଯୁବକ ଦେଖିବା ପରେ ସେ ଲାଞ୍ଜିପଲ୍ଲୀ ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ବୋମାଗୁଡ଼ିକ ଜୀବନ୍ତ ହୋଇଥିବାରୁ ସେ ସେଗୁଡିକୁ ନିଷ୍କ୍ରିୟ କରିବାକୁ ବୋମା ନିଷ୍କ୍ରୀୟକାରୀ ଦଳକୁ ଡକାଯାଇଥିଲା। ସମ୍ପୃକ୍ତ ଟିମ୍ ପହଞ୍ଚି ନିଷ୍କ୍ରିୟ କରିଥିଲା। ସନ୍ଧ୍ୟାରେ ୩ଜଣ ଯୁବକ ଏକ ପଲସର ବାଇକରେ ଆସି ୩ଟି ବୋମା ଟ୍ରାନ୍ସଫର୍ମର ନିକଟରେ ରଖି ଚାଲି ଯାଇଥିବା ଶୁଣିବାକୁ ବାକୁ ମିଳୁଛି। ମିଳୁଛି ତେବେ ଯୁବକମାନେ କେଉଁ ଉଦ୍ଦେଶ୍ୟରେ ଏଠାରେ ବୋମା ରଖିଥିଲେ ତାହା ଜଣାପଡି ନାହିଁ। ଏନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। କୌଣସି ବଡ଼ ଅପରାଧ ଘଟାଇବାକୁ ଯୋଜନା ହୋଇଥିବା ପୁଲିସ ଅନୁମାନ କରୁଛି। ପୁଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଛି। ଘଟଣା ସ୍ଥଳରେ ବୈଦ୍ୟନାଥପୁର ଥାନା ଏସଆଇ ଦୀପ୍ତି ରଞ୍ଜନ ପ୍ରଧାନ, ଏଏସ୍ଆଇ ବିଜୟ କୁମାର ସୁନା ଶଗଡ଼, ବମସ୍କାର୍ଡ ଅଶୋକ ବେହେରା ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଭତ୍ତାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

**ପୁରୁଷୋତ୍ତମପୁର,(ଡିକେ ନ୍ୟୁଜ):** ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଗରିବ, ବୟସାଧିକ ହିତାଧିକାରୀମାନେ ଭତ୍ତା ପାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଶନିବାର ହୁଣ୍ଡତ, କେ.ଏନ.ପୁର ଓ ବଡ଼ଖରିଡାର ୭୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ବ୍ଲକ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ଭତ୍ତା କରାଇ ଦେବା ପାଇଁ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଓ ନିର୍ବାଚିତ ପ୍ରତିନିଧିଙ୍କ ନିକଟକୁ ବାରମ୍ବାର ଦୌଡିଥିଲେ ସୁଦ୍ଧା କେହି ଗୁହାରି ଶୁଣୁନାହାନ୍ତି। ବୟସ ୬୦ ପାର ହୋଇଥିଲେ ମଧ୍ୟ କାହିଁକି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉନାହିଁ ବୋଲି ସେମାନେ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ବିଡିଓ ଶରତ କୁମାର ପାତ୍ର ସେମାନଙ୍କୁ ବୁଝାଶୁଝା କରିବା ସହ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ କିପରି ଯୋଗ୍ୟଙ୍କୁ ଭତ୍ତା ମିଳିପାରିବ ସେ ନେଇ ପଦକ୍ଷେପ ନିଆଯିବ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ

**କେନ୍ଦୁଝର,(ଡିକେ.ନ୍ୟୁଜ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଡିମିରିଆ ଗ୍ରାମ ମଶାଣି ସାହିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଯମୁନା ହେମ୍ବ୍ରମ (୨୫)। ସୂଚନା ମୁତାବକ, ଯମୁନା ଗତକାଲି ସନ୍ଧ୍ୟାରେ ଖିଆପିଆ ସାରି ପରିବାର ସହ ଘରେ ଶୋଇଥିଲେ। ସକାଳେ ନ ଉଠିବାରୁ ପରିବାର ଲୋକ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଥିଲା। ଖବର ପାଇ ତେଲକୋଇ ଥାନା ପୁଲିସ ମୃତ ଦେହକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ କରାଇ ତଦନ୍ତ ଆରମ୍ଭ କରିଛି। ବିଳମ୍ବିତ ରାତିରେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇ ଥିବାରୁ ଯମୁନାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଫ୍ଲାଇ ଓଭର କାମ ଲାଗି ରାସ୍ତା ଖୋଳା : ଏନ୍ଏଚଏଆଇର ଅବହେଳାରୁ ପାଇପ ଫାଟିଲା

## ଫଟାଦଦରା ପାଇପରେ ଲୋକଙ୍କୁ ପାଣି ଯୋଗାଣ



**ସମ୍ବଲପୁର,(ଡିକେ.ନ୍ୟୁଜ):** ଜାତୀୟ ରାଜପଥ ୫୩ ଆଇଁଠାପାଲିରେ ଫ୍ଲାଇଓଭର କାମ ଚାଲିଛି। ବିକାଶ ନାମରେ ନିୟମ କାନୁନ ଓ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ ନଥିବାବେଳେ ସରକାରୀ ସମ୍ପତ୍ତିକୁ ନଷ୍ଟ କରି ଦିଆଯାଉଛି । ପ୍ରାୟ ୫୦ ବର୍ଷ ପୂର୍ବରୁ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଛା ଯାଇଥିବା ପାଣି ପାଇପ ଫଟାଇ ଦିଆଯାଉଥିବାବେଳେ ନୂତନ ପାଇପ ବିଛାଇବା ପାଇଁ ବିଭାଗ ଦାବି କରିଛି। ଏ ନେଇ ଦୀର୍ଘ ୮ ମାସ ହେଲା ପ୍ରାୟ ୨୩ କୋଟି ଟଙ୍କା ମଞ୍ଜୁର କରିବା ସହ ନୂତନ ପାଇପ ବିଛାଇବା ପାଇଁ ଜାତୀୟ ପ୍ରାକରଣ ବିଭାଗକୁ ଚିଠି କରିଛି। ହେଲେ ଜାତୀୟ ରାଜପଥ ବିଭାଗ ଅଟକଳ ମଞ୍ଜୁର କରି ନ ଥିବା ଜଣାପଡ଼ିଛି। ଫଟାଦଦରା ପାଇପରେ ଲୋକଙ୍କୁ ପାଣି ଯୋଗାଇ ଦେଉଛନ୍ତି। ତେଣୁ ଆବଶ୍ୟକ ପାଣି ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ବିଶେଷ କରି ଅନୁଗୁଳିଆପଡା, ବିକାଶ ସ୍କୁଲ ପାଖ, ଅଇଁଠାପାଲି ପାଖ ବିଭିନ୍ନ ତଳି ଅଞ୍ଚଳର ପଡା ଗୁଡ଼ିକ ସହିତ ସହରର ପୁରାତନ ପଡାଗୁଡ଼ିକୁ ପାଣି ଠିକ୍ ଭାବେ ପହଞ୍ଚି ପାରୁନାହିଁ। ଫ୍ଲାଏ ଓଭର କାମ ପାଇଁ ପାଣି ସମସ୍ୟା ଉପୁଜିବା ଲୋକେ ଅଭିଯୋଗ କରିଛନ୍ତି। ଫ୍ଲାଇ ଓଭର କାମ ପାଇଁ ରାସ୍ତା ଖୋଳି ଦିଆଯାଇଥିଲା ବେଳେ ଏହି ସମୟରେ ପାଣି ପାଇପ ଗୁଡ଼ିକ ଫଟାଇ ଦିଆଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ଏହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲା। ପରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ମରାମତି କରିବା ସହ ନୂତନ ପାଇପ ବିଛାଇ ଦିଆଯିବ ବୋଲି ସ୍ଥିର ହୋଇଥିଲା। ଏବେ ଯାହା ପାଇପ ଫାଟି ଯାଉଛି ଠିକା ସଂସ୍ଥା ମରାମତି କରୁଛି। ହେଲେ ନୂତନ ପାଇପ ବିଛାଇ ସ୍ଥାୟୀ କାମ ପାଇଁ ଜାତୀୟ ପ୍ରାଧିକରଣ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ରାସ୍ତା କାମ ଆରମ୍ଭ ପୂର୍ବରୁ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ଡିପିଆର୍ ତିଆରି ହୋଇଥାଏ। ସହର ଭିତରେ ପାଣି ପାଇପ ମାତ୍ର ୩୫୦ ମିଟର ଆବଶ୍ୟକ ବୋଲି ଅଟକଳ ରହିଛି। ସହର ଭିତରେ ବହୁ ଅଧିକ ପାଣି ପାଇପ ବିଛା ଯାଇଥିବା ବେଳେ କିଭଳି ଭାବେ ବୈଷୟିକ ଟିମ୍ ଅନୁଧ୍ୟାନ କରିଥିଲେ ବୋଲି ପ୍ରଶ୍ନ ହୋଇଛି। ଜାତୀୟ ରାଜପଥ ବିଭାଗ ଏକ ଏଜେନ୍ସି ଜରିଆରେ ଡିପିଆର୍ କରିଥାଏ ଓ ଶେଷରେ ଜାତୀୟ ପ୍ରାକରଣ ବିଭାଗ ସୀକୃତି ଦେଇଥାଏ। ତେଣୁ ଏବେ କାହା ଭୁଲ ଯୋଗୁଁ ସହରବାସୀ ଏତେ ବଡ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏ ସଂପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଜିଏମ ବ୍ରହ୍ମେଶ୍ୱର ଦାସ କହିଛନ୍ତି ଯେ, ପାଇପ ଫାଟିବା ନେଇ ପୂର୍ବରୁ ଚିଠି କରାଯାଇଛି ଓ ନୂତନ ପାଇପ ଲଗାଯିବ। ଅଇଁଠାପାଲିଠାରେ ୩.୫ କିଲାମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ ଫ୍ଲାଇ ଓଭର ୩୭୪ କୋଟି ଟଙ୍କାରେ ନିର୍ମାଣ ହେଉଛି। ଏହା ସର୍ଲାକାନୀ ନିକଟରୁ ଆରମ୍ଭ ହୋଇ ପାଞ୍ଚଗୋଛିଆ ବିକାଶ ସ୍କୁଲ ପର୍ଯନ୍ତ ରହିବ। ଯେଉଁଥିରେ ବରଗଡ଼ ଓ ଦେବଗଡ଼ ପଟରୁ ଆସୁଥିବା ଗାଡ଼ି ବିପରୀତ ଦିଗକୁ ଏହି ଫ୍ଲାଇଓଭର ଦେଇ ଯିବେ। ଫଳରେ ଅଇଁଠାପାଲି ତଳି ଓ ଉପର ଛକରେ କୌଣସି ଟ୍ରାଫିକ୍ ସମସ୍ୟା ରହିବନି। ସେହି ଭଳି ଝାରସୁଗୁଡ଼ାରୁ ବରଗଡ଼କୁ ଆସୁଥିବା ଗାଡ଼ି ମଧ୍ୟ ଏହି ଫ୍ଲାଇ ଓଭର ଦେଇ ଯିବାର ସୁବିଧା ରହିବ ବୋଲି ଏନ୍ଏଚ୍ଏଆଇ ସମ୍ବଲପୁର ପକ୍ଷର କୁହାଯାଇଛି। ଫଳରେ ଅଇଁଠାପାଲି ତଳିଛକ ଓ ଉପର ଛକରେ ଦୁର୍ଘଟଣା ହେବାର ଆଶଙ୍କା ହ୍ରାସ ପାଇବ। ସମ୍ପୂର୍ଣ୍ଣ ଫ୍ଲାଇ ଓଭର ବ୍ରିଜଟି ଖମ୍ବ ଦ୍ୱାରା ତିଆରି ହେବ। ତେଣୁ ତଳ ଭାଗର ରାସ୍ତା ସହ ସର୍ଭିସ୍ ରୋଡ୍ ମଧ୍ୟ ରହିବ ଏଥିପାଇଁ କାମ ଆରମ୍ଭ ହୋଇଯାଇଛି।

## ବରୀ ମାଉଣ୍ଡ ବଣିକ ମହାସଂଘ ପକ୍ଷରୁ ବରୀ ବିଧାୟକଙ୍କୁ ସମ୍ବର୍ଦ୍ଧନା




**ଯାଜପୁର,(ଡିକେ ନ୍ୟୁଜ):** ବରୀ ମାଉଣ୍ଡ ବଣିକ ମହାସଂଘ ପକ୍ଷରୁ ରବିବାର ବରୀ ମାଉଣ୍ଡ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି। ମହାସଂଘର ସ୍ଥାୟୀ ସଭାପତି ଧିରେଶ ଚନ୍ଦ୍ର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶୁକଦେବ ବେହେରା ଉପସ୍ଥିତ ଥିବା ବେଳେ ଗଙ୍ଗାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାସଂଘ ପକ୍ଷରୁ ବିଧାୟକଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇ ବଜାରର ପ୍ରମୁଖ ସମସ୍ୟା ଯଥା ବଜାର ରାସ୍ତା ଆଲୋକିକରଣ, ପାନୀୟ ଜଳ ସମସ୍ୟାର ସମାଧାନ, ବଜାର ନିକଟରେ ଶୌଚାଳୟ ନିର୍ମାଣ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଅନୁରୋଧ କରାଯାଇଅଛି। ବଣିକ ମହାସଂଘର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାର୍ଲବା ଘାଟିରେ ବସ୍ ଦୁର୍ଘଟଣା : ୨୫ ଆହତ

**ଗଜପତି,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲା ରାୟଗଡ଼ ଥାନା ଅନ୍ତର୍ଗତ ମାର୍ଲବା ଘାଟିରେ ଇସ୍ପାତ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡିଛି। ବସ୍‌ଟି ସବୁଦିନ ରାତ୍ର ସମୟରେ ସେହି ରାସ୍ତାରେ ଭୁବନେଶ୍ୱରକୁ ପାରଳାଖେମୁଣ୍ଡି ଯା ଆସ କରୁଥିଲେ ମଧ୍ୟ ଆଜି ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ବେଳେ ଭୋର ସମୟରେ ରାୟଗଡ଼ ଥାନା ଅନ୍ତର୍ଗତ ମାର୍ଲବା ନିକଟ ଘାଟି ରାସ୍ତାରେ ଓହ୍ଲାଉଥିବା ସମୟରେ କୌଣସି ଅସୁବିଧା ବଶତଃ ଗୋଟିଏ ବୁଲାଣି ଠାରେ ବୁଲି ନ ପାରି ପିଚୁ ରାସ୍ତା ପାର ହୋଇ ସିଧା ପାହାଡ଼ ପଟକୁ ମାଡି ଯାଇଥିଲା। ଗୋଟିଏ ବଡ଼ ଦୁର୍ଘଟଣାରୁ ବସ୍‌ଟି ବର୍ତ୍ତି ଯାଇଥିଲେ ମଧ୍ୟ ବସ୍‌ରେ ଶୋଇଥିବା ପ୍ରାୟ ୨୫ ଜଣ ଯାତ୍ରୀମାନେ ହଠାତ ଅପ୍ରସ୍ତୁତ ହୋଇ ପଡିଯାଇ ଆହତ ହୋଇଥିଲେ। ଆହତମାନଙ୍କୁ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଚିକିତ୍ସା କରାଯାଇଥିଲା। କେତେକଙ୍କ ଅବସ୍ଥା ସାଂଘାତିକ ଥିବାରୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

## ଦିଲୀପ ଦୁରିଆ ହେଲେ ପିସିସି ରାଜ୍ୟ ସଂପାଦକ



**ସମ୍ବଲପୁର,(ଡିକେ ନ୍ୟୁଜ):** ରେଙ୍ଗାଲି ବିଧାନସଭା କ୍ଷେତ୍ରର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦିଲୀପ ଦୁରିଆଙ୍କୁ ପିସିସି ସଂପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୁନର୍ଗଠନ କ୍ରମରେ ପିସିସିର ନୂତନ ଉପସଭାପତି ସାଧାରଣ ସଂପାଦକ, ସଂପାଦକ "କୋଷାଧକ୍ଷ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପଙ୍କୁ ସଂପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇଛି। ନିର୍ବାଚନ ଅବ୍ୟବହିତ ପୂର୍ବରୁ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ଦିଲୀପ ରେଙ୍ଗାଲି ବିଧାନସଭା କ୍ଷେତ୍ରରୁ ପରାଜିତ ହୋଇଥିଲେ। ମାତ୍ର ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଦିଲୀପଙ୍କ ଏହି ନିଯୁକ୍ତି ଫଳରେ ତାଙ୍କ ସମର୍ଥକ ମହଲରେ ଖୁସିର ଲହରି ଖେଳିଯାଇଛି। ଦିଲୀପ ସଂଗଠନ ପାଇଁ ଆହୁରି ଅଧିକ ସମୟ ଦେବେ ବୋଲି ଏହି ଅବସରରେ କହିଛନ୍ତି।

## ବିଶ୍ୱଶାନ୍ତି ବାର୍ତ୍ତା ନେଇ ସମାପଦଙ୍କ ସାଇକଲ ଯାତ୍ରା




**ସମ୍ବଲପୁର,(ଡିକେ ନ୍ୟୁଜ):** ବିଶ୍ୱଶାନ୍ତି ବାର୍ତ୍ତା ନେଇ ସମାପଦ ଶର୍ମା ସାଇକଲ ଯାତ୍ରା ଆରମ୍ଭ କରିଛନ୍ତି। ସେ ପଶ୍ଚିମବଙ୍ଗ ଦୁର୍ଗାପୁର ଠାରୁ ଗୋଆ ଅଭିମୁଖେ ଯାତ୍ରା କରୁଥିବା ବେଳେ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳଙ୍କ ସାକ୍ଷାତ କରିଥିଲେ। ସୂଚନାଯୋଗ୍ୟ, ଗତ ୪ତାରିଖରୁ ସମାପଦ ନିଜ ସାଇକଲ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ୧୪ତମ ଦିନରେ ସମ୍ବଲପୁରରେ ପହଞ୍ଚିଥିବା ବେଳେ ୪ମାସ ମଧ୍ୟରେ ସେ ଗୋଆ ପହଞ୍ଚିବା ଲକ୍ଷ୍ୟ ରଖିଛନ୍ତି। ସେ ୨୦୦୭ ମସିହା ମସିହାରୁ ପ୍ରତିବର୍ଷ ଜନଜାଗରଣ ସୃଷ୍ଟି ପାଇଁ ଚିନ୍ତା କରି ସାଇକଲ ଯାତ୍ରା କରୁଛନ୍ତି। ତାଙ୍କର ଦୁର୍ଗାପୁରରେ ଏକ ଜଳଖିଆ ଦୋକାନ ରହିଛି। ଆଗାମୀ ଦିନରେ ଦୁବାଇ ଯାତ୍ରା କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହାର ହେଲା ଶ୍ରମିକ ଆନ୍ଦୋଳନ



**ସମ୍ବଲପୁର,(ଡିକେ ନ୍ୟୁଜ):** ଗତ ୧୫ ତାରିଖ ସକାଳ ୯ ଘଣ୍ଟା ସମୟଠାରୁ ତଳାବିରା ୨ ଓ ୩ କୋଇଲା ଖଣିରେ କାର୍ଯ୍ୟରତ ସମସ୍ତ ଶ୍ରମିକମାନେ ନିଜର ମୌଳିକ ସୁବିଧା ସୁଯୋଗ ଓ ଅଧିକାର ଦାବି ନେଇ କୋଇଲା ଉତ୍ତୋଳନ ଓ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଆନ୍ଦୋଳନ କରିଥିଲେ। ଶୁକ୍ରବାର ଅପରାହ୍ନ ୫ ଘଣ୍ଟା ସମୟରେ ଏନଏଲସି କମ୍ପାନୀର ସିଜିଏମ ଚିଡ଼ୁକୁ ଦୟାନନ୍ଦ,ଏଚ୍‌ଆର ହେଡ ସୁବ୍ରତ ବିଶ୍ୱାଳ, ଅଦାନୀ କମ୍ପାନୀର ପ୍ରୋଜେକ୍ଟ ହେଡ୍ ନବୋଲ ଶର୍ମା, ମାଇନ୍ସ ହେଡ୍ ଡିକେ. ଝା. ଏଚଆର ହେଡ ରବି ଶର୍ମା, ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର କାର୍ଯ୍ୟାକାରୀ ସଭାପତି ବାବଲୁ ରାଉତ, ନବିନ ରାଉତ, ବିଜୟ ପାଣି, ରୁଦ୍ର ପଧାନ, ବିରଞ୍ଚି ରାଉତ, ଦୁର୍ଗା ଭୋଇ, ଲକ୍ଷ୍ମଣ ବାରିକ ପ୍ରମୁଖ ପ୍ରତିନିଧି ୧୫ ଟି ଦାବିର ଆଲୋଚନା କଲା ପରେ କମ୍ପାନୀ ତରଫରୁ ଲିଖିତ ପ୍ରତିଶ୍ରୁତି ମିଳିବା ୩୨ ଘଣ୍ଟା ପରେ ଶ୍ରମିକମାନେ ନିଜର କାର୍ଯ୍ୟରେ ଯୋଗ ଦେଇଛନ୍ତି।

# ୧ ଟଙ୍କା ଚାଉଳ ପାଇଁ ୧୫୦ ଟଙ୍କା ଖର୍ଚ୍ଚ: ହିତାଧିକାରୀ ହନ୍ତସନ୍ତ



**କଳାହାଣ୍ଡି,(ଡିକେ ନ୍ୟୁଜ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକ ମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଓ ଲାଞ୍ଜିଗଡ ବ୍ଲକ ଏଭଳି ୧୧ ଗୋଟି ଗାଁ ଅଛି ଯେଉଁଠି ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ଗାଁ ଲୋକଙ୍କ ପାଇଁ ସାତ ସପନ ହୋଇ ରହିଛି। ବର୍ଷ ବର୍ଷ ଧରି ପାହାଡ଼ ଆର ପାଖରେ ବହୁ କଷ୍ଟରେ ଜୀବନ କାଟୁଛନ୍ତି ଏହି ଗ୍ରାମର ୩୮୦ରୁ ଉର୍ଦ୍ଧ୍ୱ ପରିବାର। ଏମାନଙ୍କ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ପ୍ରଶାସନ ଅଧିକାରୀ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଗୁହାରୀ ଜଣାଇଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା କୌଣସି ସୁଫଳ ମିଳି ନଥିବା ଗ୍ରାମବାସୀ ପ୍ରକାଶ କହିଛନ୍ତି। ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭବାନୀପାଟଣା ସଦର ବ୍ଲକ ଓ ଲାଞ୍ଜିଗଡ ବ୍ଲକ ସୀମାନ୍ତ ପଞ୍ଚାୟତ ଯୋକସାଇପାଟଣା ପଞ୍ଚାୟତର ସୀମାନ୍ତର ୧୧ ଗୋଟି ଗାଁ ହେଉଛି ସଲପାଙ୍ଗ, କଟଲଙ୍ଗ, ମଣ୍ଡିଆବିରି, କୁସକିନାର, ପଞ୍ଚକୁଲ, କଟରୁସରୁ, ଝେନଙ୍କାପିଟା, ରଙ୍ଗିଗୁଡା, ମନସ୍କା, ଖଜୁରଗୁଡା ଓ ବଡ଼ମ୍ବା। ଯାହାର ଦୂରତା ବ୍ଲକ ମୁଖ୍ୟାଳୟଠାରୁ ୬୦ କିଲୋମିଟର ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଯୋକସାଇପାଟଣା ଠାରୁ ପ୍ରାୟ ୮୫ କିଲୋମିଟର ପଡେ। ଏହି ପଞ୍ଚାୟତ ଓ ୧୧ ଗୋଟି ମଧ୍ୟରେ ୪ ଗୋଟି ପାହାଡ଼, ୩ ଟି ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟି ଦେଇ ପାଦ ଚଲା ରାସ୍ତା ୨୫ କିଲୋମିଟର ଚଲା ବାଟ ରହିଥିବା ବେଳେ ଯିବା ଆସିବା ଲୋକଙ୍କ ପାଇଁ ସମ୍ଭବ ହୋଇନଥାଏ। ଯିଏ ରାସ୍ତା ଦେଇ ଯାଏ ସର୍ବଦା ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ଫଳରେ ଲୋକଙ୍କ ପାଇଁ ଯିବା ଆସିବା ସମ୍ଭବ ହୋଇନଥାଏ। ତେଣୁ ଏହି ଗ୍ରାମବାସୀମାନେ ଲାଞ୍ଜିଗଡ ବ୍ଲକ ଲାଖବାହିଲି ପଞ୍ଚାୟତ ଦେଇ ୧୦ କିଲୋମିଟର ଆସିବା ପରେ ମୂଷାନାଳ ଭବାନୀପାଟଣା ଦେଇ ନିଜ ଯୋକସାଇପାଟଣା ପଞ୍ଚାୟତକୁ ୮୫ କିଲୋମିଟର ଯିବାକୁ ପଡିଥାଏ। ଏହି ୧୧ ଗୋଟି ଗାଁରେ ପ୍ରାୟ ୩୮୦ ପରିବାର। ୩୮୦ ପରିବାର ସମୁଦାୟ ଜନସଂଖ୍ୟା ପ୍ରାୟ ୨୭ ଶହରୁ ଅଧିକ ପରିବାର ବସବାସ କରୁଛନ୍ତି। ସରକାରଙ୍କ ଚାଲିଥିବା ବିଭିନ୍ନ ଯୋଜନାର କାର୍ଯ୍ୟରେ ଦୁର୍ନୀତି ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ତଦାରକ ଠିକ୍ ଭାବରେ ହେଉନଥିବା ଯୋଗୁଁ ଲୋକ ଅଭିଯୋଗ କରିବା ପାଇଁ ମଧ୍ୟ ଏତେ ବାଟ ଯିବାକୁ ସମ୍ଭବ ହୋଇନଥିବା ପ୍ରକାଶ କରିଛନ୍ତି। ସବୁଠାରୁ ପରିତାପର ବିଷୟ ହେଲା ହିତାଧିକାରୀ ପଞ୍ଚାୟତରୁ ପାଉଥିବା ରାସନ ଓ ଭଡା ଆଣିବା। ନିଜ ଗାଁଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାୟ ୮୫ କିଲୋମିଟର ହୋଇଥିବା ବେଳେ ରାସନ ସାମଗ୍ରୀ ଆଣିବା ପାଇଁ ଏହି ୧୧ ଗୋଟି ଗାଁର ୩୮୦ ପରିବାରଙ୍କୁ ୧୨ ଗୋଟି ପିକଅପ୍ ଭ୍ୟାନ ଭଡା କରିବାକୁ ପଡିଥାଏ। ଗାଡି ପିଛା ୪ ରୁ ୫ ହଜାର ଟଙ୍କା ଭଡା ବାବଦକୁ ଖର୍ଚ୍ଚ ହେଉଥିବା ବେଳେ ହାରାହାରି ମୋଟ ୪୦ ରୁ ୫୦ ହଜାର ଟଙ୍କା ଗାଡି ଭଡାରେ ଖର୍ଚ୍ଚ ହେଉଥିବା ବେଳେ ୧ ଟଙ୍କା ଚାଉଳ ପାଇଁ ହିତାଧିକାରୀଙ୍କୁ ଜଣ ପିଛା ୧୫୦ଟଙ୍କା ଖର୍ଚ୍ଚ ହେଉଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ଏନେଇ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ସରପଞ୍ଚ, ପଞ୍ଚାୟତ ନିର୍ବଚିତ ଅଧିକାରୀ, ବିଡ଼ିଓ ତଥା ଅନ୍ୟ ପ୍ରଶାସନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଶୁଣୁନଥିବା ବେଳେ ଭବାନୀପାଟଣା ସଦର ବ୍ଲକର ଏହି ଯୋକସାଇପାଟଣା ପଞ୍ଚାୟତ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବା ଯୋଗୁଁ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ଏହି ୧୧ ଗୋଟି ଗାଁର ହିତାଧିକାରୀ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛ।

## କେନ୍ଦୁଝର ସହର ନଗର ଭବନ ଠାରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

**କେନ୍ଦୁଝର,(ଡିକେ ନ୍ୟୁଜ):** କେନ୍ଦୁଝର ସହରର ନଗର ଭବନ ଠାରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମନକୁ ୨୦୧୩ ମସିହା ମେ ୧୭ରେ ଆର୍ଟ ଅଫ ଗିଭିଂର ଚିନ୍ତାଧାରା ଆସିଥିଲା। ନିଜେ ଆନନ୍ଦରେ ଜୀବନ ଜୀଇଁବା ସହ ସମାଜରେ ଶାନ୍ତ ଓ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହା ହେଉଛି ଏକ ଦର୍ଶନ। ଆର୍ଟ ଅଫ ଗିଭିଂ ଗତ ଦଶକ ମଧ୍ୟରେ ଓଡ଼ିଶା, ଭାରତ ତଥା ବିଶ୍ୱର ୧୨୦ଟି ଦେଶରେ ଜାତି, ଧର୍ମ, ଲିଙ୍ଗ, ବୟସ ନିର୍ବିଶେଷରେ ତାର ଲକ୍ଷଲକ୍ଷ ଅନୁଗାମୀ ଓ ଅଂଶୀଦାର ସୃଷ୍ଟି କରିବା ସହ ସମଗ୍ର ବିଶ୍ୱରେ ଅଭୂତପୂର୍ବ ପ୍ରସିଦ୍ଧି ଲାଭ କରିପାରିଛି। ଅଚ୍ୟୁତ ସାମନ୍ତଙ୍କ ଭାଷାରେ ତାଙ୍କର ଅନୁଭୂତି ହେଉଛି ସେ ତାଙ୍କ ଜୀବନରେ ଯାହା କରୁଛନ୍ତି ଏବଂ ଯାହା କିଛି ହାସଲ କରିଛନ୍ତି ସେସବୁର ମୂଳ ହେଉଛି 'ଆର୍ଟ ଅଫ୍ ଗିଭିଂ'। ସେ କୁହନ୍ତି ତାଙ୍କର ସମ୍ପୂର୍ଣ୍ଣ ଜୀବନ ତିନୋଟି ଶବ୍ଦ 'ଆର୍ଟ ଅଫ୍ ଗିଭିଂ' ଉପରେ ପର୍ଯ୍ୟବସିତ। କିସ କିଟ କଳିଙ୍ଗ ଟିଭି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କିସ୍‌ର କୋଡିନେଟର ଜଗବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରର ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ବିମ୍ବାଧର ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସିଟିଜିର ଫାଉଣ୍ଡର ଡକ୍ଟର ରାଜେନ୍ଦ୍ର ପଲେଇ, ଓସ୍କା ଫାଉଣ୍ଡସେନ ସମ୍ପାଦିକା ଧରିତ୍ରୀ ରାଉତ, ସମାଜସେବୀ ବିଜୟ ବେହେରା , କେନ୍ଦୁଝର ନାଗରିକ ମଞ୍ଚର ସଦସ୍ୟ, ତଥା ରୋଟାରୀୟାନ ଭରତ ପାତ୍ର, କିଟ ଅଭିଭାବକ ସଂଘର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ଓ ଉପ ସଭାପତି ଶିବ ଶଙ୍କର ମାରାଣ୍ଡି ପ୍ରମୁଖ ଯୋଗ ଦେଇ ଆର୍ଟ ଅଫ ଗିଭିଙ୍ଗ ବିଷୟ ପଡୋଶୀ ସହ ସୁସମ୍ପର୍କ ସ୍ଥାପନ କରିବା ବିଷୟ ନେଇ ବିଷଦ ଭାବରେ ଧାରଣା ଦେବା ସହିତ ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ଏପରି ଏକ ପରିକଳ୍ପନା କରିଥିବାରୁ ଉପସ୍ଥିତ ଅତିଥି ଓ ଶ୍ରୋତାମାନେ ଧନ୍ୟବାଦ ଦେଇଥିଲେ। କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ଆଦିବାସୀଙ୍କ ରୋଡ଼ ମଡେଲ କହିବା ସହ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମକୁ ଉପସ୍ଥିତ ଲୋକମାନେ ପ୍ରଶଂସା କରିଥିଲେ। ଫାଉଣ୍ଡରଙ୍କ ଉତ୍ତୋରତର କାମନା କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ କିସ ଜିଲ୍ଲା କମିଟିର ସଦସ୍ୟ ବାସୁଦେବ ସିଂ, ନରେନ୍ଦ୍ର ନାଏକ, ଗୁରୁଚରଣ ନାଏକ, ପ୍ରଶାନ୍ତ ନାଏକ, ଦୁର୍ଗା ଚରଣ ପିଙ୍ଗୁଆଙ୍କ ସମେତ ଶହ ଶହ ବିଭିନ୍ନ ଅନୁଷ୍ଠାନର ଲୋକମାନେ ଯୋଗ ଦେଇଥିଲେ।

## ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପୁରୀ,(ଡିକେ ନ୍ୟୁଜ):** ଚଳିତ ବର୍ଷରେ ସାରା ଓଡିଶାରେ ପ୍ରଥମସ୍ଥାନ ଅଧିକାର କରିଥିବା ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ ରୋଜାଲିନ ପାତ୍ର ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସାବିତ୍ରୀ ପରିଡାଙ୍କୁ ସମ୍ମାନିତ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରୂପାଭାନୁ ମିଶ୍ର ଓ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆର୍ଚ୍ଚର୍ଯ୍ୟ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରିବା ସହିତ ପ୍ରଶଂସା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ସେବିକା ନିର୍ଦ୍ଦେଶାଳୟ ତରଫରୁ ଛାତ୍ରୀ ଦ୍ୱୟଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡ. ଡି ବୃନ୍ଦା ମଧ୍ୟ ପୁରସ୍କୃତ କରିଥିଲେ। ରୋଜାଲିନ ପାତ୍ର ୯୩.୪୩ % ମାର୍କ ରଖି ଚଳିତ ବର୍ଷରେ ସାରା ଓଡିଶାରେ ପ୍ରଥମ ସ୍ଥାନ ଓ ୯୨.୭୧ ପ୍ରତିଶତ ମାର୍କ ରଖି ସାବିତ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରରର 'ଉମଙ୍ଗ' କାର୍ଯ୍ୟକ୍ରମରେ ମଧ୍ୟ ଦୁଇ କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୀ ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଅଧକ୍ଷା ଡଃ ନୟନା ସାମଲ, ବିଳାସୀ ଭୋଇ, ମିନତୀ ପରିଡ଼ା, ସତ୍ୟଭାମା ଦେଇ, ସସ୍ମିତା ସାହୁ, ସ୍ୱର୍ଣ୍ଣଲତା ପାଣିଗ୍ରାହୀ ଏବଂ ସୋନାଲି ନାୟକ ପ୍ରମୁଖ ସମସ୍ତ ଶିକ୍ଷୟତ୍ରୀ ସେମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରଶ୍ମିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଯୁକ୍ତା ଦେବୀଙ୍କ ଦ୍ୱାଦଶାହ ସ୍ମୃତି ଚାରଣ



**ପାଇକମାଲ,(ଡିକେ ନ୍ୟୁଜ):** ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ବଡ଼ଭାଇ ବିଜୟ କୁମାର ପୁରୋହିତଙ୍କ ଧର୍ମପତ୍ନୀ ସଂଯୁକ୍ତା ପୁରୋହିତଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ସଂଯୁକ୍ତା ଦେବୀ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରୁ ବିଏସସି, ବିଇଡି ଡିଗ୍ରୀ ହାସଲ କରିବା ସହ କିଛି ବର୍ଷ ସମ୍ବଲପୁର ସ୍ଥିତ ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପରେ ପାଇକମାଲ ସ୍ଥିତ ଯମୁନା କନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବରେ ଶିକ୍ଷକତା କରୁଥିଲେ। ସେ ଜଣେ ଦରଦୀ, ଧର୍ମପରାୟଣା ଏବଂ ଅତ୍ୟନ୍ତ ସ୍ନେହୀ ମହିଳା ଭାବରେ ତାଙ୍କର ଖ୍ୟାତି ଥିଲା । ଶିକ୍ଷା ଓ ଧର୍ମକାର୍ଯ୍ୟ ସହ ସଦା ସର୍ବଦା ସେ ଜଡିତ ଥିଲେ। ସମଗ୍ର ଅଞ୍ଚଳର ଶିକ୍ଷା,ଶାସନ, ପରମ୍ପରା, ନାରୀ ଚେତନାର ବିକାଶ, ସ୍ୱାଭିମାନ ଓ ସେବାର ମୁକସାକ୍ଷୀ । ଆଜି ତାଙ୍କର ଦ୍ୱାଦଶାହରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଜେପୁର ବିଧାୟକ ସନତ ଗଡ଼ତିଆ, ପୂର୍ବତନ ସାଂସଦ ପ୍ରଭାସ ସିଂ, ଡ.ରାମକୃଷ୍ଣ ପୁରୋହିତ, ବିଜେପି ଜିଲ୍ଲା ସଭାପତି ଡ.ଅରୂପା ସାହୁ,ଜିଲ୍ଲା ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ପ୍ରିତମ ସିଂ, ଗୋବର୍ଦ୍ଧନ ଭୋଇ, ପ୍ରୀତମ ମେହେର, ପ୍ରୀତେଶ ବହିଦାର, ଯଦୁମଣି ପାଣିଗ୍ରାହୀ, ରାଜକୁମାର ସାହୁ, ସରୋଜ ସାମଲ, ରଞ୍ଜନ ପଣ୍ଡା, ଅଧାପକ ସୁଶାନ୍ତ ମିଶ୍ର, ରାଧେଶ୍ୟାମ, ବିଶ୍ୱଜିତ ଏବଂ ଝାରସୁଗୁଡ଼ା, ବ୍ରଜରାଜନଗର, ସମ୍ବଲପୁର ଓ ବରଗଡ ଅଞ୍ଚଳରୁ ଭାରତୀୟ ଜନତା ପାର୍ଟିର ସମସ୍ତ କର୍ମକର୍ତ୍ତା, ସମାଜସେବୀ ଓ ସାମ୍ବାଦିକମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ବଡ଼ ଶତପଥୀ ସଂଯୁକ୍ତା ଦେବୀଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରିବା ପାଇଁ ପରିବାର ବର୍ଗଙ୍କୁ ଏକ ବୃକ୍ଷ ଚାରା ପ୍ରଦାନ କରିଥିଲେ।

## ଖୋର୍ଦ୍ଧାରେ ୨୦୦ କେଜିରୁ ଅଧିକ ଗଞ୍ଜେଇ ଜବତ : ୨ ଗିରଫ



**ଖୋର୍ଦ୍ଧା,(ଡିକେ ନ୍ୟୁଜ):** ବିଶ୍ୱସ୍ତ ସୂତ୍ରରୁ ସୂଚନା ଆଧାରରେ, ଖୋର୍ଦ୍ଧା ଅବକାରୀ ବିଭାଗ ଅଧିକାରୀମାନେ ରବିବାର ସକାଳେ ଖୋର୍ଦ୍ଧା ନୂଆ ବସ୍ ଷ୍ଟାଣ୍ଡ, ଟିଏଲସି, ରୋଡ୍ ନିକଟରୁ ଏକ ବୋଲେରୋ ମ୍ୟାକ୍ସ ପିକ୍ ଅପ୍ ଭ୍ୟାନରେ ବେଆଇନ ଭାବରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିବା ସହିତ ୨୦ ଲକ୍ଷ ଟଙ୍କା ମୂଲ୍ୟର ୨୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଗିରଫ ଅଭିଯକ୍ତମାନେ ହେଲେ କେନ୍ଦୁଝରର ଯୋଡା ଅଞ୍ଚଳର, ବନସାପାଣି ଗ୍ରାମର ଫିରୋଜ ଖାନ ଏବଂ ବୌଦ୍ଧ ଭାରତପୁର ଗ୍ରାମର ସୁଶାନ୍ତ ମେଣ୍ଡିଲି। ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଖୋର୍ଦ୍ଧା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ, ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠି ଗଣମାଧ୍ୟମକୁ ଏହି ଗିରଫଦାରୀ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଜିଲ୍ଲାରେ ଅବୈଧ ଗଞ୍ଜେଇ ଚୋରାଚାଲାଣ ଏବଂ ବିକ୍ରୟକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ଏହି ଅଭିଯାନର ଅଂଶ ସ୍ୱରୂପ ଅବକାରୀ ଅଧିକାରୀମାନେ ସୁନାଖେଳା, ନାଚୁଣି ଥାନା ଅଧିନସ୍ଥ, ସୁନାଖେଳା ଖୋର୍ଦ୍ଧା, ଏନ.ଏଚ-୧୬ ଫ୍ଲାଏ ଓଭର ବ୍ରିଜରେ ତିନୋଟି ଗାଡ଼ିକୁ ପିଛା କରିଥିଲେ ଏବଂ ଖୋର୍ଦ୍ଧାରେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ସେହି ତିନୋଟି ଗାଡ଼ି ଗୁଡିକ ହେଲା, ରେନାଲ୍ଟ ଡଷ୍ଟର କାର୍, ରେଜିଷ୍ଟ୍ରେସନ୍ ନମ୍ବର ଓଡ଼ି୦୨ବି-୪୮୮୩, ସ୍ୱିଫ୍ଟ ଡିଜାୟାର, କାର ରେଜିଷ୍ଟ୍ରେସନ୍ ନମ୍ବର- ଓଡ଼ି୦୨ସିକ୍ୟୁ-୮୫୨୩ ଏବଂ ବୋଲେରୋ ମ୍ୟାକ୍ସ ପିକ୍ ଅପ୍ ଭ୍ୟାନ୍, ଓଡ଼ି୦୨ସିଜେଡ୍-୪୬୨୯। ଅଭିଯୁକ୍ତ ଏବଂ ସେମାନଙ୍କ ସହଯୋଗୀ ବୌଦ୍ଧରୁ ଗଞ୍ଜେଇ ଆଣି ସଡ଼କ ପଥରେ ଭୁବନେଶ୍ୱର ସହରକୁ ଚାଲାଣ କରୁଥିଲେ। ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ଏବଂ ଗଞ୍ଜେଇ ଚୋରା ଚାଲାଣ ନେଟୱାର୍କ ବିଷୟରେ ଅଧିକ ତଥ୍ୟ ଉନ୍ମୋଚନ ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି, ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# କୋଟି କୋଟି ଟଙ୍କା ବ୍ୟୟରେ ବିକାଶ ହୋଇଛି ଷ୍ଟାଡ଼ିୟମ : କ୍ରୀଡ଼ାବିତ୍‌ଙ୍କ କାମରେ ଆସୁନି



**ବ୍ରହ୍ମପୁର,(ଡିକେ ନ୍ୟୁଜ):** ବ୍ରହ୍ମପୁର ଷ୍ଟାଡ଼ିୟମର ବିକାଶ ନାମରେ କ୍ରୀଡ଼ା ଭିତ୍ତିଭୂମିକୁ ନଷ୍ଟ କରାଯାଇଥିବା ଯୋଗୁଁ କ୍ରୀଡ଼ାବିତ୍‌ଙ୍କ ତାଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏକଦା ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଖେଳାଳି ଓ କ୍ରୀଡ଼ାପ୍ରେମୀଙ୍କ ଭିଡ଼ ରହୁଥିଲା। ଏବେ ଏହା ସ୍ୱପ୍ନ ହୋଇଯାଇଛି। ବହୁମୁଖୀ ଖେଳର କେନ୍ଦ୍ରସ୍ଥଳ ବ୍ରହ୍ମପୁର ଷ୍ଟାଡ଼ିୟମର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ବିକାଶ ହୋଇଛି ସତ କିନ୍ତୁ ଏହା କ୍ରୀଡ଼ାବିତ୍‌ଙ୍କ କାମରେ ଆସୁନଥିବା ଅଭିଯୋଗ ହେଉଛି। ବ୍ରହ୍ମପୁର ଷ୍ଟାଡିୟମଟି କେବଳ କ୍ରିକେଟ୍ ଓ ଭାରୋତ୍ତୋଳନରେ ହିଁ ସୀମିତ ରହିଛି। ବ୍ରହ୍ମପୁର ସହରରେ କ୍ରୀଡ଼ାବିତ୍‌ଙ୍କ ସଂଖ୍ୟା ବଢୁଥିବା ବେଳେ ସହରର କୌଣସି ସ୍ଥାନରେ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଭଲ ପଡ଼ିଆଟିଏ ନାହିଁ। ଏକଦା ଯେଉଁ ବ୍ରହ୍ମପୁର ଷ୍ଟାଡ଼ିୟମ୍‌ରେ ଖେଳାଳିମାନେ ଖେଳିବା ସହ ବିଭିନ୍ନ ଖେଳର ଆୟୋଜନ ହେଉଥିଲା ଆଜି ସେହି ଷ୍ଟାଡ଼ିୟମ୍ ଭିତରକୁ ଯିବା ପାଇଁ ଅନୁମତି ମିଳୁନଥିବା ଯୋଗୁଁ ଦେଖାଦେଇଛି। ସହରର କ୍ରୀଡ଼ାର ଭିତ୍ତିଭୂମି ସୁଦୃଢ଼ କରିବା ଲକ୍ଷ୍ୟ ନେଇ ୧୯୮୯ ଜାନୁଆରୀ ୪ତାରିଖରେ ପ୍ରତିଷ୍ଠା ହୋଇଥିଲା ବ୍ରହ୍ମପୁର ଷ୍ଟାଡ଼ିୟମ୍ ଏହି ଷ୍ଟାଡ଼ିୟମ୍ ସହ ସହରବାସୀ ଅଙ୍ଗାଙ୍ଗିଭାବେ ଜଡ଼ିତ ଥିବା ବେଳେ ୨୦୧୨ ଠାରୁ ଏଠାରୁ ଯେଭଳି ଦୂରେଇ ଯାଇଛନ୍ତି। ଏହି ଷ୍ଟାଡ଼ିୟମ୍‌ରେ ଇନ୍‌ଡୋର ଓ ଆଉଟଡୋର୍ ଖେଳ ସମେତ ସମସ୍ତବର୍ଗର ଖେଳାଳିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଷ୍ଟାଡ଼ିୟମ୍‌ର ବିକାଶ କରାଯାଇଥିବା ବେଳେ ସଂପ୍ରତି ଏହା କ୍ରିକେଟ୍ ଓ ଭାରୋତ୍ତୋଳନ ମଧ୍ୟରେ ସୀମିତ ରଖାଯାଇଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବ୍ରହ୍ମପୁର ଷ୍ଟାଡ଼ିୟମ୍‌ରେ ପୂର୍ବରୁ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ସାଙ୍ଗକୁ ଜାତୀୟସ୍ତରର ଖେଳ ପ୍ରତିଯୋଗିତା ଆୟୋଜନ ହେଉଥିଲା ରଣଜୀ ମ୍ୟାଚ୍ ସମେତ ଫୁଟବଲ୍, ଭଲିବଲ୍, ବାସ୍କେଟବଲ୍, ହ୍ୟାଣ୍ଡବଲ୍, ବକ୍ସି ସମେତ ଅନ୍ୟାନ୍ୟ ଖେଳ ପ୍ରତି ଗୁରୁତ୍ୱ ଦିଆଯାଉଥିଲା ଷ୍ଟାଡ଼ିୟମଟି ଖେଳ ଓ ଖେଳାଳିଙ୍କ ପାଇଁ ଉନ୍ମୁକ୍ତ ରହୁଥିବା ଯୋଗୁଁ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା ବି ଏଠାରେ ହେଉଥିଲା। ଏଠାରେ ଥିବା କ୍ରୀଡ଼ା ଛାତ୍ରାବାସରେ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ ସହ ବିଭିନ୍ନ ଖେଳରେ ରାଜ୍ୟ ଓ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିଲେ। ବ୍ରହ୍ମପୁର ଷ୍ଟାଡ଼ିୟମ୍‌ର ନବକଳେବର ହେବା ପରେ ଏହି ଷ୍ଟାଡ଼ିୟମର ନାମ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ୍ ନାମରେ ନାମିତ କରାଯାଇଛି। ଷ୍ଟାଡ଼ିୟମ୍‌ର ବିକାଶ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭିତ୍ତିଭୂମି ନିର୍ମାଣ କରାଯାଇଛି। ଷ୍ଟାଡ଼ିୟମ୍‌ରେ କ୍ରିକେଟ୍ ପାଇଁ ଅଧିକ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଅନ୍ୟାନ୍ୟ ଖେଳକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଷ୍ଟାଡ଼ିୟମର ସୁରକ୍ଷା, ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଏହା ଖେଳାଳିଙ୍କ କାମରେ ଆସୁନଥିବା ଯୋଗୁଁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟତଃ କ୍ରିକେଟ୍ ପାଇଁ ଏଠାରେ ପ୍ରାଧାନ୍ୟ ଦିଆଯାଇଥିବା ସ୍ଥାନୀୟ କ୍ରିକେଟ୍ ଖେଳାଳିଙ୍କ ବିକାଶ ଉପରେ ବି ଗୁରୁତ୍ୱ ଦିଆଯାଉନାହିଁ। ଏଥିନେଇ ସହରର ବହୁ କ୍ରୀଡ଼ାବିତ୍ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ, ସରକାରଙ୍କ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନେଉନଥିବା ଯୋଗୁଁ ଖେଳାଳିଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ଷ୍ଟାଡ଼ିୟମର ବିବିଧ ସମସ୍ୟା ନେଇ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପୂର୍ବଭଳି ଏହାକୁ ବହୁମୁଖୀ ଖେଳ ପାଇଁ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଛନ୍ତି ସହରର କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କ ଅଭିଯୋଗ ସଂପର୍କରେ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ଜେ. କାମେଶ୍ୱର ରାଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପତ୍ର ଲେଖିଥିବା ବେଳେ ଚଳିତ ମାସରେ ଏଥିନେଇ ଆଲୋଚନା ହେବାର ସମ୍ଭାବନା ଅଛି ବୋଲି ସୂଚନା ଦେଇଛନ୍ତି। ତେବେ ରାଜ୍ୟ ସରକାର ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଗ୍ରୁପ୍ ମହିଳାଙ୍କ ଅଜାଣତରେ ବିଭିନ୍ନ ବ୍ୟାଙ୍କରୁ ଲୋନ୍ ଟଙ୍କା ଠକି ନେଇ ମହିଳା ଫେରାର




ପୋଲସରା/ବୁଗୁଡ଼ା, (ଡ଼ିକେ ନ୍ୟୁଜ): କିଛି କାମଧନ୍ଦା ନକରି ଶୀଘ୍ର କିପରି ଲକ୍ଷପତି ଓ କୋଟିପତି ହେବେ ସେହି ନିଶାରେ ଆଜିର ଯୁବଗୋଷ୍ଠୀ। ଏପରିକି କିଛି ମହିଳା ମଧ୍ୟ ରାତାରାତି କୋଟିପତି ହେବାର ଆଶା ରଖି ଭଦ୍ର ଓଢ଼ଣି ତଳେ କ୍ରାଇମ୍ କରିବାକୁ ମଧ୍ୟ ପଛାଉ ନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଫାଣ୍ଡି ଅଧିନରେ ଥିବା ଧେୟାକଣା ଗ୍ରାମରେ। ଝିଲି ଦାସ ନାମକ ଜଣେ ମହିଳା ସେହି ଗ୍ରାମର ମହିଳାଙ୍କ ନାମରେ ବିଭିନ୍ନ ବ୍ୟାଙ୍କରୁ ଲୋନ୍ କରି ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇ କେଉଁ ଆଡେ ଫେରାର୍ ହୋଇଥିବା ଜଣାପଡିଛି। ଶନିବାର ବାଲିଛାଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି ଠକାମୀର ଶିକାର ହୋଇଥିବା ସମସ୍ତ ମହିଳା। ବାଲିଛାଇ ଫାଣ୍ଡି ଅଧିକାରୀ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ବିଚାର କରି ତଦନ୍ତ ପ୍ରକ୍ରିୟା ଜୋରଦାର କରିଥିବା ଜଣାପଡିଛି। ଠକାମୀର ଶିକାର ହୋଇଥିବା ମହିଳାମାନଙ୍କ କହିବା ପ୍ରକାରେ ଧେୟାକଣା ଗ୍ରାମର ଅବିବାହିତା ମହିଳା ଝିଲି ଦାସ ବହୁ ପୂର୍ବରୁ ପ୍ରତ୍ୟେକ ଗ୍ରାମରେ ମହିଳାମାନଙ୍କୁ ନେଇ ଗ୍ରୁପ୍ କରିବା ସହ ବିଭିନ୍ନ ବ୍ୟାଙ୍କରୁ ଲୋନ୍ ଆଣି ମହିଳାଙ୍କ ବିଶ୍ୱାସ ଭାଜନ ହୋଇଥିଲେ। ବିଭିନ୍ନ ବ୍ୟାଙ୍କରୁ ଋଣ ଆଦାନପ୍ରଦାନ ସମୟରେ ଆବଶ୍ୟକତା ପଡୁଥିବା ସମସ୍ତ କାଗଜପତ୍ରରେ ମହିଳାମାନଙ୍କ ସ୍ୱାକ୍ଷର ଓ ଟିପି ଚିହ୍ନ ନେଇ ଝିଲି ଦାସ ଟଙ୍କା ଆଣୁଥିଲେ। ପ୍ରାଇଭେଟ୍ ବ୍ୟାଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଲୋନ୍ ସମ୍ବନ୍ଧୀୟ ଦସ୍ତାବିଜ ଏହି ଗ୍ରୁପ୍ ମହିଳାଙ୍କ ବିନା ଅଜାଣତରେ ସମସ୍ତ ଦସ୍ତାବିଜ ଆଣି ଲୋନ୍ କରିବାରେ ସହାୟକ ହେଉଥିଲେ। ଏପରିକି ପ୍ରତ୍ୟେକ ମହିଳାଙ୍କ ଲୋନ୍ ସୁନିଶ୍ଚିତ କରିବା ପାଇଁ ଚଞ୍ଚକତା କରି ମିଛସତ କହି ସମସ୍ତ ମହିଳାଙ୍କ ଠାରୁ ବିଭିନ୍ନ ବ୍ୟାଙ୍କ କାଗଜରେ ମହିଳାମାନଙ୍କ ଦସ୍ତଖତ କରି ନେଉଥିଲେ। ପରବର୍ତ୍ତୀ ସମୟରେ ଝିଲି ଦାସ ବିଭିନ୍ନ ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କା ଲୋନ୍ କରି ସେହି ସମସ୍ତ ଟଙ୍କା ଧରି ଫେରାର୍ ହୋଇ ଯାଇଛନ୍ତି। ଧେୟାକଣା ଗ୍ରାମରେ ଥିବା ଝିଲି ନିଜ ଘରକୁ ମଧ୍ୟ ଗ୍ରାମର କିଛି ସହଯୋଗୀଙ୍କ ସହଯୋଗରେ ବିକ୍ରି କରିବାର ମସୁଧା କରୁଥିବା ଜଣାପଡିଛି। ଯାହାକୁ ନେଇ ଠକାମୀର ଶିକାର ହୋଇଥିବା ସମସ୍ତ ମହିଳା ପରିବାର ଏକତ୍ରିତ ହୋଇ ପୋଲସରା ତହସିଲଦାରଙ୍କୁ ସାକ୍ଷାତ କରି ଉକ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏସବୁ ପରେ ଗ୍ରୁପ ମହିଳାଙ୍କ ଅଜାଣତରେ ହୋଇଥିବା ବ୍ୟାଙ୍କ ଲୋନକୁ ନେଇ ବିଭିନ୍ନ ବ୍ୟାଙ୍କ କର୍ମଚାରୀ ଏହି ମହିଳା ଗ୍ରୁପଙ୍କୁ ଲୋନ୍ ଟଙ୍କା ପରିଶୋଧ କରିବା ପାଇଁ ବାଧ କରୁଛନ୍ତି। ଯାହାକୁ ନେଇ ଠକାମୀର ଶିକାର ହୋଇଥିବା ମହିଳାମାନେ ବ୍ୟାଙ୍କ ଅଧିକାରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ବାଲିଛାଇ ଫାଣ୍ଡି ସମ୍ମୁଖରେ ଛିଡ଼ା ହୋଇ ମୁଖ୍ୟ ଅଭିଯୁକ୍ତ ଝିଲି ଦାସର ଫୋଟକୁ ଧରି ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦଘାଟନ କଲେ ସାଂସଦ



କଳାହାଣ୍ଡି, (ଡ଼ିକେ ନ୍ୟୁଜ): ଲାଞ୍ଜିଗଡ଼ ବ୍ଲକର ଦୁର୍ଗମରୁ ଅତି ଦୁର୍ଗମ ଅଞ୍ଚଳର ଲୋକେ ବିଶେଷ କରି ରୋଗୀମାନେ ଏବେ ଅତି ସୁଲଭ ମୂଲ୍ୟରେ ପାଇପାରିବେ ବିଭିନ୍ନ ମୂଲ୍ୟବାନ ଓ ଜୀବନରକ୍ଷାକାରୀ ଔଷଧ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଏକ ମହତ୍ୱପୂର୍ଣ୍ଣ ଯୋଜନା ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଏକ ଭବ୍ୟ ସମାରୋହ ମଧ୍ୟରେ ଉଦଘାଟିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନଔଷଧି କେନ୍ଦ୍ରକୁ ଉଦଘାଟନ କରିବା ସହିତ ଏହି କେନ୍ଦ୍ର ଲାଞ୍ଜିଗଡ ବ୍ଲକର ଲୋକଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ବିଜେପି ରାଜ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଜନ ଔଷଧି

# ଆକ୍ରମଣ କରିବା ପଡ଼ିଲା ମହଙ୍ଗା ଜେଲ ଗଲେ ବାପ-ପୁଅ

ଦିଗପହଣ୍ଡି, (ଡ଼ିକେ ନ୍ୟୁଜ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗୌଡ଼ ଗାଁର ସୀମାଞ୍ଚଳ ସେଠୀ ଏବଂ ତାଙ୍କ ପୁଅ ଭବାନୀ ଶଙ୍କର ସେଠୀଙ୍କୁ ଶନିବାର କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ.ଆଇ ଜଗବନ୍ଧୁ ବାର୍ଲା ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୫୨/୨୫) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବ, ଗତ ୬ ତାରିଖ ଅପରାହ୍ନରେ ଗ୍ରାମର ଦୁଃଖିଶ୍ୟାମ ସେଠୀଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାପ-ପୁଅ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ମାଡ଼ ମାରି ତାଙ୍କ ବାମ ହାତ ଭାଙ୍ଗି ଦେଇଥିଲେ। ଦୁଃଖିଶ୍ୟାମଙ୍କ ସମ୍ପର୍କୀୟ ଅଜୟ କୁମାର ସେଠୀ ଏବଂ ଅକ୍ଷୟ କୁମାର ସେଠୀ ପହଞ୍ଚି ଛାଡାଇବାରୁ ସେମାନଙ୍କୁ ମଧ୍ୟ ଅଭିଯୁକ୍ତ ଦ୍ୱୟ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲେ। ଏନେଇ ଦୁଃଖିଶ୍ୟାମ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଆଇଆଇସି କିଶୋର କୁମାର ସାମଲ ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୂର୍ବରୁ ଅଭିଯୁକ୍ତ ଦ୍ୱୟଙ୍କ ନାଁରେ ଥାନାରେ ମାମଲା (ନଂ.୩୩୩/୨୪) ରହିଛି।

# ବାଲିଘାଟରେ ଟିପ୍ପର ଡ୍ରାଇଭରଙ୍କୁ ହତ୍ୟା



ଢେଙ୍କାନାଳ, (ଡ଼ିକେ ନ୍ୟୁଜ): ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ନାଗେନା ବାଲି ଘାଟରେ ଯୁବକଙ୍କ ହତ୍ୟା କରାଯାଇଥିବା ସନ୍ଦେହରେ ଦୁଇଜଣଙ୍କୁ ଅଟକ ରଖି ପୋଲିସର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ନାଗେନା ବାଲିଘାଟରୁ ଦିନରେ ରାତି ସାରା ଶହଶହ ଟ୍ରକ ବାଲି ଚାଲଣ ହୋଇଥାଏ। ଶନିବାର ରାତି ୧୧ଟା ସମୟରେ ରୁଦ୍ର ନାରାୟଣ ନାୟକ ନାମକ ଡ୍ରାଇଭର ବାଲି ଘାଟକୁ ଟିପ୍ପର ନେଇ ଯାଇଥିଲେ। ବାଲି ଆଣିବା ପାଇଁ କନ୍ତୁ ସକାଳେ ପରିବାର ଲୋକ ଖବର ପାଇଥିଲେ ସେଠାରେ କେହି ତାଙ୍କୁ ମାରି ପକାଇ ଦେଇଥିବାର। ରୁଦ୍ରକୁ ହତ୍ୟା ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ। ରବିବାର ସକାଳୁ ଏହି ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାକୁ ନେଇ ବାଲିଘାଟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ମୃତକ ଡ୍ରାଇଭର ଜଣକ ହେଉଛନ୍ତି ସଦର ଥାନା ଅନ୍ତର୍ଗତ ଖମାର ଗ୍ରାମର ୩୨ବର୍ଷୀୟ ଯୁବକ ରୁଦ୍ର ନାରାୟଣ ନାୟକ ବୋଲି ଜଣାପଡିଛି। ତାଙ୍କ ଶରୀରରେ ଅନେକ କ୍ଷତ ଚିହ୍ନ ରହିଥିବା ବେଳେ ସେ ଚଳାଉଥିବା ଟିପ୍ପର ନିକଟରୁ କିଛି ଦୂରରେ ତାଙ୍କ ମୃତଦେହ ପଡିଥିବାର ଦେଖିବାକୁ ମିଳିଥିଲା। ଏନେଇ ସଦର ଥାନାରେ ମୃତକ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି। ସଦରଥାନା ପୋଲିସ ବାଲି ଘାଟରେ ପହଁଚି ତଦନ୍ତ ଜାରି ରଖିବା ସହ ହତ୍ୟା ସନ୍ଦେହରେ ସୁକିନ୍ଦା ଅଂଚଳର ଚିନ୍ମୟ ବେହେରା ଓ ବଡ଼ ନଗେନା ଗ୍ରାମର ପ୍ରମୋଦ ବେହେରା ନାମକ ଦୁଇଜଣ ଜେସିବି ଅପରେଟରଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ଟିମ ପହଞ୍ଚି ତଦନ୍ତ କରିଛି। ଖୁବଶଘ୍ର ଘଟଣା ବିଷୟରେ ପ୍ରକୃତ ତଥ୍ୟ ମିଳିବ ବୋଲି ପୋଲିସ ପ୍ରକାଶ କରିଛି।

# ଭୂମିହୀନମାନଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ ଦାବି



ସମ୍ବଲପୁର, (ଡ଼ିକେ ନ୍ୟୁଜ): ସମ୍ବଲପୁର ବିଜେଡିର ଏକ ପ୍ରତିନିଧି ଦଳ ଭୂମିହୀନମାନଙ୍କୁ ଜାତି ପ୍ରମାଣ ପତ୍ର ପ୍ରଦାନ କରିବା ନେଇ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କୁ ପ୍ରଦାନ କରିବା ସହ ଏନେଇ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରମାନଙ୍କରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଅଧିକାଂଶ ଅଧିବାସୀମାନେ ଭୂମିହୀନ ପରିବାର ଭାବେ ଦୀର୍ଘ ଦିନରୁ ରହି ଆସୁଛନ୍ତି। ତେବେ କୌଣସି ସମୟରେ ଯଦି ନିଜପାଇଁ କିମ୍ବା ସନ୍ତାନମାନଙ୍କ ସକାଶେ ସରକାରଙ୍କ ଠାରେ ବାସିନ୍ଦା, ଜାତି ଓ ଆୟ ପ୍ରମାଣ ପତ୍ରର ଆବଶ୍ୟକତା ପଡେ ଏକ ଭୂମିହୀନ ବ୍ୟକ୍ତି ଜମିପଟ୍ଟା ନଥିବା ଯୋଗୁ ଉକ୍ତ ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଏପରି ସ୍ଥଳେ ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଛି। ବରିଷ୍ଠ ବିଜେଡ଼ି ନେତା ଗୋକୁଳ ମେହେରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଆଜି ଶ୍ରୀକ୍ଷେତ୍ର ଭଉଁରୀ, ସମ୍ପନ୍ନ ହେବ ଚକ ଅଖ ଡେରା ନୀତି

ପୁରୀ, (ଡିକେ ନ୍ୟୁଜ): ସୋମବାର ଭଉଁରୀ ତିଥିରେ ସମ୍ପନ୍ନ ହେବ ଚକ ଅଖ ଡେରା ନୀତି। ରବିବାର ରଥ ନିର୍ମାଣର ଅଷ୍ଟାଦଶ ଦିବସ। ଶନିବାର ସୁଦ୍ଧା ତିନି ରଥର ମୋଟ ୧୮ଟି ଚକ ନିର୍ମାଣ ଶେଷ ହୋଇଥିବା ବେଳେ ରବିବାର ତିନି ରଥର ଆଉ ତିନୋଟି ଲେଖାଏଁ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ତିନୋଟି ଲେଖାଏଁ ତୁମ୍ବରେ ଅର ସଂଯୋଗ ପୂର୍ବକ ଯନ୍ତା ଗାଡ଼ ଠାରେ ତୁମ୍ବ ଅରରେ କଣ୍ଟା ବାଡ଼ିଆ କାର୍ଯ୍ୟ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଶେଷ କରିଥିଲେ। ଏଥିସହ ଅଖ ବିନ୍ଧ ପାଇଁ ରଥ ଚାଳିକୁ ସିଙ୍ଗଡ଼ା ତୁମ୍ବ ଯୋଗାଇଥିଲେ। ସିଙ୍ଗଡ଼ା ତୁମ୍ବ ଗୁଡ଼ିକରେ ରବିବାର ତୁମ୍ବ ବିନ୍ଧ କାରୀଗରଙ୍କ ଦ୍ୱାରା ଅଖ ବିନ୍ଧ ପରେ ତିନି ରଥର ମହାରଣା ସେବକମାନେ ସିଙ୍ଗଡ଼ାରେ ପଇ ରଖି ମାପ ଚିହ୍ନ ଅନୁଯାୟୀ ବଳକା ଅର କଟିଙ୍ଗ କାର୍ଯ୍ୟ ଶେଷ କରିଥିଲେ। ମଧ୍ୟାହ୍ନ ବିରତି ପରେ ତିନି ରଥର ମହାରଣା ସେବକମାନେ ତିନିଟି ଚକ ପାଇଁ ୧୨ଟି ଲେଖାଏଁ ପଇ ବିନ୍ଧ ଶେଷ କରିବା ପରେ ତିନି ରଥର ତିନୋଟି ଲେଖାଏଁ ସିଙ୍ଗଡ଼ାରେ ପଇ ସଂଯୋଗ ଶେଷ ହୋଇଥିଲା। ପଇରେ କିଳା ବାଡିଆ ଶେଷ ହେବା ପରେ ପଇ କଳସା ଜାରି ରହିଛି। ତେବେ ରଥ ଖଳାରେ ସ୍ଥାନାଭାବ ଯୋଗୁଁ ଅଧିକ ଚକ ନିର୍ମାଣ କରି ରଖିବା ସମ୍ଭବ ହୋଇନଥିଲା। ପରମ୍ପରା ଅନୁଯାୟୀ ସୋମବାର ଭଉଁରୀ ତିଥିରେ ଚକଅଖ ଡେରା ନୀତି ସମ୍ପନ୍ନ ହେବା ପରେ ନିର୍ମାଣ ସାରିଥିବା ଚକଗୁଡ଼ିକୁ ବିଧି ଅନୁଯାୟୀ ବାହାରର ନିର୍ଦ୍ଦିଷ୍ଟ ସ୍ଥାନକୁ ଅଣାଯିବ ବୋଲି ସୂଚନା ମିଳିଛି। ଏଥିସହ ରବିବାର ସୁଦ୍ଧା ତିନି ରଥର ସମସ୍ତ ସାଲ ଗୁଜ, ତୀଖଗୁଜ, ଜଳ ଯନ୍ତ୍ର, କୁତୁକା, ଓରା ଏବଂ ଗୋଟିଏ ଲେଖାଏଁ ସିଂହାସନ ନିର୍ମାଣ ସାଙ୍ଗକୁ ସେଥିରେ ତିନି ଥାକିଆ ରାହା କଟା ଶେଷ ହୋଇଛି। ତିନି ରଥର ଗୋଟିଏ ଗୋଟିଏ ପ୍ରଭା ଅପସରା ଚଉପଟ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଏହା ଶ୍ରୀବିଗ୍ରହଙ୍କ ଆସ୍ଥାନ ପଛପର୍ଶ୍ୱରେ ଠାକୁରଙ୍କ ପ୍ରଭା ଫିଟିଂ ପାଇଁ ଲାଗିଯିବ ବୋଲି ଜଣାଯାଇଛି। ସେହିପରି ରୂପକାର ସେବକ ମାନେ ତିନି ରଥର ୧୧ଟି ଲେଖାଏଁ ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଥିବା ବେଳେ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ କରୁଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଆବଶ୍ୟକ ପନ୍ଦାରି, ତୁମ୍ବ ବଳା, ଏଗାରଟି ଚକ ପାଇଁ ଆବଶ୍ୟକ ଅର କଣ୍ଟା ନିର୍ମାଣ ଶେଷ କରିଛନ୍ତି। ଏଥିସହିତ ଚକା ଡେରା ନୀତି ପାଇଁ ଅନୁକୂଳ ପନ୍ଦାରି ଚାବି ନିର୍ମାଣ ମଧ୍ୟ ଶେଷ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜିଲ୍ଲାର ପ୍ରକଳ୍ପ ଗୁଡ଼ିକୁ...

ହେବ ବୋଲି ସେ କହିଥିଲେ। ଜମି ଅଧିଗ୍ରହଣ, ଅର୍ଥ ଯୋଗାଣ ଓ ଜନବଳ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେଣୁ, ମୁଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଉଛି ଯେ ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ କରନ୍ତୁ। ଆବଶ୍ୟକ ହେଲେ ମୁଁ ନିଜେ ଏହି ବିଷୟରେ ହସ୍ତକ୍ଷେପ କରିବି। ବୌଦ୍ଧ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ କୃଷି କ୍ଷେତ୍ରରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସ୍କୁଲ ଓ ହସ୍ପିଟାଲଗୁଡ଼ିକରେ ଭିତ୍ତିଭୂମି ଉନ୍ନତି ଏବଂ କୃଷକମାନଙ୍କ ପାଇଁ ଆଧୁନିକ ସୁବିଧା ଯୋଗାଇ ଦିଆଯାଉ। ଏହି କ୍ଷେତ୍ରଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ସରକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ। ସମସ୍ତ ଅଧିକାରୀ ଏହା ନିଶ୍ଚିତ କରନ୍ତୁ ଯେ ସରକାରୀ ଅର୍ଥର ସଠିକ ବ୍ୟବହାର ହେଉଛି ଏବଂ ଜନସାଧାରଣଙ୍କୁ ଏହାର ସୁଫଳ ମିଳୁଛି। କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ ପୁଣି କହିଥିଲେ ଯେ, ପୂର୍ବ ସରକାର ଏହି ଜିଲ୍ଲା ପ୍ରତି ପାତର ଅନ୍ତର କରିଥିଲେ କିନ୍ତୁ ଆମ ସରକାର, ଏଇ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ଯେ, ଆମେ ବୌଦ୍ଧ ଜିଲ୍ଲାକୁ ଉନ୍ନତିର ଶିଖରରେ ପହଞ୍ଚାଇବୁ। ଆଗାମୀ ଦିନରେ ବୌଦ୍ଧ ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢି ତୋଳିବା ଆମର ଲକ୍ଷ୍ୟ। ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ। ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ। ଉକ୍ତ ସମୀକ୍ଷା ବୈଠକ କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ସରୋଜ କୁମାର ପ୍ରଧାନ, ବିଧାୟକ, କଣ୍ଟାମାଳ, କହ୍ନାଇ ଚରଣ ଡାଙ୍ଗ, ଆରକ୍ଷୀ ମହା ନିରୀକ୍ଷକ, ନୀତି ଶେଖର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆତଙ୍କବାଦୀଙ୍କୁ ସୁରକ୍ଷା...

ଆତଙ୍କବାଦୀଙ୍କୁ ଖୋଜି ନିପାତ କରିବା ପାଇଁ। ଆଜି ଆମେ ସମସ୍ତେ ଗର୍ବର ସହିତ କହି ପାରିବା ଯେ ଦେଶ ସୁରକ୍ଷିତ ହାତରେ ଅଛି, କାରଣ ଦେଶର ସୁରକ୍ଷା ମୋଦୀ ଜୀଙ୍କ ହାତରେ ଅଛି ବୋଲି ସେ କହିଥିଲେ। ସେ ଶେଷରେ କହିଥିଲେଯେ, ଆଜି ଆପଣମାନଙ୍କ ଗହଣରେ ଏଭଳି ଏକ ବିରତ୍ୱଗାଥାର ଶୋଭାଯାତ୍ରାରେ ଯୋଗ ଦେଇ ମୁଁ ଆହ୍ୱାନ କରୁଛି, ଆମକୁ ସୁରକ୍ଷା ପ୍ରଦାନ କରୁଥିବା ବୀରଯବାନମାନଙ୍କ ସମ୍ମାନାର୍ଥେ ପ୍ରତ୍ୟେକ ନାଗରିକ ନିଜକୁ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ କରନ୍ତୁ। ଦେଶର ସୁରକ୍ଷା ସହିତ ବିକାଶ ହିଁ ମୋଦି ଜୀଙ୍କ ମନ୍ତ୍ର। ଆଜି ଆମଦେଶ ବିଶ୍ୱର ସବୁଠାରୁ ଅଧିକ ହାରରେ ବୃଦ୍ଧିହେଉଥିବା ଅର୍ଥନୀତି। ଅପରେସନର ସଫଳତା ଆମ ଦେଶର ସୁରକ୍ଷା ବଳକୁ ବିଶ୍ୱର ଏକ ଅଗ୍ରଣୀ ମିଲିଟାରୀ ଫୋର୍ସ ଭାବେ ପ୍ରତିପାଦନ କରିଛି, ଆମେ ସମସ୍ତେ ଏଥିପାଇଁ ଗର୍ବିତ।

### କୋଠାରେ ଲାଗିଲା...

ସମବେଦନା ଜଣାଇଛନ୍ତି। ଏହା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ସେ ଘୋଷଣା କରିଛନ୍ତି। ମୃତକଙ୍କ ମଧ୍ୟରୁ ଅନେକଙ୍କ ପରିବାର ଲୋକଙ୍କ ସହିତ ଫୋନରେ କଥା ହୋଇଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ଥ ରେଡ୍ଡୀ। ଏହି ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବାକୁ ସେ ମନ୍ତ୍ରୀ ପି.ପ୍ରଭାକରଙ୍କୁ ଦାୟିତ୍ୱ ଦେଇଛନ୍ତି। ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଇସ୍ରୋର ୧୦୧ତମ...

କରି ଇସ୍ରୋ ମୁଖ୍ୟ ଭି.ନାରାୟଣନ କହିଛନ୍ତି ଯେ, ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଇଓଏସ-୦୯ ଉପଗ୍ରହର ଉତ୍କ୍ଷେପଣର ତୃତୀୟ ପର୍ଯ୍ୟାୟରେ ଯାନ୍ତ୍ରିକ ସମସ୍ୟା ଚିହ୍ନଟ କରିଥିଲା ଯାହା ଯୋଗୁ ମିସନ ସମାପ୍ତ ହୋଇପାରି ନଥିଲା। ଇସ୍ରୋ ଅଧ୍ୟକ୍ଷ କହିଛନ୍ତି ଯେ, କାର୍ଯ୍ୟର ତୃତୀୟ ପର୍ଯ୍ୟାୟ ସମୟରେ, ଆମେ ଏକ ପର୍ଯ୍ୟବେକ୍ଷଣର ସମ୍ମୁଖୀନ ହେଲୁ ଏବଂ ମିସନ ସଫଳ ହୋଇପାରିଲା ନାହିଁ। ବିଶ୍ଳେଷଣ ପରେ, ଆମେ ପୁଣି ଧାରାକୁ ଫେରି ଆସିବୁ। ଏହା ଇସ୍ରୋର ୧୦୧ତମ ଉତ୍କ୍ଷେପଣ ଥିଲା ଯେଉଁଥିରେ ଏକ ପୃଥିବୀ ପରିକ୍ରମା କରୁଥିବା ଉପଗ୍ରହ ଇଓଏସ-୦୯ ଉତ୍କ୍ଷେପଣ କରାଯାଇଥିଲା। ଏହାକୁ ଏକ ସୂର୍ଯ୍ୟ ସିଙ୍କ୍ରୋନାସ୍ ପୋଲାର କକ୍ଷପଥ (ଏସଏସପିଓ)ରେ ସ୍ଥାପନ କରାଯିବାର ଥିଲା।

# ଗ୍ରୀଷ୍ମକାଳୀନ ସାଇକେଲ ପ୍ରଶିକ୍ଷଣ ଶିବିର ଉଦଯାପିତ




ଭଦ୍ରକ, (ଡ଼ିକେ ନ୍ୟୁଜ): ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ନେହେରୁ ଷ୍ଟାଡିୟମ ଠାରେ ମଇ ୧ ତାରିଖ ଦିନ ଉଦଘାଟିତ ହୋଇଥିବା ଜିଲ୍ଲାସ୍ତରୀୟ ସାଇକେଲ ପ୍ରଶିକ୍ଷଣ ଶିବିର ରବିବାର ପୂର୍ବାହ୍ନରେ ଉଦଯାପିତ ହୋଇଛି। ଓଡିଶା ସାଇକ୍ଲିଂ ଆସୋସିଏସନ୍ ସହଯୋଗରେ ଆୟୋଜିତ ଏହି ଶିବିରରେ ୫୦ ଜଣ ବାଳକ ବାଳିକା ଯୋଗ ଦେଇ ପ୍ରଭାବୀ ଢଙ୍ଗରେ ସାଇକେଲ ଚାଳନା ପାଇଁ ଆବଶ୍ୟକୀୟ କୌଶଳ ଆହରଣ କରିଥିଲେ। ଉଦଯାପନ ଉତ୍ସବରେ ଓଡିଶା ସାଇକ୍ଲିଂ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ପ୍ରସନ୍ନ ରାଉତ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସାଇକେଲ କ୍ରୀଡ଼ାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏ କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ପରିଲକ୍ଷିତ ହେଉଛି ବୋଲି ମନ୍ତବ୍ୟ ଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଏ କ୍ରୀଡ଼ାର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ରୂପେ ଭଦ୍ରକର ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ମହାନ୍ତି ଏହି ଉତ୍ସବରେ ଉପସ୍ଥିତ ଥିଲେ। ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଧୀରେନ୍ ପଲାଇଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସଫଳତାର ଆୟୋଜିତ ହୋଇଥିଲା। ସାଇକେଲ ବିଭାଗ ସମ୍ପାଦକ ସଂଗ୍ରାମୀ ଦେବୀଦତ୍ତ ନାୟକଙ୍କ ନେତୃତ୍ୱରେ ଗଠିତ ଆୟୋଜନ ସମିତିର ସଦସ୍ୟ ରୂପେ ନବନୀତା ନାୟକ, ସୁବାଷ ଗୋଛାୟତ, ସୂର୍ଯ୍ୟକାନ୍ତ ରାଉଳ ସହଯୋଗ କରିଥିଲେ। ହ୍ୟାପି ହୋମ୍ ସ୍କୁଲର କ୍ରୀଡା ଅଧ୍ୟାପକ ରବିନାରାୟଣ ଓଝା ସଂଯୋଜନା ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

# ସମ୍ବଲପୁରରେ ଜାତୀୟ ବିଷୟ ସମ୍ପର୍କରେ ଆଲୋଚନା




ସମ୍ବଲପର, (ଡ଼ିକେ ନ୍ୟୁଜ): ପ୍ରଜ୍ଞା ପ୍ରବାହ ଓଡିଶା ପଶ୍ଚିମ ପ୍ରାନ୍ତ ଆନୁକୁଲ୍ୟରେ ସ୍ୱଧର୍ମ, ସ୍ୱଭାବ ଓ ସ୍ୱଦେଶ ତଥା ଭାରତୀୟ ଧାରଣାର ପୁନ ୮ଦାବି ସମ୍ପର୍କରେ ଏକ ଆଲୋଚନା ସମ୍ପାନ ତପସ୍ୱିନୀ ହଲରେ ଆୟୋଜିତ ହୋଇଥିଲା। ଏହି ସମାବେଶ ରେ ମୁଖ୍ୟବକ୍ତା ଭାବେ ଜାତୀୟ ଆବହକ ଜେ.ନନ୍ଦକୁମାର ଯୋଗଦେଇ ସୁରେନ୍ଦ୍ର ସାଏ, ମାଧୋ ସିଂହ ଓ ବକ୍ସି ଜଗବନ୍ଧୁଙ୍କ ଅବଦାନ ବିଷୟରେ ଆଲୋକପାତ କରିବା ସହିତ ସ୍ୱଦେଶୀ ଟେକ୍ନୋଲୋଜି ସ୍ୱବିଜ୍ଞାନ ସାହାଯ୍ୟରେ ବିଜୟ, ଭଗବତ ଗୀତାରେ ସ୍ୱଧର୍ମ ଧାରଣା, ସନାତନ ନିୟମ, ହେଲ୍ଲୋ ସଂସ୍କୃତି, ସ୍ୱଧର୍ମ ପାଳନର ଆବଶ୍ୟକତା, ସାମାଜିକ ପରିବର୍ତ୍ତନ ପାଇଁ ସାମୁହିକ ଉଦ୍ୟମ, ମାନସିକ ଅଧୋପତନ, ଭାରତୀୟ ଇତିହାସ ପୁନଃଲିଖନର ଆବଶ୍ୟକତା, ସବୁ ଦିଗରେ ଭାରତର ଅଗ୍ରସରତା, ଭାରତୀୟ ସ୍ୱାଭିମାନ ବିଚାର ବୋଧ, ସମାଜର ପଞ୍ଚ ପରିବର୍ତ୍ତନ ସୁତ୍ର, ସ୍ୱଭୋଜନର ମହତ୍ୱ, ସଂପୂର୍ଣ୍ଣ ସ୍ୱରାଜ୍ୟ ସ୍ଥାପନ ଓ ସ୍ୱାଧୀନତାରୁ ସ୍ୱତନ୍ତ୍ରତାକୁ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଆନନ୍ଦ କୁମାର ପାଣ୍ଡେଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ଓ ସମ୍ମାନୀତ ଅତିଥି ଭାବେ ପଶ୍ଚିମ ପ୍ରାନ୍ତ ସଂଯୋଜକ ଡ.ଅର୍କ କୁମାର ଦାଶ ମହାପାତ୍ର ଯୋଗ ଦେଇଥିଲେ । ମୁଖ୍ୟଅତିଥି ଭାମୁ ଶାନ୍ତି ଓ କ୍ଷମାର ଦେଶ ଭାରତରେ ଆମକୁ ଟେକ୍ନୋଲୋଜିରେ ଆଗୁଆ ହେବାକୁ ପଡିବ ବୋଲି କହିଥିଲେ। ସନ୍ତୋଷ ବେହେରା ଓ ଗାୟତ୍ରୀ ତ୍ରିପାଠୀ ଦେଶ ବନ୍ଦନା ଗାଇ ଥିଲେ।

# କୂଅରେ ପଡି ଭାଲୁ ମୃତ

କେସିଙ୍ଗା, (ଡ଼ିକେ ନ୍ୟୁଜ): କଳାହାଣ୍ଡିର କେସିଙ୍ଗା ରେଞ୍ଜ ଅନ୍ତର୍ଗତ ପଥର୍ଲା ଗ୍ରାମର ବିରାଜ ପଟେଲଙ୍କ ପନିପରିବା ଚାଷ ପାଇଁ ଉଦ୍ଦିଷ୍ଟ ଥିବା କୂଅରେ ପଡ଼ି ଶନିବାର ରାତିରେ ଏକ ଭାଲୁର ମୃତ୍ୟୁ ଘଟିଛି। ବିରାଜ ଭୋର୍‌ରୁ ବାଡ଼ିକୁ ଗଲା ପରେ ଭାଲୁଟି କୂଅରେ ପଡ଼ିଥିବା ଦେଖିବାକୁ ସହ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ଭାଲୁଟିକୁ କୂଅରୁ ଉଦ୍ଧାର କରି କେସିଙ୍ଗା ପ୍ରାଣୀ ଚିକିତ୍ସାଳୟକୁ ଆଣି ଥିବା ବେଳେ ସେଠାରେ ମୃତ ଭାଲୁଟିର ବ୍ୟବଚ୍ଛେଦ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଏହି ଅଞ୍ଚଳରେ ଭାଲୁ ବୁଲୁଥିବାର ଖବର ପୂର୍ବରୁ ବହୁବାର ବନ ଅଧିକାରୀଙ୍କୁ ଖବର ଦେଇଥିଲେ ସୁଦ୍ଧା ବନ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ଆଜି ଭାଲୁଟିର ମୃତ୍ୟୁ ହୋଇଥିବା ଲୋକେ ଚର୍ଚ୍ଚା କରୁଛନ୍ତି।







ପୃଷ୍ଠା-୮

# ଭାଇଙ୍କ ଉପରେ ଖୁବ ରାଗିଲେ ରୋହିତ ଶର୍ମା



ନୂଆଦିଲ୍ଲୀ,୧୮।୫ (ହି.ସ): ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଥିବା ଭାରତର କିମ୍ବଦନ୍ତୀ ବ୍ୟାଟସମ୍ୟାନ ରୋହିତ ଶର୍ମାଙ୍କୁ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ଦ୍ୱାରା ସମ୍ମାନିତ କରାଯାଇଛି। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ତାଙ୍କ ନାମରେ ନାମିତ ଏକ ଷ୍ଟାଣ୍ଡ ଅଛି। ଏହି ଷ୍ଟାଣ୍ଡଟି ଶୁକ୍ରବାର ଉଦଘାଟନ କରାଯାଇଥିଲା ଏବଂ ରୋହିତଙ୍କ ସମ୍ପୂର୍ଣ୍ଣ ପରିବାର ଏହି ଅବସରରେ ଉପସ୍ଥିତ ଥିଲେ। ଷ୍ଟାଡିୟମ ବାହାରେ, ରୋହିତ ତାଙ୍କ ଭାଇ ବିଶାଲଙ୍କ ଉପରେ ରାଗିଥିବାର ଦେଖାଯାଇଥିଲା। ରୋହିତଙ୍କ ବ୍ୟତୀତ, ଏମ୍‌ସିଏ ପୂର୍ବତନ ଭାରତୀୟ ଅଧିନାୟକ ଅଜିତ ୱାଡେକର ଏବଂ ପୂର୍ବତନ ବିସିସିଆଇ ସଭାପତି ଶରଦ ପାୱାରଙ୍କୁ ମଧ୍ୟ ସମ୍ମାନିତ କରିଥିଲା। ରୋହିତଙ୍କ ମାତାପିତା ଏକ ବଟନ ଦବାଇ ତାଙ୍କ ନାମରେ ନାମିତ ଷ୍ଟାଣ୍ଡକୁ ଉଦଘାଟନ କରିଥିଲେ। ଏହି ସମୟରେ ତାଙ୍କ ପରିବାର ବହୁତ ଭାବପ୍ରବଣ ଦେଖାଯାଉଥିଲେ। ୱାଙ୍ଖେଡେ ଷ୍ଟାଡିୟମରେ ଯେତେବେଳେ ସମାରୋହ ଶେଷ ହେଲା, ରୋହିତ ଷ୍ଟାଡିୟମ ବାହାରେ ତାଙ୍କ କାର ପାଇଁ ଅପେକ୍ଷା କରିଥିଲେ। ଯେତେବେଳେ ତାଙ୍କର କଳା କାର ପହଞ୍ଚିଲା, ସେ ସେଥିରେ ଏକ ସ୍କ୍ରାଚ ଦେଖିଲେ। ଏହା ଦେଖି ରୋହିତ ତାଙ୍କ ପଛରେ ଠିଆ ହୋଇଥିବା ତାଙ୍କ ଭାଇ ବିଶାଳଙ୍କ ଉପରେ ଖୁବ ରାଗି ଯାଇଥିଲେ। ସମ୍ମାନିତ ସମାରୋହରେ, ରୋହିତ କହିଥିଲେ ଯେ ସେ କେବେ କଳ୍ପନା କରିନଥିଲେ ଯେ ସେ ଏହି ଷ୍ଟାଡିୟମରେ ଦିନେ ତାଙ୍କ ନାମରେ ନାମିତ ଏକ ଷ୍ଟାଣ୍ଡ ଦେଖିବେ। ରୋହିତ କହିଛନ୍ତି ଯେ ଏହି ଷ୍ଟାଡିୟମରେ କିମ୍ବଦନ୍ତୀମାନଙ୍କ ମଧ୍ୟରେ ତାଙ୍କ ନାମ ଦେଖି ସେ ବହୁତ ଖୁସି ଏବଂ ତାଙ୍କ ଖୁସି ପ୍ରକାଶ କରିବା ପାଇଁ ତାଙ୍କ ପାଖରେ କୌଣସି ଶବ୍ଦ ନାହିଁ। ମହେନ୍ଦ୍ର ସିଂହ ଧୋନିଙ୍କ ପରେ ରୋହିତଙ୍କୁ ଭାରତର ସବୁଠାରୁ ସଫଳ ଅଧିନାୟକମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ତାଙ୍କ ଅଧିନାୟକତ୍ୱରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା। ସମ୍ପ୍ରତି ତାଙ୍କ ଅଧିନାୟକତ୍ୱରେ ଦଳ ଚାମ୍ପିଅନ୍ସ ଟ୍ରଫି-୨୦୨୫ ଜିତିଛି।

# ଲାଇଭ୍ ମ୍ୟାଚ ବେଳେ ଖେଳାଳିଙ୍କୁ ମହୁମାଛି ଆକ୍ରମଣ



ନୂଆଦିଲ୍ଲୀ,୧୮।୫ (ହି.ସ): କାଉଣ୍ଟି ଚାମ୍ପିଅନସିପ ଡିଭିଜନ ୱାନର ଏକ ମ୍ୟାଚ୍ ସମୟରେ ଏପରି ଏକ ଘଟଣା ଘଟିଛି, ଯେଉଁଥିଲାଗି ମ୍ୟାଚ କିଛି ସମୟ ପାଇଁ ବନ୍ଦ କରିବାକୁ ପଡିଛି। ଏହାର କାରଣ ବର୍ଷା ନୁହେଁ ବରଂ ମହୁମାଛି ଥିଲା। ଯାହା ଫଳରେ ପଡ଼ିଆରେ ଉପସ୍ଥିତ ସମସ୍ତ ଖେଳାଳି ଏବଂ ଅମ୍ପାୟାର ଶୋଇ ପଡ଼ିଥିଲେ। ୱର୍ସେଷ୍ଟରଶାୟାର ଏବଂ ଏସେକ୍ସ ମଧ୍ୟରେ ୱର୍ସେଷ୍ଟରରେ ଖେଳାଯାଉଥିବା ମ୍ୟାଚ ସମୟରେ ଏଭଳି ଘଟିଥିଲା। ଏହି ମ୍ୟାଚର ପ୍ରଥମ ଦିନରେ, ୱର୍ସେଷ୍ଟରଶାୟାର ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳି ଦିନର ଶେଷ ସୁଦ୍ଧା ୯ ଉଇକେଟ ବିନିମୟରେ ୩୪୯ ରନ କରିଥିଲା, କିନ୍ତୁ ଦିନର ସବୁଠାରୁ ଭୟଙ୍କର ମୁହୂର୍ତ୍ତ ଥିଲା ଯେତେବେଳେ ସମସ୍ତ ଖେଳାଳି ମହୁମାଛି ଆକ୍ରମଣ ଯୋଗୁ ତଳେ ପଡ଼ି ଯାଇଥିଲେ। ଏହି କାରଣରୁ ମ୍ୟାଚଟିକୁ କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡିଲା। କାଉଣ୍ଟି ଚାମ୍ପିଅନଶିପ ଡିଭିଜନ ୱାନରେ, ଏସେକ୍ସ ଟସ୍ ଜିତି ପ୍ରଥମେ କ୍ଷେତ୍ରରକ୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲା। ୱର୍ସେଷ୍ଟରଶାୟାର ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲା। ମ୍ୟାଚ୍ ସମୟରେ ପଡ଼ିଆରେ ଏକ ଅଜବ ଘଟଣା ଘଟିଥିଲା। ଲାଇଭ ମ୍ୟାଚ୍ ସମୟରେ, ମହୁମାଛିଙ୍କ ଏକ ଦଳ ପଡ଼ିଆ ଭିତରକୁ ପ୍ରବେଶ କରିଥିଲା। ସେମାନଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ, ସମସ୍ତ ଖେଳାଳି ଏବଂ ଅମ୍ପାୟାର ପଡ଼ିଆରେ ଶୋଇ ପଡ଼ିଲେ। ଏହି କାରଣରୁ ମ୍ୟାଚଟି କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡିଲା। ମହୁମାଛି ଦଳ ପଡ଼ିଆ ଛାଡିବା ପରେ, ଖେଳ ପୁଣି ଆରମ୍ଭ ହେଲା। ଏହାର ଭିଡିଓ କାଉଣ୍ଟି ଚାମ୍ପିଅନସିପ ତାର ଇନଷ୍ଟାଗ୍ରାମ ପୃଷ୍ଠାରେ ଅପଲୋଡ କରିଛି।

# ଭାରତରେ ଆୟୋଜିତ ହେବ ସୁଟିଂ ଲିଗ୍ 'ଏସ୍‌ଏଲ୍‌ଆଇ'

ନୂଆଦିଲ୍ଲୀ, ୧୮।୫ (ହି.ସ): କ୍ରିକେଟ୍, ହକି, ଫୁଟବଲ୍ ଓ କବାଡ଼ି ଭଳି ସୁଟିଂରେ ମଧ୍ୟ ଏକ ପେସାଦାର ଲିଗ୍ ଆୟୋଜିତ ହେବ। ଯାହାର ନାଁ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ ବା ଏସ୍‌ଏଲ୍‌ଆଇ ରଖାଯାଇଛି। ଜାତୀୟ ରାଇଫଲ୍ ସଂଘ (ଏନ୍‌ଆର୍‌ଏଆଇ)ର ପରିଚାଳନା ପରିଷଦ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମିଳିତ ହୋଇ ଏହି ପେସାଦାର ଲିଗର ଢାଞ୍ଚା, ନୀତିନିୟମ, ବର୍ଗ, ପୁରସ୍କାର ରାଶି, ଖେଳାଳି ନିଯୁକ୍ତି ଏବଂ ଲୋଗୋ ଉନ୍ମୋଚନ ନେଇ ବିସ୍ତୃତ ଆଲୋଚନା କରିଛି। ସୁଟିଂକୁ ସାରା ଦେଶରେ ଲୋକପ୍ରିୟ କରାଇବା ନେଇ ଏଭଳି ଏକ ପେସାଦାର ଲିଗର ପରିକଳ୍ପନା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସୁଟିଂ ବୈଷୟିକ କମିଟିର ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସକୁ ପରିଷଦ ଗ୍ରହଣ କରିଥିଲା। ସୂଚନା ଅନୁସାରେ ଏହି ପ୍ରତୀକ୍ଷିତ ଲିଗର ପ୍ରଥମ ସଂସ୍କରଣରେ ୧୦ ଓ ୨୫ ମିଟର ପିସ୍ତଲ, ୧୦ ଓ ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ ଏବଂ ସଟଗନ୍ (ଟ୍ରାପ୍ ଓ ସ୍କିଟ୍)ର ମିଶ୍ରିତ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଲିଗ୍ ନଭେମ୍ବର ୨୦ରୁ ଆରମ୍ଭ ହୋଇ ୨ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ୮ଟି ଦଳକୁ ଚାରିଟି ଲେଖାଏଁ ଦଳର ଦୁଇଟି ପୁଲରେ ବିଭକ୍ତ କରାଯିବ। ନଭେମ୍ବର ୨୧ରୁ ୨୬ ଲିଗ୍ ପର୍ଯ୍ୟାୟ ଖେଳାଯିବ। ପ୍ରତ୍ୟେକ ପୁଲର ଶୀର୍ଷ ଦୁଇ ଦଳ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏଥିରେ ଭାରତ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଷ୍ଠିତ ସୁଟିଂ ତାରକା ଅଂଶଗ୍ରହଣ କରିବେ। ସବୁ ଦଳରେ ସନ୍ତୁଳନ ରକ୍ଷା କରିବା ଲାଗି ଖେଳାଳିଙ୍କୁ ଚାରିଟି ସ୍ତର ଯଥା ଏଲିଟ୍ ଚାମ୍ପିଅନ୍ସ, ୱାର୍ଲଡ ଏଲିଟ୍, ନ୍ୟାସନାଲ ଚାମ୍ପିଅନ୍ସ ଏବଂ ଜୁନିଅର୍ ଓ ୟୁଥ୍ ଚାମ୍ପିଅନ୍ସରେ ବିଭକ୍ତ କରାଯିବ। ପ୍ରତିଯୋଗିତାର ଲୋଗୋ ନୂଆଦିଲ୍ଲୀରେ ଜୁନ୍ ୪ ତାରିଖରେ ଉନ୍ମୋଚିତ ହେବ। ଏଥିନେଇ ପୂର୍ବତନ ଅନ୍ତର୍ଜାତୀୟ ସୁଟିଂ ତାରକା, ବଲାଙ୍ଗୀର ସାଂସଦ ତଥା ଏନ୍‌ଆର୍‌ଏଆଇ ସଭାପତି କଳିକେଶ ନାରାୟଣ ସିଂହଦେଓ କହିଛନ୍ତି, ଏହା ହେଉଛି ଏକ ଶୀର୍ଷସ୍ତରୀୟ କ୍ରୀଡ଼ା ସହ ଲିଗ୍ ଶୈଳୀ ମନୋରଞ୍ଜନର ସମିଶ୍ରଣୟ ଏସ୍‌ଏଲ୍‌ଆଇ, ସୁଟିଂକୁ ଏକ ଖେଳ ଭାବେ ନୂଆ ସ୍ତରକୁ ନେଇ ଆଗାମୀ ପିଢ଼ିଙ୍କୁ ଅନୁପ୍ରେରିତ କରିବ। ଏହାକୁ ଏବେ ଚାରିଆଡୁ ସମର୍ଥନ ମିଳୁଛି। ଏସ୍‌ଏଲ୍‌ଆଇ ଭାରତୀୟ ସୁଟିଂ ଦୃଶ୍ୟପଟ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣି ନୂଆ ସୀମା ସରହଦ ଛୁଇଁବ। ପ୍ରଥମ ଥର ଲାଗି ଏଭଳି ଏକ ଲିଗର ପରିକଳ୍ପନା କରି ଆମେ ଗର୍ବିତ। ଫ୍ରାଞ୍ଚାଇଜ ଭିତ୍ତିକ ଲିଗ୍ ପାଇଁ ବହୁ ବିଶ୍ୱସ୍ତରୀୟ ସୁଟର୍ ଗୋଟିଏ ଦଳରୁ ଖେଳିବାର ସୁଯୋଗ ପାଇବେ। ନିଜ ନିଜ ମଧ୍ୟରେ ଅଭିଜ୍ଞତା ବାଣ୍ଟିବାର ସୁଯୋଗ ବି ପାଇବେ। ଏହାଦ୍ୱାରା କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ସୁଟିଂର ଉନ୍ନତି ହେବ। ବହୁ ଯୁବ ପ୍ରତିଭା ମଧ୍ୟ ଏହି ଖେଳ ପ୍ରତି ଆକର୍ଷିତ ହେବେ।

# କୋହଲିଙ୍କ ରେକର୍ଡ ଭାଙ୍ଗିବାର ନିକଟତର କେଏଲ ରାହୁଲ




ନୂଆଦିଲ୍ଲୀ, ୧୮।୫ (ହି.ସ): ଦିଲ୍ଲୀ କ୍ୟାପିଟାଲ୍ସର ୱିକେଟକିପର ବ୍ୟାଟସମ୍ୟାନ୍ କେଏଲ ରାହୁଲଙ୍କୁ ତାଙ୍କ ଟି-୨୦ କ୍ୟାରିୟରରେ ୮୦୦୦ ରନ ପୂରଣ କରିବା ପାଇଁ ମାତ୍ର ୩୩ ରନ ଆବଶ୍ୟକ, ସେ ଏହା କରିବା ମାତ୍ରେ ବିରାଟ କୋହଲିଙ୍କ ଏକ ବଡ଼ ରେକର୍ଡ ଭାଙ୍ଗିବେ। ରାହୁଲ ଏହି ସିଜିନରେ ବହୁତ ଭଲ ଫର୍ମରେ ଅଛନ୍ତି। ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ୧୧ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇଛି, ଗୋଟିଏ ମ୍ୟାଚ୍ ଅମୀମାଂସିତ ଥିଲା। ଦଳ ୧୩ ପଏଣ୍ଟ ସହିତ ପଞ୍ଚମ ସ୍ଥାନରେ ଅଛି। ଆଜିର ମ୍ୟାଚ୍ ପରେ ମଧ୍ୟ ଏହାକୁ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଜିତିବାକୁ ପଡିବ, କିନ୍ତୁ ଯଦି ଦଳ ଗୋଟିଏ ମଧ୍ୟ ମ୍ୟାଚ୍ ହାରିଯାଏ, ତେବେ ପ୍ଲେଅଫରେ ପହଞ୍ଚିବାର ସ୍ୱପ୍ନ ଅନ୍ୟ ଦଳଗୁଡ଼ିକର ଫଳାଫଳ ଉପରେ ନିର୍ଭର କରିବ। ରବିବାର କେଏଲ ରାହୁଲ ନିଜ ନାମରେ ଏକ ବଡ଼ ରେକର୍ଡ କରିପାରନ୍ତି। ବିରାଟ କୋହଲି ବର୍ତ୍ତମାନ ଟି-୨୦ କ୍ରିକେଟରେ ୮ ହଜାର ରନ କରିବାରେ ସବୁଠାରୁ ଦ୍ରୁତତମ ଭାରତୀୟ ବ୍ୟାଟସମ୍ୟାନ। ସେ ବିଶ୍ୱରେ ତୃତୀୟ ସ୍ଥାନରେ ଅଛନ୍ତି। କିନ୍ତୁ କେଏଲ ରାହୁଲ ତାଙ୍କ ରେକର୍ଡ ଭାଙ୍ଗି ପାରନ୍ତି। ବିରାଟ ତାଙ୍କ ଟି-୨୦ କ୍ୟାରିୟରର ୮୦୦୦ ରନ ୨୫୭ ମ୍ୟାଚ୍ ଏବଂ ୨୪୩ ଇନିଂସରେ ପୂରଣ କରିଥିଲେ। କେଏଲ ରାହୁଲଙ୍କ ୨୩୭ତମ ମ୍ୟାଚ୍ ଏବଂ ୨୨୪ତମ ଇନିଂସ ହେବ, ସେ ତାଙ୍କର ୮ ହଜାର ଟି-୨୦ ରନ୍ ଠାରୁ ମାତ୍ର ୩୩ ରନ୍ ଦୂରରେ ଅଛନ୍ତି। ରାହୁଲଙ୍କ ବର୍ତ୍ତମାନ ୭୯୬୭ ରନ ଅଛି, ଯେଉଁଥିରେ ୬ ଶତକ ଏବଂ ୬୮ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ଏହି ତାଲିକାର ଶୀର୍ଷରେ ଅଛନ୍ତି ପୂର୍ବତନ ୱେଷ୍ଟଇଣ୍ଡିଜ୍ ବ୍ୟାଟ୍ସମ୍ୟାନ୍ କ୍ରିସ୍ ଗେଲ୍, ଯିଏ ୨୧୭ ମ୍ୟାଚ୍ ଏବଂ ୨୧୩ ଇନିଂସରେ ଏହି ସଂଖ୍ୟାରେ ପହଞ୍ଚିଥିଲେ। ଦ୍ୱିତୀୟ ସ୍ଥାନରେ ଅଛନ୍ତି ବାବର ଆଜମ, ଯିଏ ୨୨୭ ମ୍ୟାଚ୍ ଏବଂ ୨୧୮ ଇନିଂସରେ ୮ ହଜାର ଟି-୨୦ ରନ୍ ପୂରଣ କରିଛନ୍ତି। ପ୍ରଥମ ମ୍ୟାଚ୍ ଖେଳି ନଥିବା କେଏଲ ରାହୁଲ ଏହି ସିଜିନରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୦ଟି ମ୍ୟାଚ୍ ଖେଳି ୩୮୧ ରନ୍ କରିଛନ୍ତି। ଏଥିରେ ୩ଟି ଅର୍ଦ୍ଧଶତକୀୟ ଇନିଂସ ଅନ୍ତର୍ଭୁକ୍ତ। ସେ ୩୦ଟି ଚୌକା ଏବଂ ୧୬ଟି ଛକା ମାରିଛନ୍ତି। ରାହୁଲ ୧୦ ଏପ୍ରିଲରେ ବେଙ୍ଗାଲୁରୁରେ ଅପରାଜିତ ୯୩ ରନ କରି ଆରସିବି ବିପକ୍ଷରେ ତାଙ୍କର ସବୁଠାରୁ ବଡ଼ ଇନିଂସ ଖେଳିଥିଲେ। ସେ ଚେନ୍ନାଇ ଏବଂ ଲକ୍ଷ୍ନୌ ବିପକ୍ଷରେ ଅନ୍ୟ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଗତ ଥର ଯେତେବେଳେ ଦିଲ୍ଲୀ ବନାମ ଗୁଜରାଟ ଟାଇଟାନ୍ସ ମ୍ୟାଚ୍ ହୋଇଥିଲା, ରାହୁଲ ୨୮ ରନ୍ କରିଥିଲେ।

# ଧୋନି ଏବେ ଅବସର ନେବେ ନାହିଁ

ଚେନ୍ନାଇ, ୧୮।୫ (ହି.ସ): ବିଗତ କିଛି ବର୍ଷ ହେବ ମହେନ୍ଦ୍ର ସିଂହ ଧୋନିଙ୍କ ଆଇପିଏଲ୍ ଅବସରକୁ ନେଇ ଢେର ଚର୍ଚ୍ଚା ହୋଇଥିଲେ ବି ଏହାର ଅନ୍ତ ଘଟିପାରିନାହିଁ। ପ୍ରତିଟି ସଂସ୍କରଣ ଶେଷ ଆଡ଼କୁ ଏହି ଚର୍ଚ୍ଚା ଜୋର ଧରିଥାଏ ଏବଂ ଧୋନିଙ୍କ ଶାନ୍ତ ସ୍ୱଭାବ ଭଳି ଏହି ଚର୍ଚ୍ଚା ବି ଶାନ୍ତ ପଡ଼ିଯାଏ। ଚଳିତ ଆଇପିଏଲରେ ସେହି ସମାନ ଅବସ୍ଥା ଦେଖିବାକୁ ମିଳିଛି। ସିଏସକେ ଏଥର ୧୨ ମ୍ୟାଚରୁ ୯ ହାରି ପଏଣ୍ଟ ଟେବୁଲର ଶେଷରେ ରହିବା ସହ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ଶେଷ ଦୁଇ ମ୍ୟାଚ୍ କେବଳ ଔପଚାରିକତା ରହିଛି। ତେବେ ଧୋନିଙ୍କ ଅବସର ଚଳିତ ସଂସ୍କରଣ ଶେଷରେ ହେବ ନାହିଁ ବୋଲି ସିଏସକେର ଏକ ଆଭ୍ୟନ୍ତରୀଣ ସୂତ୍ର ପ୍ରକାଶ କରିଛି। 'ଥାଲା'ଙ୍କ ପକ୍ଷରୁ ସେଭଳି କୌଣସି ସଙ୍କେତ ମିଳିନାହିଁ। ଏଥି ପାଇଁ ଅଧିକ ସମୟ ଲାଗିବ ବୋଲି କୁହାଯାଇଛି। ସେ ଅଧିନାୟକ ପଦ ଛାଡ଼ିଲେ ବି ତାଙ୍କ ଅଭିଜ୍ଞତା ଓ ଫିଟନେସ୍ ଦଳ ପାଇଁ ବହୁମୂଲ୍ୟ ରହିଛି। କାରଣ ଦଳ ଏବେ ଋତୁରାଜ ଗାଏକ୍ୱାଡଙ୍କ ଅଧୀନରେ ପୁନର୍ଗଠନ ପ୍ରକ୍ରିୟାରେ ରହିଛି। ସୂଚନାଯୋଗ୍ୟ,



ଧୋନିଙ୍କ ନେତୃତ୍ୱରେ ସିଏସକେ ୨୦୨୩ରେ ପଞ୍ଚମ ଆଇପିଏଲ୍ ଟ୍ରଫି ଜିତିଥିଲା। ଚଳିତ ଋତୁ ପ୍ରାରମ୍ଭରୁ ଗାଏକ୍ୱାଡ ଆହତ ହୋଇପଡ଼ିବାରୁ ଧୋନିଙ୍କୁ ପୁଣି ନେତୃତ୍ୱ ଦାୟିତ୍ୱ ମିଳିଥିଲେ ବି ଦଳର ଦୟନୀୟ ପ୍ରଦର୍ଶନ ଜାରି ରହିଥିଲା। ଅନ୍ୟ ଏକ ସୂତ୍ରରୁ ପ୍ରକାଶ ଧୋନିଙ୍କ ଅବସର ଘୋଷଣା ଆଇପିଏଲ୍ ଚାଲିଥିବାବେଳେ ନୁହେଁ, ଅଫ୍ ସିଜନରେ ହେବାର ସମ୍ଭାବନା ଅଧିକ ରହିଛି।

# ଓସିଏ ଭିଜନ ୨୦୩୦ ଇଣ୍ଟ୍ରା ସ୍କୁଲ କ୍ରିକେଟ୍ ପ୍ରତିଯୋଗିତା



ଝାରସୁଗୁଡ଼ା, ୧୮।୫ (ହି.ସ): ଓଡିଶା କ୍ରିକେଟ୍ ଆସୋସିଏସନ୍ ଆନୁକୁଲ୍ୟରେ ଝାରସୁଗୁଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଦ୍ୱାରା ଆୟୋଜିତ ଇଣ୍ଟ୍ରା ସ୍କୁଲ କ୍ରିକେଟ୍ ପ୍ରତିଯୋଗିତା ୨୦୨୫। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ପଞ୍ଚମ ମ୍ୟାଚରେ ସେଣ୍ଟ ମେରୀ ସ୍କୁଲ ଝାରସୁଗୁଡ଼ା ଓ ରେଡ କମ୍ବାଇନ ବ୍ରଜରାଜନଗର ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ରେଡ୍ କମ୍ବାଇନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୩୦ ଓଭରରେ ୮ ୱିକେଟ୍ ହରାଇ ୨୦୫ କରିବାରେ ସକ୍ଷମ ହୋଇଥିଲା। ୨୦୬ ରନ୍ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲା ସେଣ୍ଟ ମେରୀ ସ୍କୁଲ। ହେଲେ ସେଣ୍ଟ ମେରୀ ସ୍କୁଲ ଦଳ ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୬ ରନ୍ କରିବାରେ ସକ୍ଷମ ହୋଇଥିଲା। ଯାହାଫଳରେ ୫୯ ରନରେ ବିଜୟୀ ହାସଲ କରିଥିଲା ରେଡ କମ୍ବାଇନ ଟିମ୍। ରେଡ କମ୍ବାଇନ ବ୍ରଜରାଜନଗର ଦଳର ଅନୁଜ ସିଂ ୧୨୪ (୯୨) ରନ କରିଥିବାରୁ ମ୍ୟାନ୍ ଅଫ ଦି ମ୍ୟାଚର ପୁରସ୍କାର ହାତେଇଥିଲେ। ବ୍ରଜରାଜନଗର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନିରୁଦ୍ଧ କେୱଟ ଓ ଜୟସିଂ ଅମ୍ପାୟାର ଭାବେ ମ୍ୟାଚଟିକୁ ପରିଚାଳନା କରିଥିଲେ। ସେହିଭଳି ନାସିର ମଲ୍ଲିକ ଅନ୍ ଲାଇନ୍ ସ୍କୋରିଂ କରିଥିଲେ। ପ୍ରଜ୍ୱଲ୍ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅଶୋକ କୁମାର ପ୍ରଧାନ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ମିଥୁନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କଲା ବିଏମସି



ମୁମ୍ବାଇ, ୧୮।୫ (ହି.ସ): ବିଏମସି ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ତେବେ ଅଭିନେତାଙ୍କୁ ଏହି ନୋଟିସ ବେଆଇନ ନିର୍ମାଣ ଅଭିଯୋଗରେ ଜାରି କରାଯାଇଛି। ବେଆଇନ ନିର୍ମାଣ ସମ୍ପର୍କରେ ବିଏମସି ଦ୍ୱାରା ପଠାଯାଇଥିବା ନୋଟିସରେ ଜବାବ ପାଇଁ ମାତ୍ର ୭ ଦିନର ସମୟ ଦିଆଯାଇଛି। ସୂଚନାଯୋଗ୍ୟ, ମିଥୁନଙ୍କୁ ମୁମ୍ବାଇର ମାଲାଡର ଏରଙ୍ଗଲ ଗାଁରେ ହୋଇଥିବା ବେଆଇନ ନିର୍ମାଣ ଘଟଣାକୁ ନେଇ ନୋଟିସ ଦିଆଯାଇଛି। ବିଏମସି ମଇ ୧୦ ତାରିଖରେ ଏହି ନୋଟିସ ଜାରି କରିଛି। ଏହି ନୋଟିସରେ ବିଏମସି ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନର ବିଭିନ୍ନ ଧାରା ଅନୁଯାୟୀ ବେଆଇନ ନିର୍ମାଣକୁ ଉଲ୍ଲେଖ କରିଛି। ନୋଟିସରେ ବିଏମସି ଅଭିଯୋଗ କରିଛି ଯେ ଅନୁମତି ବିନା ଗ୍ରାଉଣ୍ଡ-ପ୍ଲସ୍-ମେଜନାଇନ୍ ଫ୍ଲୋର୍ ସହିତ ଦୁଇଟି ଗଠନ, ଗୋଟିଏ ଗ୍ରାଉଣ୍ଡ-ଫ୍ଲୋର୍ ଷ୍ଟ୍ରକଚର ଏବଂ ତିନୋଟି ଅସ୍ଥାୟୀ ୧୦×୧୦ ୟୁନିଟ୍ ନିର୍ମାଣ କରାଯାଇଥିଲା। ଏହି ୟୁନିଟଗୁଡ଼ିକରେ ଇଟା, କାଠ ପଟା, କାଚ କାନ୍ଥ ଏବଂ ଏସି ସିଟ୍ ଛାତ ବ୍ୟବହାର କରାଯାଇଛି। ଯାହା ନିୟମର ଉଲ୍ଲଂଘନ କରିଛି। ଯଦି କୌଣସି ସନ୍ତୋଷଜନକ ସ୍ପଷ୍ଟୀକରଣ ନ ମିଳେ, ତେବେ ନିର୍ମାଣକୁ ଭାଙ୍ଗି ଦିଆଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ତେବେ ବେଆଇନ ନିର୍ମାଣକୁ ନେଇ ହୋଇଥିବା ଅଭିଯୋଗକୁ ମିଥୁନ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରି କହିଛନ୍ତି, 'ମୋର କୌଣସି ବେଆଇନ ନିର୍ମାଣ ନାହିଁ। ଅନେକ ଲୋକଙ୍କୁ ଏନେଇ ନୋଟିସ ପଠାଯାଇଛି। ଆମକୁ ବି ପଠା ଯାଇଥିଲା। ଆମେ ଆମର ଉତ୍ତର ପଠାଇ ଦେଇଛୁ।'

# ମାଡାମ ତୁସାଦରେ ଅଭିନେତାଙ୍କ ସହ ପୋଷା କୁକୁରର ମହମ ପ୍ରତିମୂର୍ତ୍ତି ଉନ୍ମୋଚିତ




ନୂଆଦିଲ୍ଲୀ, ୧୮।୫ (ହି.ସ): ଫିଲ୍ମ 'ଆର୍‌ଆର୍‌ଆର୍'ର ସଫଳତା ପରେ ଗ୍ଲୋବାଲ୍ ଷ୍ଟାର୍ ପାଲଟି ଯାଇଛନ୍ତି ସାଉଥ୍ ସୁପରଷ୍ଟାର୍ ରାମଚରଣ। ଏବେ ତାଙ୍କ ସଫଳ କ୍ୟାରିୟରରେ ଆଉ ଏକ ଉପଲବ୍ଧି ଯୋଡି ହୋଇଛି। ଲଣ୍ଡନର ଫେମସ୍ ୱାକ୍ସ ମ୍ୟୁଜିୟମ୍ ମାଡାମ ତୁସାଦରେ ପୋଷା କୁକୁର ରାଇମ ସହିତ ରାମଚରଣଙ୍କ ଏକ ମହମ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପୂର୍ବରୁ ମଧ୍ୟ ବହୁ ଭାରତୀୟ ସେଲିବ୍ରିଟିଙ୍କ ମହମ ପ୍ରତିମା ତିଆରି ହୋଇସାରିଛି। ହେଲେ ରାମଚରଣଙ୍କ ପ୍ରତିମାଟି ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। କାରଣ ଏହା ହେଉଛି କୌଣସି ସେଲିବ୍ରିଟିଙ୍କର ପ୍ରଥମ ମହମ ପ୍ରତିମା, ଯେଉଁଥିରେ ସାଥିରେ ତାଙ୍କ ପୋଷାପ୍ରାଣୀ ଶୋଭା ପାଉଛି। ଏହା ପୂର୍ବରୁ କୌଣସି ଭାରତୀୟ ସେଲିବ୍ରିଟିଙ୍କର ଏଭଳି ମହମ ପ୍ରତିମା ତିଆରି କରାଯାଇ ନଥିଲା। ଲଣ୍ଡନରେ ଅନୁଷ୍ଠିତ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ରାମଚରଣ, ତାଙ୍କ ପରିବାର ଓ ବନ୍ଧୁବର୍ଗ ଯୋଗ ଦେଇଥିଲେ। ଏହି ଉନ୍ମୋଚନ ସମୟରେ ଅଭିନେତାଙ୍କ ପରିବାର ଭାବବିହ୍ୱଳ ହୋଇପଡିଥିଲେ। ତେବେ ଏହି ମହମ ପ୍ରତିମୂର୍ତ୍ତିରେ ରାମଚରଣଙ୍କର ଓସ୍କାର୍ ପୁରସ୍କାର ସମାରୋହରେ ଯୋଗ ଦେବା ସମୟର ଲୁକ୍ ରହିଛି।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik